


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-195 ♦SATURDAY ♦10 JANUARY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୯୫ ♦ଶନିବାର ♦୧୦ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ପରିବହନ ବିଭାଗର 'ଅନ୍ଧ ନୀତି'

# ବିନା ଅକଲରେ ଦିଲ୍ଲୀକୁ ନକଲ

■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟ ପରିବହନ ବିଭାଗ ଦ୍ୱାରା 'ପିୟୁସିସି ନାହିଁ ତ ତେଲ ନାହିଁ' ଭଳି ଅପରିପକ୍ୱ ନିଷ୍ପତ୍ତି ଯୋଗୁଁ ହରଡ଼ଘଣାରେ ପଡ଼ିଛନ୍ତି ସରକାର। ପରିବହନ ପ୍ରାଧିକରଣ 'ଏସ୍‌ଟିଏ'ର ଏହି ନିର୍ଦ୍ଦେଶନାମା ଏବେ ପରିବହନ ବିଭାଗ

### ଦିଲ୍ଲୀ ଢାଞ୍ଚାରେ ଓଡ଼ିଶା କଷୁଛି ୧୦,୦୦୦ ଜରିମାନା

### ଅଧିକାଂଶ ରାଜ୍ୟରେ ପିୟୁସିସି ଜରିମାନା ୧୦୦୦ ଟଙ୍କା

ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଶିରପୀଡ଼ାର କାରଣ ହୋଇଛି। ଏପରି ଅପରିଣାମଦର୍ଶୀ ନିଷ୍ପତ୍ତି ପାଇଁ ସରକାର ଅକଲରେ ପଡ଼ିଛନ୍ତି ଓ ପରିସ୍ଥିତି ଖରାପ ହେବା ପୂର୍ବରୁ ୟୁ-ଟର୍ଣ୍ଣ ନେଇ ପ୍ରଦୂଷଣ ଜୋରିମାନା ହ୍ରାସ ପାଇଁ ନିର୍ଦ୍ଦେଶନାମା ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ତେବେ ଦିଲ୍ଲୀକୁ ନକଲ କରି ଓଡ଼ିଶାରେ ପରିବହନ ପ୍ରାଧିକରଣ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ହିଁ ସବୁ ସମସ୍ୟାର ମୂଳ ବୋଲି କୁହାଯାଉଛି । ପ୍ରଦୂଷଣ ଯୋଗୁଁ ଦେଶର ସବୁଠୁ ସମ୍ବେଦନଶୀଳ ସହର ଭାବେ ପରିଗଣିତ ହେଉଥିବା ଦିଲ୍ଲୀରେ ଏହି ନିୟମ ପରିଚାଳିତ ହେଉଛି। ଦିଲ୍ଲୀକୁ ଛାଡ଼ି ଦେଲେ ଦେଶର କୌଣସି ସ୍ଥାନରେ ବର୍ତ୍ତମାନ ସମୟରେ ଏଭଳି ବିଚିତ୍ର ନିୟମ କାର୍ଯ୍ୟକାରୀ ହେଉନାହିଁ।

▶ପୃଷ୍ଠା-୭

### ରାଜ୍ୟ ସରକାର ଓ ପରିବହନ କମିସନରଙ୍କୁ ଜବାବ ତଲବ



■ କଟକ, ୯ ।୧ (ସମିସ): ଇ-ଚିହ୍ନଟ ମାଧ୍ୟମରେ ଜାରି କରାଯାଉଥିବା ମୋଟାଅଙ୍କର ପ୍ରଦୂଷଣ ଚାଲାଣକୁ ବେଆଇନ ଦର୍ଶାଇବା ସହ ଏହାକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜନୈକା ମହିଳା। ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାର ଓ ପରିବହନ କମିସନରଙ୍କୁ ହାଇକୋର୍ଟ ଆଜି ନୋଟିସ ଜାରି ସହ ଜବାବ ତଲବ କରିଛନ୍ତି। ଡ. କୀର୍ତ୍ତିଧାରା ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ଗତ ୨୦୨୫ ଡିସେମ୍ବର ୨୧ରେ ଆବେଦନକାରୀଙ୍କ କାର୍ (ଓଡି୦୨ଏଟି୭୨୦୦)ର ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନଥିବାରୁ ୧୦ହଜାର ଟଙ୍କାର ଇ-ଚାଲାଣ ଜାରି କରାଯାଇଥିଲା। ଏହି ଚାଲାଣଟି ଗାଡ଼ି ଚେକିଂ ବେଳେ କୌଣସି

▶ପୃଷ୍ଠା-୭

### ଅପରିପକ୍ୱ ନୀତି: ନବୀନ



■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନେଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟରେ ହଠାତ୍ 'ପିୟୁସି ନାହିଁ ତ ତୈଳ ନାହିଁ' ନିୟମକୁ ଲାଗୁ କରିବା ଦ୍ୱାରା ଦେଖାଦେଇଥିବା ଅବ୍ୟବସ୍ଥା ସରକାରଙ୍କ ଅପରିପକ୍ୱ ନୀତି ଓ ବିନା ପ୍ରସ୍ତୁତିର ଫଳ ବୋଲି ନବୀନ କହିଛନ୍ତି। ଶୁକ୍ରବାର ରାଜ୍ୟରେ ପିୟୁସିସି

▶ପୃଷ୍ଠା-୭

**ସୁସ୍ଥ ପରିବେଶ ସହ ଭଲ ଶାସନ ପାଇବାକୁ ଓଡ଼ିଶାବାସୀ ହକ୍‌ଦାର**

**ପ୍ରଦୂଷଣ ନିୟନ୍ତ୍ରଣ ନାମରେ ରାଜ୍ୟବାସୀଙ୍କୁ ହଇରାଣ କରା ନ ଯାଉ**

### ଇଡି ଚଢ଼ଉ ବିରୋଧରେ ଟିଏମ୍‌ସିର ପ୍ରତିବାଦ

## ମମତାଙ୍କ ମହାରାଲି



■ ନୂଆଦିଲ୍ଲୀ, ୯ ।୧ (ଏଜେନ୍ସି): ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଆଇଟି ସେଲ୍‌ର ମୁଖ୍ୟଙ୍କ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଚଢ଼ାଉ କରିଥିଲା। ଏହା ବିରୋଧରେ ଟିଏମ୍‌ସି ଶୁକ୍ରବାର ଦିଲ୍ଲୀରୁ କୋଲକାତ ପର୍ଯ୍ୟନ୍ତ ପ୍ରତିବାଦ ଓ ଶୋଭାଯାତ୍ରା କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ଅପରାହ୍ଣ ୨ଟାରେ ଇଡିର ଚଢ଼ାଉକୁ ବିରୋଧ କରି ଶୋଭାଯାତ୍ରା ଆରମ୍ଭ କରିଥିଲେ। ଏଥିରେ ବହୁସଂଖ୍ୟାରେ ଟିଏମ୍‌ସି ସମର୍ଥକ ଯୋଗ ଦେଇଥିଲେ। ଇଡି ବିରୋଧରେ ସେ ଦୁଇଟି ଏଫ୍‌ଆଇଆର ଦାଏର କରିଛନ୍ତି।

**୮ ସାଂସଦଙ୍କୁ ଅଟକ ରଖିବାର ୨ ଘଣ୍ଟା ପରେ ଛାଡ଼ିଲା ପୁଲିସ**

ସେ ଅମିତ ଶାହାଙ୍କୁ ଖୋଲା ଖୋଲି ଧମକ ଦେଇ କହିଛନ୍ତି ଯେ, ତାଙ୍କ ବରୋଧରେ ମୋ ପାଖରେ ପେନ୍ ଡ୍ରାଇଭ ଅଛି। ମୋ ସହ ଲାଗିଲେ ଛାଡ଼ିବି

▶ପୃଷ୍ଠା-୭

# ରେକର୍ଡ ଭାଙ୍ଗୁଛି ଶୀତ

### ଶିମିଳିପାଳରେ ବିୟୁକ୍ତ ୧ ଡିଗ୍ରୀ

■ ଭୁବନେଶ୍ୱର/ବାରିପଦା, ୯ ।୧ (ସମିସ): ମାଘ ମାସରେ ଅନୁଭୂତ ହେଉଛି ବାଘ ଭଳି ଶୀତ। ଲଗାତାର ଭାବେ ପାରଦ ତଳମୁହାଁ ହେତୁ ଅଧିକାଂଶ ସ୍ଥାନରେ ଶୀତ ଲହରୀ ଜାରି ରହିଛି। ଉପାନ୍ତରୁ ଉପକୂଳ ଯାଏଁ ପ୍ରବଳ ଜାଡ଼ରେ ଥରୁଛି ସାରା ଓଡ଼ିଶା। ରାଜ୍ୟର ପାହାଡ଼ିଆ ଅଞ୍ଚଳ ଭଳି ସମତଳ ଅଞ୍ଚଳରେ ମଧ୍ୟ ପ୍ରବଳ ଶୀତ ଅନୁଭୂତ ହେବା ସଙ୍ଗେ ସଙ୍ଗେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ କାଠୁଆ ଶୀତ ପଡ଼ିଛି। ସ୍ଥିତି ଏମିତି ହୋଇଛି, ଗତ ୨୪ ଘଣ୍ଟାରେ ରାଉରକେଲାର ତାପମାତ୍ରା ସମତଳ ଅଞ୍ଚଳରେ ଦେଶର ଚତୁର୍ଥ ସର୍ବନିମ୍ନ ତାପମାତ୍ରା ଭାବେ ରେକର୍ଡ ହୋଇଛି। ଶିମିଳିପାଳ ଜାତୀୟ ଉଦ୍ୟାନରେ ପାରଦ ବିୟୁକ୍ତ ୧ ଡିଗ୍ରୀ ରେକର୍ଡ ହୋଇଛି। ବୁଧବାର ଓ ଗୁରୁବାର ଦୁଇଦିନ ଧରି ଉପରବାର୍‌ହାକାମୁଡା (ୟୁବିକେ)ରେ ତାପାମାତ୍ରା ଶୂନ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଆଜି ପାରଦ ବିୟୁକ୍ତ ୧ ଡିଗ୍ରୀକୁ ଖସି ଆସିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ

▶ପୃଷ୍ଠା-୭

**୧୦ ଡିଗ୍ରୀ ତଳେ ୨୫ ସହର**

**ରବିବାର ପରେ ଶୀତର ପ୍ରଭାବ ସାମାନ୍ୟ କମିବ**

**ରାଉରକେଲା ଦେଶର ଚତୁର୍ଥ ଥଣ୍ଡା ସମତଳ ଅଞ୍ଚଳ**

### ବରଫ ପାଲଟିଲା ଡାଲ୍ ହ୍ରଦ



■ ଶ୍ରୀନଗର, ୯ ।୧ (ଏଜେନ୍ସି): ଉତ୍ତର ଭାରତରେ ଶୀତର ଲହର ଜାରି ରହିଛି। ଜମ୍ମୁ-କଶ୍ମୀରରେ ଚିଲାଇ କଲାନ ଯୋଗୁଁ ଚଳିତ ଶୀତ ଋତୁରେ ସବୁଠାରୁ ଥଣ୍ଡା ରାତି ରେକର୍ଡ କରାଯାଇଛି। ପ୍ରବଳ ଥଣ୍ଡା ଯୋଗୁ ଏହି ଋତୁରେ ପ୍ରଥମଥର ପାଇଁ ବିଶ୍ୱ ପ୍ରସିଦ୍ଧ ଡାଲ ହ୍ରଦ କିଛି ଅଂଶ ଜମାଟ ବାନ୍ଧି ଯାଇଥିଲା। ଶ୍ରୀନଗରର ତାପମାତ୍ର ଶୂନରୁ ତଳକୁ ଖସି ବିୟୁକ୍ତ ୬ ଡିଗ୍ରୀରେ ପହଞ୍ଚିଛି ବୋଲି ପାଣିପାଗ ବିଭାଗ ତରଫରୁ କୁହାଯାଇଛି। ଥଣ୍ଡା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ସେପଟେ ରାଜସ୍ଥାନରେ ମଧ୍ୟ ପ୍ରବଳ ଥଣ୍ଡା ପଡିଛି। ଉଦୟପୁର, ଚିତ୍ତୋରଗଡ଼ ଓ ବାଂସୱାଡାରେ ଘନ କୁହୁଡି ଛାଇ ହୋଇ ରହିଥିଲା। ମଧ୍ୟପ୍ରଦେଶର ୧୭ଟି ଜିଲ୍ଲାରେ କୁହୁଡି ପଡିଛି। ଫଳରେ ଏକ ଡଜନ ଟ୍ରେନ୍ ବିଳମ୍ବ ହୋଇଥିଲା। ବିହାରରେ ପ୍ରବଳ ଶୀତ କାରଣରୁ ୧,୦୦୦ରୁ ଅଧିକ ପିଲା ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ଉତ୍ତରପ୍ରଦେଶର କାଶୀରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଛି ଓ ୨୨ ବର୍ଷ ତଳର ରେକର୍ଡ ଭାଙ୍ଗିଛି।

### କଚ୍ଚା ଘରକୁ ନେଇ ଦ୍ୱନ୍ଦ୍ୱ

**୨୦୨୦ରେ ୨୦ ଲକ୍ଷ; ୨୦୨୫ରେ ୩୭.୮୯ ଲକ୍ଷ**

■ ଭୁବନେଶ୍ୱର, ୯ ।୧ (ସମିସ): ରାଜ୍ୟରେ କଚ୍ଚା ଘର ସଂଖ୍ୟାକୁ ନେଇ ତୁଟୁନାହିଁ ଦ୍ୱନ୍ଦ୍ୱ। ୨୦୨୦ ମସିହାରେ ରାଜ୍ୟରେ ୨୦ ଲକ୍ଷ କଚ୍ଚା ଘର ଥିବା ତତ୍‌କାଳୀନ ସରକାର ବିଧାନସଭାରେ ତଥ୍ୟ ଉପସ୍ଥାପନ କରିଥିବାବେଳେ ନୂଆ ସରକାର କରିଥିବା ସର୍ଭେରେ ଏହି ସଂଖ୍ୟା ୩୭.୮୯ ଲକ୍ଷକୁ ବୃଦ୍ଧି ପାଇଛି । ମାତ୍ର ବିଡ଼ମ୍ବନା ହେଉଛି ଏତେ ସଂଖ୍ୟକ ଲୋକ କଚ୍ଚା ଘରେ ରହୁଥିବାବେଳେ ଏମାନଙ୍କ ମଧ୍ୟରୁ ମାତ୍ର ୧୦ ଲକ୍ଷ ଲୋକଙ୍କୁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ୨୦୧୧ ମସିହାରେ ଜନଗଣନା ଅନୁସାରେ ରାଜ୍ୟରେ

▶ପୃଷ୍ଠା-୭

### ସ୍ୱର୍ଗଦ୍ୱାର ଆଗରେ ଗଡ଼ିଲା ମୁଣ୍ଡ

**ଶବଦାହ ପାଇଁ ଆସି ଶବ ହୋଇଗଲେ**

■ ପୁରୀ, ୯।୧ (ସମିସ): ଶବଦାହ ପାଇଁ ଆସି ଶବ ପାଲଟିଗଲେ। ବଡ଼ ପାଟିରେ କଥାବାର୍ତ୍ତା ହେବାରୁ ବେକରେ ଛୁରି ଭୁସିଦେଲା ଦୁର୍ବୃତ୍ତ। ସ୍ୱର୍ଗଦ୍ୱାର ନିକଟ ଚୈତନ୍ୟ ଛକରେ ଗୁରୁବାର ରାତିଅଧରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ଯୁବକଜଣଙ୍କ ହେଲେ, ଭଦ୍ରକ ଜିଲ୍ଲା ଆପଣ୍ଡାର ରଞ୍ଜନ ଦାସ। ସମୁଦ୍ରକୂଳ ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ତା'ଠାରୁ ଏକ ରକ୍ତଲଗା ଛୁରି ମଧ୍ୟ ଜବତ କରିଛି। କିନ୍ତୁ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୁଲିସ ତା' ନାମ ପ୍ରକାଶ କରିନାହିଁ। ଘଟଣାରେ ଅନ୍ୟ ଜଣେ ଯୁବକ ମଧ୍ୟ ଆହତ ହୋଇଛନ୍ତି। ଏହି ଘଟଣା ପୁରୀର ଆଇନଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଆହତ ହୋଇଥିବା ମାନସ କୁମାର ନାୟକ ଏ ସଂପର୍କରେ ଏକ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗରୁବାର

▶ପୃଷ୍ଠା-୭

**ବଡ଼ପାଟିରେ କଥା ହେବାରୁ ଛୁରି ଭୁସିଦେଲା ଦୁର୍ବୃତ୍ତ**






### ମା' ତାରିଣୀଙ୍କ ହୁଣ୍ଡିରୁ ମିଳିଲା ୩୦ ଲକ୍ଷ ଟଙ୍କା

■ ଘଟଗାଁ, ୯।୧ (ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା'ତାରିଣୀ ମନ୍ଦିର ପରିସରରେ ଥିବା ୧୩ଟି ହୁଣ୍ଡିର ଟଙ୍କା, ସୁନା ଓ ରୁପା ଗଣତି ହୋଇଛି। ଏଥିରୁ ୩୦ ଲକ୍ଷ ୬ ୨ ହଜାର ୧୯୫ ଟଙ୍କା ମିଳିଛି। ସେହିପରି ସୁନା ୪୪ ଗ୍ରାମ ୨୮୦ ମିଳିଗ୍ରାମ, ରୁପା ୯୯୯ ଗ୍ରାମ ୧୭୦ ମିଲିଗ୍ରାମ ମିଳିଛି। ଡିଭିଜିନାଲ ନିରୀକ୍ଷକ ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୀବ ମହାପାତ୍ର, ପୁଲିସ ଓ ବ୍ୟାଙ୍କ କର୍ମଚାରୀ ଉପସ୍ଥିତରେ ହୁଣ୍ଡିଗୁଡ଼ିକ ଖୋଲାଯାଇଥିଲା। ମନ୍ଦିର କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ଶରତ ବେହେରା, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଗଗନ ବଳ, ନବୀନ ମହନ୍ତ, ଦେବଦତ୍ତ ବଳ, ଚନ୍ଦ୍ରା ମୁଖି, ନାରାୟଣ ମୁଖି, ସନାତନ ନାଏକ, ଚକ୍ରଧର ନାଏକ, ଅରୁଣ ନାଏକ, ଶଙ୍କର୍ଷଣ ନାଏକ, ହରିହର ମହନ୍ତ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।




## ଟ୍ରମ୍ପଙ୍କୁ ଭେଟିବାକୁ ୱାଶିଂଟନ ଯିବେ ମାରିଆ ମାଚାଡୋ

କାରାକାସ, ୯ ।୧(ଏଜେନ୍ସି): ଭେନେଜୁଏଲାର ବିରୋଧୀ ଦଳ ନେତା ମାରିଆ ମାଚାଡୋ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାକୁ ୱାଶିଂଟନ ଆସିବେ । ଏ ନେଇ ଟ୍ରମ୍ପ ଗୁରୁବାର ସୂଚନା ଦେଇଛନ୍ତି । ମାଚାଡୋଙ୍କୁ ଭେଟିବାକୁ ଟ୍ରମ୍ପ ଅପେକ୍ଷ କରି ରହିଛନ୍ତି ବୋଲି ସେ କହିଛନ୍ତି । ଆସନ୍ତା ସପ୍ତାହରେ ଦୁଇଜଣଙ୍କ ଭେଟ ହେବା ନିଶ୍ଚିତ ହୋଇଛି । କିଛିଦିନ ପୂର୍ବେ, ରାଷ୍ଟ୍ରପତି ସାମ୍ବାଦିକମାନଙ୍କୁ କହିଥିଲେ ଯେ, ମାଚାଡୋ ଜଣେ ଉତ୍ତମ ମହିଳା । କିନ୍ତୁ ଭେନେଜୁଏଲାର ନେତୃତ୍ୱ ପାଇଁ ଦେଶରେ ତାଙ୍କର ଜନ ସମର୍ଥନ ନାହିଁ । ମାଚାଡୋ ପୂର୍ବରୁ ତାଙ୍କ ନୋବେଲ ଶାନ୍ତି ପୁରସ୍କାରକୁ ଟ୍ରମ୍ପଙ୍କ ପ୍ରତି ଉତ୍ସର୍ଗ କରିଥିଲେ । ଗତ ଅକ୍ଟୋବରରେ ମାଚାଡୋଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ସେପଟେ ଟ୍ରମ୍ପଙ୍କ ଅନୁରୋଧ କ୍ରମେ ଭେନେଜୁଏଲା ଏକାଧିକ ରାଜନେତାଙ୍କ ସମେତ ଅନେକ ହାଇ-ପ୍ରୋଫାଇଲ କଏଦୀଙ୍କୁ ମୁକ୍ତ କରିବା ଆରମ୍ଭ କରିଛି ।

## ଭ୍ୟାନ୍-ଟ୍ରକ୍ ଧକ୍କାରେ ୪ ମୃତ, ୭ ଆହତ

ବେଙ୍ଗାଲୁରୁ, ୯ ।୧(ଏଜେନ୍ସି): କର୍ଣ୍ଣାଟକର ତୁମକୁରୁ ଜିଲ୍ଲାରେ ବସନ୍ତନରସପୁରା ଶିଳ୍ପାଞ୍ଚଳ ନିକଟର କୋରା ଅଞ୍ଚଳରେ ଏକ କ୍ରୁଜର ଗାଡ଼ି ସହ ଟ୍ରକ୍ ଧକ୍କା ହେବା ଫଳରେ ୪ ଜଣ ତୀର୍ଥଯାତ୍ରୀ ମୃତ୍ୟୁବରଣ କରିଛନ୍ତି ଓ ଅନ୍ୟ ୭ ଜଣ ଆହତ ହୋଇଛନ୍ତି । ସେମାନେ କେରଳର ସାବରୀମାଲାରୁ ଫେରିବା ବେଳେ ଏହି ଶୁକ୍ରବାର ଭୋର ୪.୪୦ରେ ଏହି ଦୁର୍ଘଟଣା ଘଟିଛି ବୋଲି କୁହାଯାଉଛି । ମୃତକଙ୍କ ମଧ୍ୟରେ ଜଣେ ଝିଅ ସାମିଲ ଅଛନ୍ତି । ଶ୍ରଦ୍ଧାଳୁଙ୍କୁ ନେଇ ଆସୁଥିବା ଏହି କ୍ରୁଜର ଗାଡ଼ି ସଡ଼କରେ ଠିଆ ହୋଇଥିବା ଟ୍ରକ୍‌କୁ ଧକ୍କା ଦେଇ ତା ଭିତରକୁ ପଶି ଯାଇଥିଲା । ଫଳରେ ଜଣେ ଛୋଟ ପିଲା ସହ ୪ ଜଣ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ଗୁରୁତର ଭାବେ ଆହତ ହୋଇଥିବା ଅନ୍ୟ ୭ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି ।

## ନ୍ୟୁୟର୍କ ଯିବାକୁ ୬୭୦ କିମି ସଡ଼କରେ ଗଲେ ଜୟଶଙ୍କର

ୱାଶିଂଟନ, ୯ ।୧(ଏଜେନ୍ସି): ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଆମେରିକାରେ ବେଶ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି । ନ୍ୟୁୟର୍କରେ ପହଞ୍ଚିବା ପାଇଁ ତାଙ୍କୁ ସଡକପଥରେ ଯିବାକୁ ହୋଇଛି । ଏଥିପାଇଁ ସେ ୬୭୦ କିମି କାର୍‌ରେ ହିଁ ଯାତ୍ରା କରିଥିଲେ । ଜୟଶଙ୍କର ଜାତିସଙ୍ଘର ମହାସଚିବ ଅଣ୍ଟୋନିଓ ଗୁଟେରେସଙ୍କ ସହିତ ନ୍ୟୁୟର୍କରେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକରେ ମିଳିତ ହେବାର କାର୍ଯ୍ୟକ୍ରମ ଥିଲା । ଆମେରିକା ବୈଦେଶିକ ବିଭାଗ ଅଧିନରେ ଆସୁଥିବା କୂଟନୈତିକ ସୁରକ୍ଷା ସେବା (ଡିଏସ୍ଏସ୍)ର ଏକ ରିପୋର୍ଟ ଅନୁଯାୟୀ, ସଟ୍‌ଡାଉନ ଯୋଗୁଁ ସାରା ଦେଶରେ ବାଣିଜ୍ୟିକ ବିମାନ ଚଳାଚଳ ବନ୍ଦ ରହିଥିଲା । ତେବେ ସୁରକ୍ଷା ଏଜେଣ୍ଟମାନେ କାନାଡ଼ା- ଆମେରିକା ସୀମାରେ ଲୁଇଷ୍ଟନ-କୁଇନ୍ସଟନ ସେତୁରେ ଜୟଶଙ୍କରଙ୍କୁ ସ୍ୱାଗତ କରିଥିଲେ । ସେଠାରୁ ମାନ୍‌ହାଟନକୁ ଯିବା ପାଇଁ ପ୍ରାୟ ସାଢ଼େ ୭ ଘଣ୍ଟା ସମୟ ଲାଗିଥିଲା । ଏହି ସମ୍ପୂର୍ଣ୍ଣ କାର୍ଯ୍ୟରେ ୨୭ ଜଣ ସୁରକ୍ଷା ଏଜେଣ୍ଟ ସାମିଲ ଥିଲେ । ଥଣ୍ଡା, ଦୃଶ୍ୟମାନ ଦୂରତା ହ୍ରାସ ଓ ଲମ୍ବା ଯାତ୍ରା ଯୋଗୁଁ ଡ୍ରାଇଭରମାନଙ୍କୁ ସମୟକ୍ରମେ ପରିବର୍ତ୍ତନ କରାଯାଇଥିଲା । ସୁରକ୍ଷା ଏଜେନ୍ସିଗୁଡିକ ପ୍ରତିକୂଳ ପାଗ ପାଇଁ ଆଗୁଆ ପ୍ରସ୍ତୁତି କରିଥିଲେ ।

## ଜମ୍ମୁ-କଶ୍ମୀରରେ ନାଳରେ ପଡ଼ି ଦୁଇ ସେନା ପୋର୍ଟରଙ୍କ ମୃତ୍ୟୁ

ଶ୍ରୀନଗର, ୯ ।୧(ଏଜେନ୍ସି): ଉତ୍ତର କଶ୍ମୀରର ବାରାମୁଲା ଜିଲ୍ଲାର ଉପର ଗୁଲମାର୍ଗ ଅଞ୍ଚଳରେ ଏକ ପରୱାର୍ଡ ପୋଷ୍ଟକୁ ଯାଉଥିବା ବେଳେ ନାଳରେ ପଡ଼ି ଦୁଇଜଣ ଆର୍ମି ପୋର୍ଟର ଅର୍ଥାତ ସେନା କୁଲି ମୃତ୍ୟୁବରଣ କରିଛନ୍ତି । ଗୁରୁବାର ସନ୍ଧ୍ୟାରେ ହିଁ ଏହି ଘଟଣା ଘଟିଛି ବୋଲି ସେନାର ଅଧିକାରୀମାନେ ସୂଚନା ଦେଇଛନ୍ତି । ଦୁଇଜଣ ଅନୀତା ପୋଷ୍ଟକୁ ଯାଉଥିଲେ । ପ୍ରବଳ ତୁଷାରପାତ ଯୋଗୁଁ ଶୀତଦିନ ଏହି ଅଞ୍ଚଳରେ ରାସ୍ତା ବନ୍ଦ ହୋଇଯାଇଥାଏ । ତୁଷାରପାତ କାରଣରୁ ଖସଡା ରାସ୍ତାରେ ଚାଲିବା ସମୟରେ ଦୁଇଜଣ ଭାରସାମ୍ୟ ହରାଇ ଡ୍ରେନ୍ ଭିତରକୁ ଖସି ପଡ଼ିଥିଲେ । ସୂଚନା ପାଇବାମାତ୍ରେ ଉଦ୍ଧାରକାରୀ ଦଳ ତୁରନ୍ତ ସନ୍ଧାନ ଅଭିଯାନ ଆରମ୍ଭ କରିଥିଲେ । ନିରନ୍ତର ପ୍ରୟାସ ପରେ, ଦୁଇ ଜଣ ପୋର୍ଟରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ।

# ଜଳୁଛି ଇରାନ

- ଦରଦାମ ବୃଦ୍ଧି ବିରୋଧରେ ୧୦୦ ସହରରେ ପ୍ରତିବାଦ
- ଏପର୍ଯ୍ୟନ୍ତ ୪୫ ଜଣ ମୃତ୍ୟୁବରଣ କରିଛନ୍ତି
- ଟ୍ରମ୍ପଙ୍କୁ ଖୁସି କରିବାକୁ ଦେଶକୁ ନଷ୍ଟ କରନାହିଁ: ଖାମନେଇ
- ଦେଶରେ ଇଣ୍ଟରନେଟ, ଫୋନ ସେବା ବନ୍ଦ
- ତେହେରାନ ବିମାନ ବନ୍ଦରକୁ ମଧ୍ୟ ବନ୍ଦ କରାଯାଇଛି





ଇରାନ, ୯ ।୧(ଏଜେନ୍ସି): ଇରାନରେ ଏବେ ଜେନ୍- ଜେଡ୍ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଛି । ଦରଦାମ ବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ବିରୋଧ କରି ସାରା ଦେଶର ୧୦୦ଟି ସହରରେ ପ୍ରତିବାଦ ତଥା ଆନ୍ଦୋଳନ ଦ୍ରୁତବେଗରେ ବ୍ୟାପିବାରେ ଲାଗିଛି । ୧୩ ଦିନ ଧରି ଚାଲିଥିବା ଏହି ପ୍ରତିବାଦରେ ଗୁରୁବାର ରାତିରେ ସ୍ଥିତି ଆହୁରି ଖରାପ ହୋଇଥିଲା । ପ୍ରତିବାଦରେ ଏପର୍ଯ୍ୟନ୍ତ ୪୫ ଜଣ ନାଗରିକ ମୃତ୍ୟୁବରଣ କରିଛନ୍ତି । ଏଥିରେ ୮ ଜଣ ଶିଶୁ ସାମିଲ ରହିଛନ୍ତି । ଏକାଧିକ ପୁଲିସ ଅଧିକାରୀ ଏଥିରେ ମୃତ୍ୟୁବରଣ କରିଛନ୍ତି । ଦେଶରେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇଛି । ୨,୨୭୦ ଲୋକଙ୍କୁ ଅଟକ ରଖାଯାଇଛି । ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିବା ସହ ବିଭିନ୍ନ ସ୍ଥାନରେ ନିଆଁ ଲଗାଇଥିଲେ । ଲୋକେ 'ଖାମନେଇଙ୍କ ମୃତ୍ୟୁ ଓ ଇସ୍‌ଲାମିକ ଗଣରାଜ୍ୟ ଶେଷ ହୋଇଛି' ବୋଲି ସ୍ଲୋଗାନ ଦେଇଥିଲେ । ସାରା ଦେଶରେ ଇଣ୍ଟରନେଟ ଓ ଫୋନ ସେବାକୁ ବନ୍ଦ କରାଯାଇଛି । ତେହେରାନ ବିମାନ ବନ୍ଦରକୁ ମଧ୍ୟ ବନ୍ଦ କରିଦିଆଯାଇଛି ଓ ସେନାକୁ ସତର୍କ ରଖାଯାଇଛି । ନିର୍ବାସିତ ରାଜକୁମାର ରାଜା ପହଲବୀ ଆନ୍ଦୋଳନ ପାଇଁ ଲୋକଙ୍କୁ ସଡ଼କକୁ ଓହ୍ଲାଇବାକୁ ଆହ୍ୱାନ ଦେଇଥିଲେ । ୧୯୭୯ରେ ଇସ୍‌ଲାମିକ କ୍ରାନ୍ତି ଦ୍ୱାରା ପହଲବୀଙ୍କ ପିତାଙ୍କୁ କ୍ଷମତାରୁ ହଟାଯାଇଥିଲା । ଯୁବରାଜ ପହଲବୀ ଏବେ ଆମେରିକାରେ ରହୁଛନ୍ତି । ଦେଶବ୍ୟାପୀ ପ୍ରତିବାଦ ଚାଲିଥିବା ବେଳେ ଇରାନର ସର୍ବୋଚ୍ଚ ନେତା ଅଲି ଖାମନେଇ ପ୍ରଥମଥର ପାଇଁ ଦେଶକୁ ସମ୍ବୋଧିତ କରିଥିଲେ । ଇରାନର ସରକାରୀ ଟିଭି ଖାମନେଇଙ୍କ ଭାଷଣର ପ୍ରସାରଣ କରିଥିଲା । ସେ କହିଥିଲେ ଯେ, ପ୍ରତିବାଦକାରୀ ଅନ୍ୟ ଦେଶର ରାଷ୍ଟ୍ରପତିଙ୍କୁ ଖୁସି କରିବାକୁ ପ୍ରୟାସ କରୁଛନ୍ତି ଓ ଏଥିପାଇଁ ନିଜ ଦେଶକୁ ନଷ୍ଟ କରିବାକୁ ପଛାଉ ନାହାନ୍ତି । ବିଦେଶୀମାନଙ୍କ ପାଇଁ କାର୍ଯ୍ୟ କରୁଥିବା ଭଡ଼ାଟିଆଙ୍କୁ ଇରାନ ସହ୍ୟ କରିବ ନାହିଁ । ପ୍ରତିବାଦ ପଛରେ ବିଦେଶୀ ଏଜେଣ୍ଟ ଅଛନ୍ତି ଓ ଏମାନେ ହିଁ ଦେଶରେ ହିଂସାକୁ ଉସୁକାଉଛନ୍ତି ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ଇରାନରେ ଅତ୍ୟଧିକ ଦରଦାମ ବୃଦ୍ଧି କାରଣରୁ ଆର୍ଥିକ ସ୍ଥିତି ଖରାପ ହୋଇଛି । ଫଳରେ ଯୁବ ସମାଜ ଅର୍ଥାତ ଜେନ୍- ଜେଡ ଦେଶବ୍ୟାପୀ ନିଜର ଅସନ୍ତୋଷ ପ୍ରଦର୍ଶନ କରିଛି ।

## ହିମାଚଳରେ ଖାଇକୁ ବସ୍ ଖସି ୧୨ ମୃତ, ୩୩ ଆହତ

ହରିପୁରଧର, ୯ ।୧(ଏଜେନ୍ସି): ହିମାଚଳ ପ୍ରଦେଶର ସିରମୌରରେ ଶୁକ୍ରବାର ଏକ ଘରୋଇ ବସ୍ ୨୦୦ମିଟର ଖାଇକୁ ଖସିପଡ଼ିବା ଫଳରେ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ୧୨ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୩ ଜଣ ଆହତ ହୋଇଛନ୍ତି । ଜଣେ ଛୋଟ ଝିଅ ସମେତ ୪ ଜଣଙ୍କ ଅବସ୍ଥା ଗୁରୁତର ଅଛି । ଝିଅଟିକୁ ନାହାନ ନିଆଯାଇଛି ଓ ଅନ୍ୟ ୩ ଜଣଙ୍କୁ ସିମଲାର ଆଇଜିଏମ୍‌ସି ହସ୍ପିଟାଲକୁ ପଠାଯାଇଛି । ବସ୍‌ରେ ମହିଳା ଓ ପିଲାମାନଙ୍କ ସହ ୪୫ ଜଣ ଯାତ୍ରା କରୁଥିଲେ । ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ । ଦୁର୍ଘଟଣା ସିରମୌରର ହରିଧରପୁର ବଜାରରୁ ୧୦୦ ମିଟର ପୂର୍ବରୁ ଅପରାହ୍ଣ ୨.୪୫ରେ ଘଟିଥିଲା । ଏହି ବସ ସିମଲାରୁ କୁପଭି ଅଭିମୁଖେ ଯାତ୍ରା କରୁଥିଲା । ଶିମଲାରୁ ଏହି ବସ୍ ସକାଳ ୭.୩୦ରେ ବାହାରିଥିଲା । କପଭିର ୨୮ କିମି ପୂର୍ବରୁ ବସ୍ ଖାଇକୁ ଖସିପଡ଼ିଥିଲା । ବସ୍ ତଳେ ୫ ଜଣ ଦବି ରହିଛନ୍ତି ବୋଲି କୁହାଯାଇଛି । ଘନ କୁହୁଡି କାରଣରୁ ଦୁର୍ଘଟଣା ହୋଇଥିଲା ।

### ଆମେରିକାକୁ ଡେନ୍‌ମାର୍କର କଡ଼ା ଜବାବ୍

## ପ୍ରଥମେ ଗୁଳି ମାରିବୁ, ତା'ପରେ କଥା ହେବୁ

କୋପେନହେଗେନ, ୯ ।୧(ଏଜେନ୍ସି): ଗ୍ରୀନଲାଣ୍ଡକୁ ଅକ୍ତିଆର କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେବା ପରେ ଡେନମାର୍କ ଏହାର କଡ଼ା ଜବାବ ଦେଇଛି । ଡେନମାର୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଟ୍ରମ୍ପ ଧମକର ଜବାବ୍ ଦେଇ କହିଛି ଯେ, ଯଦି କୌଣସି ବିଦେଶୀ ଶକ୍ତି ଆକ୍ରମଣ କରନ୍ତି ତେବେ, ଆମ ସୈନିକ କୌଣସି ଆଦେଶ କିମ୍ବା ନିର୍ଦ୍ଦେଶରେ ଅପେକ୍ଷା ନ କରି ତୁରନ୍ତ ଜବାବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗୁଳି ଚଳାଇବ । ୧୯୫୨ରୁ ବିନା ଆଦେଶରେ ଗୁଳି ଚଳାଇବାର ନିୟମ ଜାରି ହୋଇଛି । ସେତେବେଳେ ଡେନମାର୍କ ନିଜ ସେନା ପାଇଁ ଏହି ନିୟମ ଜାରି କରିଥିଲା । ଏହି ଅନୁସାରେ ବିଦେଶୀ ଶତ୍ରୁଙ୍କ ଆକ୍ରମଣର ଜବାବ ଦେବା ପାଇଁ ଡେନମାର୍କ ସୈନିକଙ୍କୁ ତୁରନ୍ତ ଲଢ଼ିବାକୁ ହେବ । ଏଥିପାଇଁ ସୈନିକଙ୍କୁ କୌଣସି ବରିଷ୍ଠ ଅଧିକାରୀଙ୍କଠାରୁ ଅନୁମତି ନେବାକୁ ହେବନାହିଁ । ଏହି ନିୟମ ୧୯୪୦ରେ ପ୍ରଥମଥର ପାଇଁ ଲାଗୁ ହୋଇଥିଲା । ସେତେବେଳେ ଜର୍ମାନୀ ଡେନମାର୍କ ଉପରେ ଆକ୍ରମଣ କରିଥିଲା । ଆମେରିକା ତରଫରୁ ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବାକୁ କିମ୍ବା କ୍ରୟ କରିବାକୁ ମନ୍ତବ୍ୟ ଦେବା ପରେ ଡେନମାର୍କ ତରଫରୁ ଏହି ଚେତାବନୀ ଦିଆଯାଇଛି । ଗ୍ରୀନ୍‌ଲାଣ୍ଡ ଆଟଲାଣ୍ଟିକ ମହାସାଗରରେ ଏକ ବଡ଼ ଦ୍ୱୀପ । ଏହା ଗତ ୩୦୦ ବର୍ଷ ହେବ ଡେନମାର୍କ ସହିତ ଜଡିତ ରହିଆସିଛି । ଏହା ଡେନମାର୍କର ଏକ ସ୍ୱୟଂ ଶାସିତ ଅଞ୍ଚଳ । ଗ୍ରୀନ୍‌ଲାଣ୍ଡର ବୈଦେଶିକ ନୀତିକୁ ଡେନମାର୍କ ହିଁ ପରିଚାଳନା କରିଥାଏ । ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା ନେଇ ଆମେରିକା ଦେଇଥିବା ମନ୍ତବ୍ୟକୁ ସାରା ବିଶ୍ୱରେ ବିରୋଧ କରାଯାଇଛି ।

### • ୟୁକ୍ରେନ ଉପରେ ରୁଷିଆର ବଡ଼ଧରଣର ଆକ୍ରମଣ

## ୩୬ ମିସାଇଲ, ୨୪୨ ଡ୍ରୋନ ମାଡ଼; ୪ ମୃତ

କିଭ୍, ୯ ।୧(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ୧, ୪୧୫ ଦିନରେ ପହଞ୍ଚିଛି । ଅର୍ଥାତ ଏହି ଯୁଦ୍ଧ ଏବେ ୪ ବର୍ଷ ପୂରଣ କରିବାକୁ ଯାଉଥିଲେ ମଧ୍ୟ ଥମିବାର ନାଁ ନେଉନାହିଁ । ଗୁରୁବାର ବିଳମ୍ବିତ ରାତିରେ ୟୁକ୍ରେନ ଉପରେ ରୁଷିଆ ବଡ଼ ଧରଣର ଆକ୍ରମଣ କରିଛି । ରୁଷିଆ ୩୬ଟି ମିସାଇଲ ଓ ୨୪୨ଟି ଡ୍ରୋନ ଆକ୍ରମଣ କରିଛି ବୋଲି ୟୁକ୍ରେନ ଦାବି କରିଛି । ଏଥିରେ ୪ ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଛନ୍ତି । ରୁଷ ସେନା ଓରେଶ୍ନିକ ହାଇପରସୋନିକ ଏବଂ ଅନ୍ୟାନ୍ୟ କ୍ଷେପଣାସ୍ତ୍ର ବ୍ୟବହାର କରି ୟୁକ୍ରେନର ରଣନୈତିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିଥିଲା । ଏହି କ୍ଷେପଣାସ୍ତ୍ର ୟୁରୋପିଆନ ୟୁନିୟନ ଓ ନାଟୋ ସୀମାରେ ହିଁ ପଡ଼ିଛି ବୋଲି ୟୁକ୍ରେନ ବୈଦେଶିକ ମନ୍ତ୍ରଣାଳୟ କହିଛି । ଏହି ଆକ୍ରମଣରେ ରାଜଧାନୀ କିଭର ଆପାର୍ଟମେଣ୍ଟ ବ୍ଲକଗୁଡିକ ପୋଡ଼ି ଯାଇଥିଲା । ୟୁକ୍ରେନ ରାଷ୍ଟ୍ରପତି ରୁଷ୍‌ର ଭୋଲୋଦିମିର ଜେଲେଁସ୍କି ଏହି ଆକ୍ରମଣକୁ ନିନ୍ଦା କରି ଏକ ବିବୃତି ଜାରି କରିଛନ୍ତି । ଏହି ଆକ୍ରମଣରେ ୨୦ଟି ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି ।

## ଅଟୋମୋବାଇଲ କମ୍ପାନୀ ହିଁ ସ୍ଲିପର ବସ୍ ତିଆରି କରିବେ: ଗଡ଼କରୀ



ନୂଆଦିଲ୍ଲୀ, ୯ ।୧(ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ ଗଡ଼କରୀ ଶୁକ୍ରବାର ଏକ ବଡ଼ ଘୋଷଣା କରିଛନ୍ତି । ଏବେ କେବଳ ଅଟୋମୋବାଲ କମ୍ପାନୀଗୁଡିକ ହିଁ ସ୍ଲିପର ବସ୍ ପ୍ରସ୍ତୁତ କରିବେ କିମ୍ବା ସରକାରଙ୍କ ଦ୍ୱାରା ଅନୁମୋଦିତ ସଂସ୍ଥା ଦ୍ୱାରା ଏହି ବସଗୁଡିକୁ ତିଆରି କରିବେ । ନୂତନ ସୁରକ୍ଷା ମାନଦଣ୍ଡ ପୂରଣ ପାଇଁ ଏବେ ଚାଲୁଥିବା ସ୍ଲିପର ବସ୍‌ଗୁଡିକୁ ଅପଡେଟ୍ କରିବାକୁ ହେବ ବୋଲି ସେ କହିଛନ୍ତି । ସ୍ଲିପର କୋଚ୍ ବସ୍‌ଗୁଡିକରେ ବୃଦ୍ଧି ପାଉଥିବା ଅଗ୍ନିକାଣ୍ଡ ଘଟଣାଗୁଡିକୁ ରୋକିବାକୁ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ଗଡ଼କରୀ କହିଛନ୍ତି ଯେ, ବିଦ୍ୟମାନ ସ୍ଲିପର ବସ୍‌ଗୁଡିକୁ ଅଗ୍ନି ଚିହ୍ନଟ ପ୍ରଣାଳୀ, ଜରୁରୀ କାଳୀନ ପ୍ରସ୍ଥାନ (ହାତୁଡି ସମେତ), ଜରୁରୀ କାଳୀନ ଆଲୋକ ଓ ଡ୍ରାଇଭର ନିଦ୍ରା ସୂଚକ ସହିତ ସଜ୍ଜିତ ହେବା ଆବଶ୍ୟକ । ଗତ ୬ ମାସ ମଧ୍ୟରେ ସ୍ଲିପର କୋଚ୍ ବସ ସହିତ ୬ଟି ବଡ଼ ଅଗ୍ନିକାଣ୍ଡ ଦୁର୍ଘଟଣା ଘଟିଛି ଓ ଏଥିରେ ୧୪୫ ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ସେ କହିଛନ୍ତି । ସବୁ ବସ୍‌ରେ ନିଆଁ ଲାଗିବା କାରଣ ଏକ ପ୍ରକାର । ସେ କହିଛନ୍ତି ଯେ, ଭାରତରେ ବସ୍ ବଡ଼ି କୋଡ୍, ଏଆଇଏସ୍-୦୫୨ ଏକ ବାଧ୍ୟତାମୂଳକ ମାନକ । ଏହା ଦେଶରେ ନିର୍ମିତ ବସ୍ ବଡ଼ି ପାଇଁ ସୁରକ୍ଷା, ଗଠନମୂଳକ ଓ ଡିଜାଇନ୍ ମାନକ ସ୍ଥିର କରିଥାଏ । ଏହି କୋଡ଼ ପୂର୍ବରୁ ଅସଂଗଠିତ ବସ୍ ବଡ଼ି ବିଲ୍ଡିଂ କ୍ଷେତ୍ରକୁ ନିୟନ୍ତ୍ରଣ କରିବା, ଯାତ୍ରୀ ଓ ଡ୍ରାଇଭର ସୁରକ୍ଷା ବୃଦ୍ଧି କରିବା ଏବଂ ବସ୍ କୋଚ୍ ଉତ୍ପାଦନରେ ସମାନତା ଆଣିବା ପାଇଁ କାର୍ଯ୍ୟକାରୀ ହେଉଥିଲା । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସଡ଼କ ପରିବହନରେ ସୁରକ୍ଷା ମାନକକୁ ଆହୁରି କଠୋର କରିବା ପାଇଁ ୨୦୨୫ ସେପ୍ଟେମ୍ବର ୧ରୁ ସଂଶୋଧିତ ବସ୍ ବଡ଼ି କୋଡ ଆରମ୍ଭ କରିଛି ।

## ରାଜକୋଟ: ୧୨ ଘଣ୍ଟାରେ ୭ ଭୂକମ୍ପ

ରାଜକୋଟ, ୯ ।୧(ଏଜେନ୍ସି): ଗୁଜରାଟର ରାଜକୋଟରେ ଗତ ୨୪ ଘଣ୍ଟା ମଧ୍ୟରେ ୭ଟି ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଛି । ଏହି ଝଟ୍‌କା ନିହାତି ମାମୁଲି ଓ ହାଲ୍‌କା ଥିଲା । ଫଳରେ କୌଣସି କ୍ଷୟକ୍ଷତି ହେବାର ସୂଚନା ମିଳିନାହିଁ । ସେଣ୍ଟର ଫର ସିସ୍‌ମୋଲୋଜି ଅନୁଯାୟୀ, ଭୂକମ୍ପଗୁଡିକର ତୀବ୍ରତା ୨.୭ ଓ ୩.୮ ମଧ୍ୟରେ ମପାଯାଇଛି । ସତର୍କତା ସ୍ୱରୂପ ସ୍କୁଲଗୁଡିକୁ ବନ୍ଦ କରାଯାଇଛି । ଅଧିକାରୀମାନେ କହିଛନ୍ତି ଯେ, ଭୂକମ୍ପର କେନ୍ଦ୍ରସ୍ଥଳ ଉପଲେଟାଠାରୁ ୨୮ କିମି ଦୂରରେ ଥିଲା । ବାରମ୍ବାର ଭୂକମ୍ପ ହୋଇଥିବାରୁ ଏକ ବଡ଼ ଭୂକମ୍ପ ଆସିବ ବୋଲି ଆଶଙ୍କା କରାଯାଉଛି । ଶୁକ୍ରବାର ସକାଳେ ୬ଟି ଭୂକମ୍ପ ଆସିଥିଲା । ତେବେ ପ୍ରଥମ ଭୂକମ୍ପ ଗୁରୁବାର ରାତି ୮.୪୩ରେ ଆସିଥିଲା । ଏହାପରେ ଦ୍ୱିତୀୟ ଭୂକମ୍ପ ସକାଳ ୬.୧୯, ତୃତୀୟ ୬.୫୫, ଚତୁର୍ଥ ୬.୫୮, ପଞ୍ଚମ ୭.୧୦, ଷଷ୍ଠ ୭.୧୩ ଓ ସପ୍ତମ ସକାଳ ୭.୩୩ରେ ଆସିଥିଲା । ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍) ଜାନୁଆରୀରେ ଦେଶ ପାଇଁ ଏକ ନୂଆ ଭୂକମ୍ପ ମାନଚିତ୍ର ପ୍ରକାଶ କରିଥିଲା । ଏହି ନୂଆ ମାନଚିତ୍ର ଅନୁସାରେ ଭାରତର ୭୫ ପ୍ରତିଶତ ଜନସଂଖ୍ୟା ବର୍ତ୍ତମାନ ଭୂକମ୍ପ ଜନିତ ବିପଜ୍ଜନକ ଅଞ୍ଚଳରେ ବସବାସ କରୁଛନ୍ତି । ହିମାଳୟ ପର୍ବତମାଳା ଓ ତାଙ୍କ ନିକଟବର୍ତ୍ତୀ ଅଞ୍ଚଳକୁ ଅତି ଉଚ୍ଚ-ବିପଜ୍ଜନକ ଅଞ୍ଚଳ (ଜୋନ-୬)ରେ ରଖାଯାଇଛି ।

## ପଶ୍ଚିମବଙ୍ଗ ରାଜ୍ୟପାଳଙ୍କୁ ବୋମା ଧମକ

କୋଲକାତା, ୯ ।୧(ଏଜେନ୍ସି): ପଶ୍ଚିମବଙ୍ଗ ରାଜ୍ୟପାଳ ସିବି ଆନନ୍ଦ ବୋଷଙ୍କୁ ବୋମା ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ମିଳିଛି ବୋଲି ରାଜଭବନ ସୂତ୍ରରୁ ଜଣାଯାଇଛି । ରାଜଭବନର ଅଧିକାରୀମାନଙ୍କ କହିବା ଅନୁଯାୟୀ ଇ- ମେଲ ମଧ୍ୟରେ ଏହି ଧକମ ମିଳିଛି । ଏଥିସହ ମେସେଜରେ ମୋବାଇଲ ନମ୍ବର ମଧ୍ୟ ଉଲ୍ଲେଖ କରାଯାଇଛି । ପୁଲିସ ମାତ୍ର କେତେ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି । କୋଲକତାର ସଲ୍ଟଲେକ୍ ଅଞ୍ଚଳରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି । ତାକୁ ପଚରା ଉଚରା କରାଯାଉଛି । ସେ କାହିଁକି ଏପରି ଧମକ ଦେଇଛି ଓ ଏହା ପଛରେ କି ଷଡଯନ୍ତ୍ର ରହିଛି ସେ ନେଇ ପୁଲିସ ଜାଣିବାକୁ ପ୍ରୟାସ କରୁଛି । ଏ ନେଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ମଧ୍ୟ ଏହି ଧମକ ବିଷୟରେ ଅବଗତ କରାଯାଇଛି । ରାଜ୍ୟପାଳଙ୍କ ସୁରକ୍ଷା ପାଇଁ ପୁଲିସ ଓ ସିଆରପିଏଫ୍‌ର ପ୍ରାୟ ୬୦ରୁ ୭୦ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ରାଜ୍ୟପାଳ ବୋଷ ଜେଡ୍-ପ୍ଲସ୍ ସୁରକ୍ଷା ବଳୟ ମଧ୍ୟରେ ରହିଛନ୍ତି । ପଶ୍ଚିମବଙ୍ଗରେ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇବା ମଧ୍ୟରେ ଏହି ଧମକ ଆସିଛି । ଜାନୁଆରୀ ୮ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ସୋସିଆଲ ମିଡିଆ ତଥା ଆଇଟି ସେଲ୍‌ଫର ମୁଖ୍ୟଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା । ଏହାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବର୍ଣ୍ଣନା କରିଥିଲେ । ଏ ନେଇ ରାଜପାଳ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସାମ୍ବିଧାନିକ ପଦରେ ଅଧିଷ୍ଠିତ ଥିବା ବ୍ୟକ୍ତିମାନେ ସମ୍ବିଧାନ ଅନୁସାରେ କାର୍ଯ୍ୟ କରିବେ ବୋଲି ଆଶା କରାଯାଏ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ସରକାରୀ କର୍ମଚାରୀମାନଙ୍କୁ ସରକାରୀ କର୍ତ୍ତବ୍ୟ ପାଳନ ବେଳେ ବାଧାଦେବା ଏକ ଦଣ୍ଡନୀୟ ଅପରାଧ । ସେପଟେ ମମତା ଜଣେ ଅସଫଳ ନେତ୍ରୀ ବୋଲି ବିଜେପି ଆଇଟି ସେଲ୍‌ଫର ମୁଖ୍ୟ ଅମିତ ମାଲବୀୟ କହିଛନ୍ତି । ମମତା ଓ ରାଜ୍ୟପାଳଙ୍କ ମଧ୍ୟରେ ତିକ୍ତତା ବହୁଦିନ ପୂର୍ବରୁ ଚାଲିଆସୁଛି ।

### ଆମେରିକା ମନ୍ତ୍ରୀଙ୍କ ଦାବି

# ଟ୍ରମ୍ପଙ୍କୁ ମୋଦୀ ଫୋନ୍ ନ କରିବାରୁ ଅଟକିଲା ବାଣିଜ୍ୟ ଚୁକ୍ତି

- ଟ୍ରମ୍ପଙ୍କ ଅହଙ୍କାରକୁ ଆଘାତ ଲାଗିଛି
- ଭାରତର ଜବାବ: ଗତ ବର୍ଷ ୮ ଥର କଥା ହୋଇଥିଲେ ମୋଦୀ
- ଜୁଲାଇରେ ଟ୍ରମ୍ପଙ୍କ ଫୋନ କଲ୍‌କୁ ୪ ଥର ଉଠାଇ ନ ଥିଲେ ମୋଦୀ
- ଅହଙ୍କାର ପାଇଁ ଭାରତ ଉପରେ ୫୦% ଶୁଳ୍କ ଲଗାଇଛନ୍ତି ଟ୍ରମ୍ପ



ୱାଶିଂଟନ, ୯।୧ (ଏଜେନ୍ସି): ଦୀର୍ଘ ଦିନ ହେଲା ଆମେରିକ ଏବଂ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଅଟକି ରହିଛି । ଅନେକ ପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ ଏହି ଚୁକ୍ତି ଚୂଡ଼ାନ୍ତ ହୋଇପାରି ନାହିଁ । ଭାରତର ଡାଏରୀ ଏବଂ କୃଷି କ୍ଷେତ୍ରରେ ଆମେରିକା ପଶିବାକୁ ଚାହୁଁଛି ବୋଲି ଅନେକ ଥର ରିପୋର୍ଟ ଆସିଛି । ମାତ୍ର ଭାରତ ଏପରି ଅନୁମତି ଦେଉ ନ ଥିବାରୁ ଚୁକ୍ତି ଆଗକୁ ବଢ଼ି ପାରୁ ନାହିଁ ବୋଲି କୁହାଯାଉଥିଲା । ଏବେ ଏଫଟିଏକୁ ନେଇ ଲାଗି ରହିଥିବା ଛକାପଞ୍ଝାର କାରଣ ସାମ୍‌ନାକୁ ଆସିଛି । ଟ୍ରମ୍ପଙ୍କ ଅହଙ୍କାର ପାଇଁ ଏଭଳି ହୋଇଛି । ଖୋଦ୍ ଆମେରିକା ବାଣିଜ୍ୟମନ୍ତ୍ରୀ ହାଭର୍ଡ ଲୁଟନିକ ଏହି ଦାବି କରିଛନ୍ତି । କୌଣସି ନୀତି କିମ୍ବା ବିବାଦ ନୁହେଁ, ବରଂ ଟ୍ରମ୍ପଙ୍କ ଆଭିମୁଖ୍ୟ ଯୋଗୁଁ ଏଫଟିଏ ଯଥା ପୂର୍ବଂ ତଥା ପରଂ ସ୍ଥିତିରେ ରହିଛି । କାରଣ ଆମେରିକା ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫୋନ କରି ନ ଥିଲେ । ପ୍ରଧାନମନ୍ତ୍ରୀ ନିଜେ ଫୋନ କରି ଚୁକ୍ତି ଚୂଡ଼ାନ୍ତ କରନ୍ତୁ ବୋଲି ଟ୍ରମ୍ପ ଚାହୁଁଥିଲେ । ମାତ୍ର ମୋଦୀ ଏପରି ନ କରିବାରୁ ଆମେରିକା ରାଷ୍ଟ୍ରପତିଙ୍କ ଅହଙ୍କାରକୁ ଆଘାତ ଲାଗିଥିଲା । ତେଣୁ ଟ୍ରମ୍ପ ଏଫଟିଏକୁ ଅଟକାଇ ରଖିଛନ୍ତି ।

ଅନ୍ୟପଟେ ଭାରତ ପକ୍ଷରୁ ହାଭର୍ଡ ଲୁଟନିକଙ୍କ ଏଭଳି ମନ୍ତବ୍ୟକୁ ଖଣ୍ଡନ କରି ଦିଆଯାଇଛି । ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଗତ ବର୍ଷ ମୋଦୀ ଏବଂ ଟ୍ରମ୍ପ ୮ ଥର ଫୋନରେ କଥା ହୋଇଥିଲେ । ୨୦୨୫, ଫେବୃଆରୀ ୧୩ରୁ ଭାରତ ଏବଂ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ କାର୍ଯ୍ୟ କରୁଛନ୍ତି । ଏ ନେଇ ଅନେକ ପର୍ଯ୍ୟାୟ ଆଲୋଚନା ହେଲାଣି । ଅନେକ ଥର ଚୁକ୍ତି ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ କଥା ପହଞ୍ଚିଛି । ଭାରତ ଲାଭଜନକ ବାଣିଜ୍ୟ ଚୁକ୍ତି କରିବାକୁ ଚାହୁଁଛି । ଏଥିପାଇଁ ଦୁଇ ଦେଶ ମଧ୍ୟରେ ମୂଳଚାଲ ଜାରି ରହିଛି । ମୋଦୀ-ଟ୍ରମ୍ପ ୮ ଥର କଥା ହେବା ବାଣିଜ୍ୟ ଚୁକ୍ତି ପାଇଁ ଶୀର୍ଷ ନେତୃତ୍ୱ ସ୍ତରରେ ଚର୍ଚ୍ଚା ଜାରି ରହିଛି ବୋଲି ଦର୍ଶାଉଛି ।

ଏକ ପୋଡକାଷ୍ଟରେ ଲୁଟନିକ କହିଥିଲେ ଯେ ଭାରତ ସହ ବାଣିଜ୍ୟ ଚୁକ୍ତି ପ୍ରାୟ ଚୂଡ଼ାନ୍ତ ହୋଇ ଯାଇଥିଲା । ଆଲୋଚନା ଚୂଡ଼ାନ୍ତ କରିବା ପାଇଁ ଭାରତକୁ 'ତିନି ଶୁକ୍ରବାର' ସମୟ ଦିଆଯାଇଥିଲା । ଟ୍ରମ୍ପ ମଧ୍ୟ ଚୁକ୍ତିକୁ ମୋହର ମାରିବାକୁ ଚାହୁଁଥିଲେ । ଏଥପାଇଁ କେବଳ ରାଷ୍ଟ୍ରପତିଙ୍କୁ ମୋଦୀ କଲ୍ କରିବାର ଥିଲା । ମାତ୍ର ଭାରତୀୟ ପକ୍ଷ ଏପରି କରିବାରେ ଅସହଜ ଥିଲା ଏବଂ ମୋଦୀ ତାଙ୍କୁ କଲ୍ କରି ନ ଥିଲେ । ଭାରତ ବିଳମ୍ବ କରିବା ଯୋଗୁଁ ଅନ୍ୟ ଦେଶଙ୍କୁ ଲାଭ ମିଳିଥିଲା । ପ୍ରଥମେ ଭାରତ ସହ ଚୁକ୍ତି ହେବ ବୋଲି ଆମେ ଭାବିଥିଲୁ, କିନ୍ତୁ ମୋଦୀ କଲ୍ ନ କରିବାରୁ ଇଣ୍ଡୋନେସିଆ, ଫିଲିପିନ୍ସ ଏବଂ ଭିଏତନାମ ସହ ଚୁକ୍ତି ହୋଇଥିଲା । ବ୍ରିଟେନର ଉଦାହରଣ ଦେଇ ଲୁଟନିକ କହିଥିଲେ ଯେ ସମୟସୀମା ଶେଷ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ଟ୍ରମ୍ପଙ୍କୁ ଫୋନ କରିଥିଲେ । ଏହାର ଦିନକ ପରେ ଦୁଇ ଦେଶ ମଧ୍ୟରେ ଚୁକ୍ତି ଘୋଷଣା କରାଯାଇଥିଲା ।

ଏବେ ଆମେରିକା ପୁରୁଣା ସର୍ତ୍ତକୁ ମାନୁନାହିଁ । ନୂଆ ସର୍ତ୍ତ ରଖିଥିବାରୁ ଭାରତ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ଲୁଟନିକ ସ୍ପଷ୍ଟ କରିଛନ୍ତି ଯେ ପ୍ରଥମେ ସହମତି ହୋଇଥିବା ବାଣିଜ୍ୟ ଚୁକ୍ତିରୁ ଆମେରିକା ପଛକୁ ହଟି ଯାଇଛି । ଏବେ ସେହି ପୁରୁଣା ଅଫର ବିଷୟରେ ଚିନ୍ତା କରାଯାଉ ନାହିଁ । ପୁଣି ଆଲୋଚନା ହେଲେ ଭାରତକୁ ନୂଆ ଏବଂ ଅଧିକ କଠୋର ସର୍ତ୍ତର ସାମ୍‌ନା କରିବାକୁ ପଡ଼ିପାରେ । ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଜୁଲାଇରେ ଟ୍ରମ୍ପ ମୋଦୀଙ୍କୁ ୪ ଥର କଲ୍ କରିଥିଲେ । ମାତ୍ର ପ୍ରତ୍ୟକ ଥର ପ୍ରଧାନମନ୍ତ୍ରୀ ଫୋନ ଉଠାଇ ନ ଥିଲେ । ଆଲୋଚନାର ଫଳାଫଳକୁ ଟ୍ରମ୍ପ ବଢ଼େଇଚଢ଼େଇ କହିପାରିନ୍ତି ବୋଲି ଭାରତ ପକ୍ଷରୁ ଆଶା କରାଯାଇଥିଲା । ଏହା ସହିତ ଭାରତ-ପାକିସ୍ତାନ ସଂଘର୍ଷରେ ମଧ୍ୟସ୍ଥତା କରିଥିବା ନେଇ ଟ୍ରମ୍ପ ବାରମ୍ବାର ଦାବି କରି ଆସୁଛନ୍ତି । କିନ୍ତୁ, ମୋଦୀ ଏହାକୁ ଖାରଜ କରିଦେଇ ଥିବାରୁ ଟ୍ରମ୍ପ କ୍ଷୁବ୍ଧ ହୋଇଥିଲେ ।

ବିଶେଷଜ୍ଞଙ୍କ ଅନୁଯାୟୀ, ଟ୍ରମ୍ପଙ୍କ ଅହଙ୍କାରକୁ ଆଘାତ ଦେଇଥିବାର ଫଳ ଭାରତକୁ ଭୋଗିବାକୁ ପଡୁଛି । ରୁଷଠାରୁ ତୈଳ କିଣୁଥିବାରୁ ଭାରତ ଉପରେ ଟ୍ରମ୍ପ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇ ମୋଟ ଶୁଳ୍କକୁ ୫୦ ପ୍ରତିଶତ କରି ଦେଇଥିଲେ । ଏହା ପରେ ସେପ୍ଟେମ୍ବର ୧୭ରେ ମୋଦୀଙ୍କ ଜନ୍ମଦିନ ଅବସରରେ ଟ୍ରମ୍ପ ଫୋନ କରିବାରୁ ମାମଲା ଟିକେ ଶାନ୍ତ ପଡ଼ିଥିଲା । ଉଭୟେ ଦୀପାବଳି ଏବଂ ଡିସେମ୍ବରରେ ମଧ୍ୟ ଫୋନ୍‌ରେ କଥା ହୋଇଥିଲେ । ଏହା ସତ୍ତ୍ୱେ ବି ବାଣିଜ୍ୟ ଚୁକ୍ତି ଅଟକି ରହିଥିଲା । ସୂଚନାଯୋଗ୍ୟ ଯେ ୨୦୨୪ରେ ଭାରତ-ଆମେରିକା ମଧ୍ୟରେ ୧୧ ଲକ୍ଷ କୋଟିର କାରବାର ହୋଇଥିଲା । ଏହି ଅବଧିରେ ଆମେରିକା ଭାରତକୁ ୩.୪୬ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ରପ୍ତାନୀ କରିଥିଲା । ସେହିପରି ଭାରତ ୭.୩୫ ଲକ୍ଷ କୋଟିର ସାମଗ୍ରୀ ପଠାଇ ଥିଲା । କାରବାରରେ ବାଣିଜ୍ୟ ନିଅଣ୍ଟ ବଢୁଥିବାରୁ ଆମେରିକା ଅସନ୍ତୁଷ୍ଟ ଥିଲା ।

# କନେଷ୍ଟବଳଙ୍କ ମା'ଙ୍କୁ ଭୁଜାଲି ଦେଖାଇ ଲୁଟିନେଲେ ଗହଣା



**ଲୁଟିନେଲେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା**

**ପୁଲିସର ବିଳମ୍ବିତ ପଦକ୍ଷେପକୁ ନେଇ ତାତିଲେ ଗ୍ରାମବାସୀ**

ବାରିପଦା/ବଡ଼ସାହି, ୯ ।୧(ସମିସ): ଘରେ ପଶି କନଷ୍ଟେବଳଙ୍କ ରୋଗିଣା ମା'ଠାରୁ ଝାମ୍ପିନେଲେ ୮ ଲକ୍ଷର ଗହଣା। ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ଭୀମିଦା ପଞ୍ଚାୟତର ଟିକାୟତପୁର ଗ୍ରାମରେ ଗୁରୁବାର ସଂଧ୍ୟାରେ ଏହି ଘଟଣା ଘଟିଛି। ଲୁଟ୍‌ର ଶିକାର ମହିଳାଜଣଙ୍କ ହେଲେ, ବେତନଟୀ କୋର୍ଟରେ କାର୍ଯ୍ୟରତ ପୁଲିସ କନେଷ୍ଟବଳ ଶ୍ରୀନିବାସ ବେହେରାଙ୍କ ମା' ହେମଲତା ବେହେରା (୮୨)। ଅପରପକ୍ଷେ, ଭୀମିଦା ପୁଲିସ ଆଉଟ୍‌ପୋଷ୍ଟଠାରୁ ମାତ୍ର ୨୦୦ ମିଟର ଦୂରରେ ଏହି ଘଟଣା ଘଟିଥିବା ବେଳେ ପୁଲିସର ବିଳମ୍ବିତ କାର୍ଯ୍ୟାନୁଷ୍ଠାନକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସାଇଣ୍ଟିଫିକ୍ ଟିମ୍ ସହ ବଡ଼ସାହି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

କନେଷ୍ଟବଳ ଶ୍ରୀନିବାସଙ୍କ ଗାଁ ଘରେ ତାଙ୍କ ମା' ହେମଲତାଙ୍କ ସମେତ ସାନଭାଇ ସୁଶାନ୍ତ ରହନ୍ତି। ଗୁରୁବାର ସନ୍ଧ୍ୟାରେ ସୁଶାନ୍ତ ବାହାରୁ ତାଲା ପକାଇ ଭୀମିଦା ଛକସ୍ଥିତ ଔଷଧ ଦୋକାନକୁ ଯାଇଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ତାଲା ଭାଙ୍ଗି ତାଙ୍କ ଘରେ ପଶିଥିଲେ। ହେମଲତାଙ୍କୁ ଭୁଜାଲି ଦେଖାଇ ସୁନାହାର ଓ ହାତରୁ ସୁନା ଚୁଡ଼ି ଖୋଲି ନେବା ସହିତ ଦୁଇକାନରୁ ସୁନାର ପେଣ୍ଡା କାନଫୁଲ ଛିଣ୍ଡାଇ ଚମ୍ପଟ ମାରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୃଦ୍ଧାଜଣଙ୍କ ବଡ଼ ପାଟିରେ ଡାକ ପକାଇବାରୁ ପଡ଼ୋଶୀମାନେ ପହଞ୍ଚି ସାନପୁଅକୁ ଜଣାଇବାରୁ ସଙ୍ଗେ ସଙ୍ଗେ ତାଙ୍କୁ ମାଣଡ୍ରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣାସ୍ଥଳରୁ ମାତ୍ର ୨୦୦ ମିଟର ଦୂରରେ ଥିବା ପୁଲିସ ଆଉଟପୋଷ୍ଟର ଜାମାଦାର ଓ କର୍ମଚାରୀଙ୍କ ନିଷ୍କ୍ରିୟତାକୁ ଦାୟୀ କରି ଶୁକ୍ରବାର ଗ୍ରାମବାସୀ ତାତିଥିଲେ। ଖବର ପାଇ ବଡ଼ସାହି ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳ ପରିଦର୍ଶନ କରି ପ୍ରାକ୍ତନ ଜାମାଦାର ଦିଲ୍ଲୀପ ପାତ୍ରଙ୍କୁ ତଦନ୍ତ ଦାୟିତ୍ୱ ଅର୍ପଣ କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ପୋଲାଭରମ୍ ସମସ୍ୟା ସମାଧାନ ନ ହେଲେ

# ଡବଲ ଇଞ୍ଜିନ ସରକାର ବିରୋଧରେ ରାସ୍ତାକୁ ଓହ୍ଲାଇବ ବିଜେଡି



ଭୁବନେଶ୍ୱର, ୯ ।୧(ସମିସ): ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଥିବା ରାଜ୍ୟର ବିଜେପି ସରକାର ମାଲକାନଗିରି ଓ ଓଡ଼ିଶାର ଲୋକଙ୍କ ପ୍ରତି ସମ୍ପୂର୍ଣ୍ଣ ଭାବେ ଅସମ୍ବେଦନଶୀଳ ହୋଇଯାଇଛି।

**ପ୍ରକଳ୍ପ ଦ୍ୱାରା ହଜାର ହଜାର ଆଦିବାସୀ ପ୍ରଭାବିତ ହେବେ**

**ମାଲକାନଗିରି ଜିଲ୍ଲାର ଶତାଧିକ ଗ୍ରାମ ଜଳମଗ୍ନ ହେବ**

**ଆଦିବାସୀ ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ପାଇଁ ହସ୍ତକ୍ଷେପ କରନ୍ତୁ**

ପୋଲାଭରମ ପ୍ରକଳ୍ପ ପାଣିରେ ଆଦିମ ଜନଜାତି ପରିବାର ଭାସି ଯିବାକୁ ବସିଲେଣି; କିନ୍ତୁ ମୁଖ୍ୟମନ୍ତ୍ରୀ କିମ୍ବା ତାଙ୍କ ସରକାର ଏଥିପ୍ରତି ଚିନ୍ତିତ ନାହାନ୍ତି। ଯଦି ଡବଲ ଇଞ୍ଜିନ ସରକାର ଏହି ସମସ୍ୟାର ସମାଧାନ କରିପାରିବନାହିଁ, ତେବେ ବିଜୁ ଜନତା ଦଳ ଆଦିବାସୀ ଓ ମାଲକାନଗିରିବାସୀଙ୍କ ଅଧିକାର ଓ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବିଜେଡି ଚେତାବନୀ ଦେଇଛି।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡି ପ୍ରତିନିଧିମଣ୍ଡଳୀ ୨୦୨୪ ଅଗଷ୍ଟରେ ମାଲକାନଗିରି ଜିଲ୍ଲାର ପ୍ରଭାବିତ ମୋଟୁ ଅଞ୍ଚଳ ଏବଂ ୨୦୨୪ ସେପ୍ଟେମ୍ବରରେ ପୋଲାଭରମ୍ ପ୍ରକଳ୍ପ ପରିଦର୍ଶନ କରିଥିଲେ। ୨୦୨୪ ଡିସେମ୍ବର ଓ ୨୦୨୫ ଅଗଷ୍ଟରେ, ଏହି ପ୍ରତିନିଧି ଦଳ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କ ସହିତ ଆଲୋଚନା କରି ଆଦିବାସୀ ଏବଂ ମାଲକାନଗିରି ପ୍ରଭାବିତ ଲୋକଙ୍କ ସମସ୍ୟା ଉଠାଇଥିଲେ। ଏହାସହିତ କେନ୍ଦ୍ର ପରିବେଶ ମନ୍ତ୍ରୀ ଓ କେନ୍ଦ୍ରୀୟ ଜଳ କମିସନ ଅଧକ୍ଷଙ୍କ ସହ ବିଜେଡି ସଦସ୍ୟ ଆଲୋଚନା କରିଥିଲେ; ହେଲେ ଏହାର କୌଣସି ସୁଫଳ ମିଳି ନାହିଁ।

ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ୨୦୦୬ ମସିହାରେ ଓଡ଼ିଶା ସମେତ ପ୍ରଭାବିତ ରାଜ୍ୟଗୁଡ଼ିକ ସହିତ କୌଣସି ଆଲୋଚନା ନ କରି ବନ୍ୟା ନିଷ୍କାସନ କ୍ଷମତାକୁ ୫୦ ଲକ୍ଷ କ୍ୟୁସେକକୁ ବଢ଼ାଇ ଦିଆଯାଇଛି। ରାଜ୍ୟ ସରକାର ୨୦୦୭ ମସିହାରେ ସୁପ୍ରିମକୋର୍ଟରେ ମାମଲା ରୁଜୁ କରି ପ୍ରକଳ୍ପ ନିମନ୍ତେ ମିଳୁଥିବା ଅନୁମତିଗୁଡ଼ିକର ନିୟମ ଉଲ୍ଲଂଘନ ନେଇ ପ୍ରତିବାଦ ଜଣାଯାଇଥିଲା। ଆନ୍ଧ୍ରପ୍ରଦେଶ ସରକାର ୫୦ ଲକ୍ଷ କ୍ୟୁସେକ ଆଧାରରେ ବ୍ୟାକ୍ ୱାଟର ଅଧ୍ୟୟନ କରିଥିଲେ, ଯାହା ଅନୁଯାୟୀ କୋଣ୍ଟାରେ ଜଳମଗ୍ନତା ସ୍ତର ୨୨୦ ଫୁଟ୍ ହେଇଥିଲା। ପରେ ଓଡ଼ିଶା ସରକାର ଆଇଆଇଟି ରୁର୍କୀ ଦ୍ୱାରା ବ୍ୟାକ୍ ୱାଟର ଅଧ୍ୟୟନ କରାଇଥିଲେ। ଏହି ଅନୁଯାୟୀ ବନ୍ୟା ଜଳ ନିଷ୍କାସନ କ୍ଷମତା ୫୮ ଲକ୍ଷ କ୍ୟୁସେକ ଓ କୋଣ୍ଟା ପଏଣ୍ଟରେ ଜଳମଗ୍ନତା ସ୍ତର ୨୩୨ ଫୁଟ୍ ହେବ ବୋଲି ରିପୋର୍ଟ ଆସିଥିଲା। ତେଣୁ ପ୍ରକଳ୍ପର ସଂଶୋଧିତ କ୍ଷେତ୍ର ଅନୁଯାୟୀ ଏକ ସ୍ୱତନ୍ତ୍ର ଓ ପ୍ରାଯୁକ୍ତିକ ଅଭିଜ୍ଞ ସଂସ୍ଥା ଦ୍ୱାରା ନୂତନ ବ୍ୟାକ୍ ୱାଟର ଅଧ୍ୟୟନ ହେବା ଦରକାର ବୋଲି ବିଜେଡି ଦାବି କରୁଛି।

ବିଧାୟକ ମନୋହର ରନ୍ଧାରୀ କହିଛନ୍ତି ଯେ ହଜାର ହଜାର ଆଦିମ ଆଦିବାସୀ ଓ ସେମାନଙ୍କ ଜୀବିକା ଏହି ପ୍ରକଳ୍ପ ସମାପ୍ତ ହେଲେ ଗଭୀର ଭାବେ ପ୍ରଭାବିତ ହେବ। ଅନେକ ଜଙ୍ଗଲ ସମ୍ପଦ, ଯାହା ଏହି ଆଦିବାସୀ ଓ ଅନ୍ୟ ଜାତିଗୋଷ୍ଠୀ ଉପରେ ନିର୍ଭର କରନ୍ତି, ସେଗୁଡ଼ିକ ମଧ ନଷ୍ଟ ହେବ।

ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ କହିଛନ୍ତି ଯେ ବିଜେଡି ଏହି ପ୍ରସଙ୍ଗ ଅନେକ ଥର ସଂସଦରେ ଉଠାଇଛି ଓ ସମ୍ବନ୍ଧିତ ମନ୍ତ୍ରୀମାନଙ୍କୁ ପ୍ରଶ୍ନ କରିଆସୁଛି; ତଥାପି ସନ୍ତୋଷଜନକ ଉତ୍ତର ମିଳି ନ ଥିବାରୁ ପ୍ରକଳ୍ପର ଉଦ୍ଦେଶ୍ୟ ଓ ପାରଦର୍ଶିତା ଉପରେ ସନ୍ଦେହ ସୃଷ୍ଟି ହୋଇଛି।

ଦଳର ଗଣମାଧ୍ୟମ ସଂଯୋଜକ ଡଃ ପ୍ରିୟବ୍ରତ ମାଝି କହିଛନ୍ତି ଯେ ଓଡ଼ିଶାରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ଚାଲିଛି। କିନ୍ତୁ ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରିର ହଜାର ହଜାର ଆଦିମ ଆଦିବାସୀ ଓ ଅନ୍ୟ ଜାତି ସମୁଦାୟ ପ୍ରଭାବିତ ହୋଇଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନିରବ ରହିଛନ୍ତି। ଗତ ୧୮ ମାସରେ ଜଳସମ୍ପଦ, ଆଦିବାସୀ କଲ୍ୟାଣ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ କିମ୍ବା ଭାରତ ସରକାରଙ୍କୁ ସେ କେତୋଟି ଚିଠି ଲେଖିଛନ୍ତି ବୋଲି ଡଃ ମାଝୀ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଛନ୍ତି।

# ହିମ୍‌ସ ପୋର୍ଟାଲ୍‌ରେ ତଥ୍ୟ ଦେଉ ନାହାନ୍ତି ଉଚ୍ଚଶିକ୍ଷାନୁଷ୍ଠାନ

**୪୦ ଖିଲାପକାରୀ ମହାବିଦ୍ୟାଳୟ ତାଲିକା ପ୍ରକାଶ କଲା ବିଭାଗ**

ଭୁବନେଶ୍ୱର, ୯ ।୧(ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନର ବିଭିନ୍ନ ତଥ୍ୟ ଏକତ୍ରିତ କରିବା ପାଇଁ ସରକାର ଏଚ୍‌ଆଇଏମ୍‌ଏସ୍ (ହିମ୍‌ସ) ପୋର୍ଟାଲ୍ କରିଛନ୍ତି। ତହିଁରେ ସମସ୍ତ ଅଧ୍ୟାପକ/ ଅଧ୍ୟାପିକାଙ୍କ ସମେତ ଶିକ୍ଷାନୁଷ୍ଠାନର ପ୍ରତିଟି ତଥ୍ୟକୁ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବହୁ ଶିକ୍ଷାନୁଷ୍ଠାନ ସରକାରଙ୍କ ଏହି ନିୟମକୁ ଖୋଲାଖୋଲି ଭାବେ ଉଲଂଘନ କରୁଛନ୍ତି। କିଛି ଶିକ୍ଷାନୁଷ୍ଠାନ ମିଥ୍ୟା ତଥ୍ୟ ଅପଲୋଡ୍ କରୁଥିବାବେଳେ ଆଉକିଛି ଶିକ୍ଷାନୁଷ୍ଠାନ ମୂଳରୁ ତଥ୍ୟ ଉପଲୋଡ୍ କରୁ ନାହାନ୍ତି। ଏପରିକି ୪୦ ଟି ଶିକ୍ଷାନୁଷ୍ଠାନ ମୂଳରୁ କର୍ମଚାରୀଙ୍କ ତଥ୍ୟ ଅପଲୋଡ୍ କରି ନଥିବା ଜଣାପଡ଼ିଛି।

ବରଗଡ଼ ଜିଲ୍ଲାର ଅଞ୍ଚଳ ଡିଗ୍ରୀ କଲେଜ, ବରପାଲି, ସୋହେଲା, ଦଧିବାମନ କଲେଜ ସମେତ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ସେମାନଙ୍କ କର୍ମଚାରୀଙ୍କ ତଥ୍ୟ ଦେଇ ନାହାନ୍ତି। ସେହିପରି ଭଦ୍ରକ ଜିଲ୍ଲାର ଆଗରପଡ଼ା, ଚରମ୍ପା, ଧାମନଗର, ନାମି ଓ ଭଦ୍ରକ ମହିଳା ମହାବିଦ୍ୟାଳୟ ମଧ୍ୟ ତଥ୍ୟ ଲୁଚାଇଛନ୍ତି। ଅନୁରୂପ ଭାବେ ବାଲେଶ୍ୱର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ସେନପୁର ଜିଲ୍ଲାର ୩ ଟି ଲେଖାଏଁ ମହାବିଦ୍ୟାଳୟ ଥିବାବେଳେ କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେଉଁଝର ଜିଲ୍ଲାର ଦୁଇଟି ଲେଖାଏଁ, ବଲାଙ୍ଗିର, ଜଗତସିଂହପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ଗୋଟିଏ ଲେଖାଏଁ ମହାବିଦ୍ୟାଳୟ ତଥ୍ୟ ଦାଖଲ କରିବାରେ ଖିଲାପ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଖିଲାପକାରୀ ମହାବିଦ୍ୟାଳୟର ତାଲିକା ଜାରି କରି ତୁରନ୍ତ ତଥ୍ୟ ଦାଖଲ କରିବାକୁ କୁହାଯାଇଛି। ଅପରପକ୍ଷରେ କିଛି ମହାବିଦ୍ୟାଳୟ ସେମାନଙ୍କ ମିଥ୍ୟ ତଥ୍ୟ ପୋର୍ଟାଲ୍‌ରେ ଅପଲୋଡ୍ କରିଛନ୍ତି। ଅତିଥି ଅଧ୍ୟାପକଙ୍କୁ ମ୍ୟାନେଜମେଣ୍ଟ ଷ୍ଟାଫ୍ ଭାବେ ଦର୍ଶାଇଛନ୍ତି। ଫଳରେ ପରବର୍ତ୍ତୀ ସମୟରେ ତଞ୍ଚକତା କରି ସେମାନଙ୍କୁ ମ୍ୟାନେଜମେଣ୍ଟ ଷ୍ଟାଫ୍ କରିବାକୁ ମସୁଧା କରୁଥିବା ବିଭାଗ ପାଖରେ ପୁଳାପୁଳା ଅଭିଯୋଗ ହୋଇଛି।

## ସତ୍କାର ପାଇଁ ଭାଇ-ଭାଇ ମଧ୍ୟରେ ବିବାଦ

# ୪୦ ଘଣ୍ଟା ପଡ଼ିରହିଲା ବାପାର ଶବ

ଜଳେଶ୍ୱର, ୯।୧ (ସମିସ): ଶବ ସଂସ୍କାର ପାଇଁ ଦୁଇ ଭାଇଙ୍କ ମଧ୍ୟରେ ବିବାଦ ଯୋଗୁଁ ୪୦ଘଣ୍ଟା ପଡ଼ିରହିଲା ବାପାର ଶବ। ମୟୂରଭଞ୍ଜ ଜିଲ୍ଲା ରାଇବଣିଆ ଥାନା କାଳିକ ପଞ୍ଚାୟତର ରଙ୍ଗାମାଟିଆ ଗାଁରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଶେଷରେ ପୁଲିସ ହସ୍ତକ୍ଷେପ ପରେ ଶବ ସଂସ୍କାର କରାଯାଇଥିଲା।

ସୂଚନାନୁଯାୟୀ, ରଙ୍ଗମାଟିଆ ଗାଁର ଛୁଟା ହାଁସଦା(୯୫)ଙ୍କ ବୁଧବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା ତାଙ୍କ ସାନପୁଅ ଭୀମା ହାଁସଦା ଏକ ନିର୍ଦ୍ଦିଷ୍ଟ ଧର୍ମରେ ଦୀକ୍ଷିତ ହୋଇଥିବାରୁ ବାପାଙ୍କ ଶବକୁ ନିଜ ବାଡ଼ିରେ କବର ଦେବାକୁ ଚାହିଁଥିଲା। କିନ୍ତୁ ଏହାକୁ ଅନ୍ୟ ଭାଇମାନେ ବିରୋଧ କରିଥିଲେ। ଆଦିବାସୀଙ୍କ ଗ୍ରାମସଭାର ସଦସ୍ୟମାନଙ୍କ ସହ ମିଶି ଶବକୁ କବର ନ ଦେଇ ସାନ୍ତାଳ ରୀତିନୀତିରେ ସତ୍କାର କରିବା ପାଇଁ ଜିଦ୍ କରିଥିଲେ। ଫଳରେ ଭାଇମାନଙ୍କ ମଧ୍ୟରେ ବିବାଦ ଯୋଗୁଁ ଛୁଟାଙ୍କ ଶବ ପ୍ରାୟ ୪୦ ଘଣ୍ଟା ଧରି ଘରେ ପଡ଼ି ରହିଥିଲା। ଖବର ପାଇ ରାଇବଣିଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ହସ୍ତକ୍ଷେପ କରିବା ପରେ ନମାଣିଆଠାରେ ଛୁଟାଙ୍କ ଶବ ସତ୍କାର କରାଯାଇଥିଲା।

# ବାପାର ଟାଙ୍ଗିଆ ଚୋଟରେ ପୁଅର ମୃତ୍ୟୁ



ମହୁଲଡିହା, ୯।୧(ସମିସ): ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଥାନାରେ ବାପାର ଆତ୍ମସମର୍ପଣ। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଭରାଣ୍ଡିଆ ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ, ଭରାଣ୍ଡିଆ ଗ୍ରାମର ତପନ ବାଇଁଶିଆ। ପୁଲିସ ଅଭିଯୁକ୍ତ ପୁଅ ଅନାମ ବାଇଁଶିଆ (୬୨)କୁ ଗିରଫ କରି ତଦନ୍ତ ଚଳାଇଛି। ଏହାସହ ତପନର ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି।

ଅଧିକାଂଶ ସମୟରେ ତପନ ମଦ ପିଉଥିବାରୁ ପରିବାରରେ କଳହ ହେଉଥିଲା। ବିଶେଷକରି ବାପା ଅନାମ ତାକୁ ବିରୋଧ କରୁଥିବାରୁ ବହୁ ସମୟରେ ବାପା-ପୁଅଙ୍କ ଝଗଡ଼ା ହେଉଥିଲା। ଗୁରୁବାର ରାତିରେ ତପନ ପୁଣିଥରେ ମଦ ପିଇ ଘରକୁ ଫେରିବାରୁ ଅନାମ ତାକୁ ଗାଳିଗୁଲଜ କରିଥିଲେ। ତପନ ମଧ୍ୟ ପାଟିତୁଣ୍ଡ କରିବାରୁ ଅନାମଙ୍କ ମୁଣ୍ଡକୁ ପିତ୍ତ ଚଢ଼ିଯାଇଥିଲା। ପାଖରେ ପଡ଼ିଥିବା ଏକ ଟାଙ୍ଗିଆରେ ଆକ୍ରମଣ କରି ତପନକୁ ହତ୍ୟା କରି ଦେଇଥିଲା। ଖବର ପାଇ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଏସଆଇ ଅନିତା ସ୍ୱାଇଁ, ଏଏସଆଇ ଅମରେଶ ବାରିକ ଓ ବାରିପଦାରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଏନେଇ ଥାନାରେ ୭/୨୬ରେ ଏକ ମାମଲା ରୁଜୁ ହୋଇଛି।

## ବେହେରଣ ଦ୍ୱାରରେ ଖଙ୍କାର

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ, ୯।୧(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ବେହେରଣ ଦ୍ୱାର ଭିତର ପଟେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ଶୁକ୍ରବାର ସକାଳ ୬ଟା ୫ରେ ଦ୍ୱାର ଫିଟିଥିଲା। ୭ଟାରେ ମଙ୍ଗଳ ଆଳତି ପରେ ମଇଲମ, ରୋଷହୋମ ପରେ ସକାଳ ୭ଟା ୨୫ରେ ତଡ଼ପଲାଗି ସରିଥିଲା। ଏହି ସମୟରେ ବେହେରଣ ଦ୍ୱାର ଭିତର ପଟେ ଖଙ୍କାର ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ସକାଳ ୮ଟା ୫୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୮ଟା ୫୫ରେ ମହାସ୍ନାନ ପୂଜା ବଢ଼ିବା ପରେ ଯେଉଁଠାରେ ନୀତି ଅଟକା ଯାଇଥିଲା, ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।






ରାଜ୍ୟରେ କୃଷି ବପଣନକୁ ସୁବ୍ୟବସ୍ଥିତ କରିବାପାଇଁ ସମବାୟ ବିଭାଗ ଅଧୀନରେ କୃଷି ବିପଣନ ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଅଛି । ଏହି ନିର୍ଦ୍ଦେଶାଳୟ ଅଧୀନରେ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ଓ ୬୬ ଗୋଟି ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟ କରୁଅଛି ।

ନିୟନ୍ତ୍ରିତ ବଜାର କମିଟି ଗୁଡ଼ିକର ଲକ୍ଷ୍ୟ

ବିକ୍ରି ପାଇଁ ନିର୍ଦ୍ଦିଷ୍ଟ କୃଷିଜାତ ଦ୍ରବ୍ୟର ସଠିକ ଓଜନ ମାପ

- କୃଷକମାନଙ୍କ ଉତ୍ପାଦିତ କୃଷିଜାତ ଦ୍ରବ୍ୟ ବିକ୍ରୟ ଏବଂ ଉଚିତ୍ ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା କରିବା ।
- କୃଷକମାନଙ୍କୁ ଦଲାଲ୍ ମାନଙ୍କ ଶୋଷଣରୁ ରକ୍ଷା କରିବା ।

ନିୟନ୍ତ୍ରିତ ବଜାର କମିଟି ଅଧୀନରେ ରାଜ୍ୟର ୩୧୪ ଗୋଟି ବ୍ଲକରେ ମୋଟ ୪୧୫ ଗୋଟି ବଜାର ପ୍ରାଙ୍ଗଣ ରହିଛି ।
ଓଡ଼ିଶା ରାଜ୍ୟରେ ଥିବା ବିଭିନ୍ନ ପ୍ରକାର କୃଷି ଜାତୀୟ ବଜାର

- ମୁଖ୍ୟ କୃଷି ବଜାର ପ୍ରାଙ୍ଗଣ – ୫୪ ଗୋଟି, ଉପ ବଜାର ପ୍ରାଙ୍ଗଣ – ୩୧୬ ଗୋଟି, କୃଷକ ବଜାର – ୪୩ ଗୋଟି ମକା ବଜାର – ୩ ଗୋଟି, କପା ବଜାର – ୧୪ ଗୋଟି, ଗୋରୁ ହାଟ – ୧୦୬ ଗୋଟି, ମାଛ ହାଟ – ୩ ଗୋଟି
- ୩୩୪୨୫୦ ମେଟ୍ରିକ୍ ଟନ ବିଶିଷ୍ଟ ୮୬୩ ଗୋଟି ଗୋଦାମ ଗୃହ, ୨୦୪ ଗୋଟି ଧର୍ମକଣ୍ଟା, ୧୨ ଗୋଟି ଶୀତଳୀକରଣ ଭଣ୍ଡାର କରାଯାଇଅଛି ।
- ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ପ୍ରତି ଧାନ ସଂଗ୍ରହ କେନ୍ଦ୍ରକୁ ଆବଶ୍ୟକୀୟ ଯନ୍ତ୍ରପାତି ଦିଆଯାଇଅଛି ।
- ଓଡ଼ିଶାର ଚାଷୀମାନଙ୍କୁ ସେମାନଙ୍କର ଫସଲ ରାଜ୍ୟ ଓ ରାଜ୍ୟ ବାହାରେ ଇ - ନିଲାମ ମାଧ୍ୟମରେ ବିକ୍ରି କରେଇବା ଉଦ୍ଦେଶ୍ୟରେ ରାଜ୍ୟରେ ଥିବା ସମସ୍ତ ୬୬ ଗୋଟି ନିୟନ୍ତ୍ରଣ ବଜାର କମିଟିକୁ ରାଷ୍ଟ୍ରିୟ କୃଷି ବଜାର ସହ ସଂଯୋଗ କରାଯାଇଅଛି (ଇ - ନାମ ଜରିଆରେ)
- ଚାଷୀ ଘରେ ବସି ନିଜ ଉତ୍ପାଦିତ ଦ୍ରବ୍ୟକୁ ସୁଲଭ ଦରରେ ବିକ୍ରି କରିବାପାଇଁ ସୁବିଧା ଉଠାଇ ପାରିବେ ।

ସମସ୍ତ ନିୟନ୍ତ୍ରିତ ବଜାର କମିଟି (ଆର.ଏମ.ସି.) ସମ୍ବନ୍ଧୀୟ ସେବା ଏବଂ ସୂଚନା ପାଇଁ ଇ - ନାମ ସେବା ପ୍ରଦାନ କରେ ।

"ହାଟେ ବିକ୍ରି ହାତେ ଚାଷ, ବାଟେ ବିକ୍ରି ସର୍ବନାଶ"






# ପିୟୁସିସି ନାମରେ ସରକାରଙ୍କ ଗୁଣ୍ଡାବଟି ଆଦାୟ: କଂଗ୍ରେସ

## ସୁଭଦ୍ରା ଓ ଧାନ କିଣା ଟଙ୍କା ଦେବାକୁ କର କଷଣ



ଭୁବନେଶ୍ୱର, ୯ ।୧(ସମିସ): ରାଜ୍ୟରେ ସାଧାରଣ ଲୋକଙ୍କଠାରୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ନାମରେ ଜୋରିମାନା ଆଦାୟକୁ କଡ଼ା ବିରୋଧ କରିଛି କଂଗ୍ରେସ। ପ୍ରଦୂଷଣ ଆଇନକୁ ଆଳ କରି ସରକାର ଜିଜିଆ କର ଆଦାୟ କରୁଛନ୍ତି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ସେହିପରି ପ୍ରଦୂଷଣ ପ୍ରମାଣପତ୍ର ନାଟକ ବିରୋଧରେ ଆସନ୍ତାକାଲି ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରିବାକୁ ଯୁବ କଂଗ୍ରେସ ଘୋଷଣା କରିଛି ।

ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି, କୌଣସି ମାନଦଣ୍ଡ ନଥାଇ ସରକାର ସାଧାରଣ ଲୋକଙ୍କଠାରୁ ମନଇଚ୍ଛା ଫାଇନ ଅସୁଲ କରୁଛନ୍ତି। ସମଗ୍ର ରାଜ୍ୟରେ କର ଅସୁଲି ପାଇଁ ହାହାକାର ପଡିଛି। ସାଧାରଣ ଖାଉଟି, କୃଷକ, ଛୋଟ ବେପାରୀ, ଛୋଟ ଚାକିରିଆ ଏପରିକି ବେକାରୀ ଯୁବକଙ୍କ ଉପରେ ମଧ ଫାଇନ ପଡୁଛି। ପରାଧୀନ ଭାରତରେ ଓଡ଼ିଶାବାସୀ ବିପ୍ଳବ କରିଥିଲେ। ଜଗନ୍ନାଥଙ୍କ ରାଜ୍ୟ ଶାନ୍ତ ସରଳ ବୋଲି ବାରମ୍ବାର କର ଅସୁଲିର ଅତ୍ୟାଚାର ଚାଲିଛି। ଗୋଟିଏ ଗାଡି ଉପରେ ବିଭିନ୍ନ ପ୍ରକାର କର ଅସୁଲି ଚାଲିଛି। ତାପଜ କେନ୍ଦ୍ର,

**ପୁରୀ ଓ ଓଡ଼ିଶାକୁ ବଦନାମ କରିବାକୁ ପାର୍କିଂ ଫି ବୃଦ୍ଧି**

**ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରିବ ଯୁବ କଂଗ୍ରେସ**

ପାଉଁଶ, ତୈଳ ବିଶୋଧନାଗର, ଖଣି ଆଦିରୁ କେତେ ପ୍ରଦୂଷଣ ହେଉଛି ସରକାର ପରୀକ୍ଷା କରିବା ଦରକାର। ଏହି ସଂସ୍ଥାଗୁଡ଼ିକ ଓଡ଼ିଶାର ବାୟୁମଣ୍ଡଳକୁ ସମ୍ପୂର୍ଣ୍ଣ ପ୍ରଦୂଷିତ କରି ଦେଲେଣି। ମାତ୍ର ସମସ୍ତ କମ୍ପାନୀଙ୍କ ପ୍ରଦୂଷଣ ମୁକ୍ତ ସାର୍ଟିଫିକେଟ ନବୀକରଣ ହେଉଛି। ଫେବୃଆରୀରେ ବିଧାନସଭା ଘେରାଉ ହେବ ଏବଂ ସରକାରଙ୍କୁ କଂଗ୍ରେସ ଜବାବ ମାଗିବ। ପିୟୁସିସି ନାମରେ ପୁଲିସ ଦ୍ୱାରା ସରକାର ଯେଉଁ ଗୁଣ୍ଡାଗିରି କରୁଛି ତାହା ବନ୍ଦ କରିବାକୁ ସେ ଦାବି କରିଛନ୍ତି। ଯଦି ଲୋକଙ୍କ ଦ୍ୱାରା ନିର୍ବାଚିତ ତେବେ ଲୋକଙ୍କୁ ସରକାର ସମ୍ମାନ କରନ୍ତୁ ଓ ପ୍ରଦୂଷଣ କରୁଥିବା କମ୍ପାନୀକୁ ପ୍ରଥମେ ଯାଞ୍ଚକରି ପ୍ରଦୂଷଣ ମୁକ୍ତ କରନ୍ତୁ ବୋଲି ଭକ୍ତ କହିଛନ୍ତି।

ଏହି ଅବସରରେ ପୁରୀସ୍ଥିତ ଭକ୍ତ ନିବାସରେ ରହୁଥିବା ଜଗନ୍ନାଥ ଦର୍ଶନଭିଳାଷୀଙ୍କ ଗାଡି ଉପରେ କର କାହିଁକି ଲାଗିବ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଭକ୍ତଙ୍କୁ ଆତଙ୍କିତ କରାଯାଉଛି। ଜଗନ୍ନାଥ ଧାମ ପୁରୀର ଗୁରୁତ୍ୱ କମାଇବା ଓ ଲୋକଙ୍କ ସଂଖ୍ୟା ହ୍ରାସ ପାଇଁ ପାର୍କି ଫି ବୃଦ୍ଧି କରାଯାଉଛି । ସରକାର ପୁଞ୍ଜିପତିଙ୍କ ଉପରେ କର ପକାଇବା ପାଇଁ ସାହସ କରୁନାହାନ୍ତି। କିନ୍ତୁ ସାଧାରଣ ଲୋକଙ୍କୁ କର ଦେବାକୁ ବାଧ କରାଯାଉଛି। ସରକାରଙ୍କ ପାଖରେ ଏବେ ଧାନ କିଣିବା ଓ ସୁଭଦ୍ରା ଯୋଜନା ପାଇଁ ପଇସା ନାହିଁ। ତେଣୁ ଜୋର ଜବରଦସ୍ତ କର ଆଦାୟ କରୁଛନ୍ତି ବୋଲି ଭକ୍ତ କହିଛନ୍ତି।


ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର ପ୍ରଦୂଷଣ ଯାଞ୍ଚ ସହିତ ବକେୟା ଫାଇନର କଣ ସମ୍ପର୍କ ଅଛି ବୋଲି ପ୍ରଶ୍ନ କରିବା ସହ କେଉଁ ସ୍ଥାନରେ କେଉଁ ଗାଡି କେତେ ଗତିରେ ଯିବ ତାପାଇଁ ରାସ୍ତାରେ ପର୍ଯ୍ୟାପ୍ତ ଫଳକ ନାହିଁ ବୋଲି କହିଛନ୍ତି। ଯୁବ ନେତା ମନୋଜ ବିଶ୍ୱାଳ ପ୍ରଦୂଷଣ ନାମରେ ସାଧାରଣ ଜନତାଙ୍କ ତଣ୍ଟି ଚିପି ଫାଇନ ଆଦାୟକୁ କଂଗ୍ରେସ ବିରୋଧ କରୁଛି ବୋଲି କହିବା ସହ ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରାଯିବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

ସକାଳ
THE SAKALA



# ମାନୁନାହାନ୍ତି ବାୟୁ ପ୍ରଦୂଷଣ କଟକଣା; ପ୍ରଶାସନ ଚୁପ

ଲଙ୍ଗଳେଶ୍ୱର, ୯।୧(ସମିସ)





ବାଲେଶ୍ୱର ଜିଲ୍ଲାରେ ବାୟୁ ପ୍ରଦୂଷଣ ପ୍ରତିହତ କରିବାକୁ ଲାଗୁ ହୋଇଥିବା କଟକଣାର ସମୀକ୍ଷା ଭିସି ମାଧ୍ୟମରେ କରିଛନ୍ତି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ। ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସ୍ଥିତି ବିଗୁଡୁଥିବାରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍) ଧାରା ୧୬୩ ଅନୁଯାୟୀ ଏହି କଟକଣା ଜାରି ହୋଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏ ନେଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଭିସିରେ ଗୃହ ଓ ରାସ୍ତା ନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ଆରଡବ୍ଲ୍ୟୁଏସ୍‌ଏସ୍, ଡ୍ରେନେଜ୍, ଜନସ୍ୱାସ୍ଥ୍ୟ, ସମସ୍ତ ଲାଇନ୍ ବିଭାଗର ଅଧିକାରୀ, ତହସିଲଦାର, ବିଡିଓ, ମ୍ୟୁନିସିପାଲିଟି, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ଜାରି ନିର୍ଦ୍ଦେଶଗୁଡ଼ିକୁ ଦୃଢ଼ତାର ସହ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କଟକଣା କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁଖିଲା ଓ ଧୂଳିଭରା ଅଞ୍ଚଳରେ ନିୟମିତ ପାଣି ଛିଟା, ଖୋଲାସ୍ଥାନରେ ନିଆଁ ଜଳାଇଲେ ଜରିମାନା ସହ କଡ଼ା କାର୍ଯ୍ୟାନୁଷ୍ଠାନ, ବେଆଇନ ଇଟା ଭାଟି ଗୁଡ଼ିକରେ ଜରିମାନା ଓ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ବସ୍ତା ତହସିଲ ଅଧୀନରେ ଗଢ଼ିଉଠିଥିବା ବେଆଇନ ଇଟାଭାଟିରେ ପ୍ରଦୂଷଣ ମାର୍ଗଦର୍ଶିକାକୁ ଫୁ କରି ମାଲିକମାନେ ବେଧଡ଼କ ବେପାର ଜମାଇଛନ୍ତି।

ସୂଚନା ଅନୁସାରେ ଦୀର୍ଘ ବର୍ଷ ଧରି ବସ୍ତା ଓ ସିଂଲା ଥାନା ଅଞ୍ଚଳରେ ଶତାଧିକ ବେଆଇନ ଚଦର ଇଟା ଭାଟି ଓ ଚିମନି ଭାଟି ମାନ ଗଢ଼ି ଉଠିଛି। ବସ୍ତା ତହସିଲ ଅନ୍ତର୍ଗତ ସନ୍ତୋଷପୁର, ରଘୁନାଥପୁର, କରୁଆ, ପାଉଁଶକୁଲି, ତାବଦା, ସିଂଲା, ଭେଲୋରା, ନାବରା ଆଦି ପଞ୍ଚାୟତ ଗୁଡ଼ିକରେ ୭୦ରୁ ଊର୍ଦ୍ଧ୍ୱ ବେଆଇନ ଇଟାଭାଟି ଖଣି ବିଭାଗ ଓ ପ୍ରଦୂଷଣ ବିଭାଗ ପକ୍ଷରୁ କୌଣସି ପ୍ରମାଣ ପତ୍ର ନ ନେଇ ଖୋଲାଖୋଲି ବେପାର ଚଳାଇ ଆସିଛନ୍ତି। ତେବେ ଗତକାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି ହେବା ପରେ ମଧ୍ୟ ଆଜି ରଘୁନାଥପୁର ପଞ୍ଚାୟତର ଟାଟା ଇଟାଭାଟି, ଲାୟନ ଇଟାଭାଟି, ନାବରା ପଞ୍ଚାୟତର ଦେବୀ ଜିଗଜାଗ ବିଶାଳ ଚିମନି ଇଟାଭାଟିର ଧୂଆଁରେ ଆକାଶ ଧୂଆଁମୟ ହେଉଛି, ଫଳରେ ଅଞ୍ଚଳବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ଛୋଟ ପିଲା ଛାତିରେ ଯନ୍ତ୍ରଣା ସହ କାଶରେ ରକ୍ତ ପଡୁଥିବା ଅଭିଯୋଗ ହେଉଛି। ଉକ୍ତ ଇଟାଭାଟି ଗୁଡ଼ିକ ମଧ୍ୟରୁ ୩୧ଟିକୁ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ଗତକାଲି କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପରେ ମଧ୍ୟ ଏହାକୁ ନମାନି ନିର୍ଭୟରେ ଇଟାଭାଟି ଚଲାଇଛନ୍ତି। ବର୍ଷବର୍ଷ ଧରି ଏହି ଚଦର ଇଟା ଭାଟି ମାଲିକ ଇଟା ତିଆରି କରି ବିକ୍ରି କରୁଛନ୍ତି। ବେଆଇନ ଇଟା ଭାଟିର ମାଲିକ ସ୍ଥାନୀୟ ଚାଷଜମିରୁ ବେଆଇନ ମାଟି ଆଣି ଇଟା ତିଆରି କରୁଛନ୍ତି। ଯାହା ଖଣିବିଭାଗ ଏବଂ ତହସିଲ ବିଭାଗ ଜାଣି ନ ଜାଣିଲା ଭଳି ଚୁପ୍ ରହୁଛି। ଆଦୌ ରାଜସ୍ୱ ନ ଦେଇ ଇଟାଭାଟି ମାଲିକମାନେ ନିଜର ମୁନାଫା ଉଠାଉଛନ୍ତି। ପ୍ରଦୂଷଣ, ଖଣି, ତହସିଲ ଓ ଜଙ୍ଗଲ ବିଭାଗ ଏହି ଇଟାଭାଟି ମାଲିକଙ୍କ କାର୍ଯ୍ୟ ପ୍ରତି ଆଖିବୁଜି ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏହି ସମସ୍ତ ଇଟାଭାଟି ମାଲିକ ବେଆଇନ ମାଟି ଉଠାଇବା ସହିତ ଚୋରା କୋଇଲା ବ୍ୟବହାର କରୁଛନ୍ତି। ଚୋରା କୋଇଲା ବେପାରୀ ମଧ୍ୟ ସକ୍ରିୟ ରହୁଛନ୍ତି। ଯାହା ବାୟୁ ପ୍ରଦୂଷଣ ମାତ୍ରାକୁ ବଢ଼ାଇ ଚାଲିଛି। ସମସ୍ତ ବେଆଇନ ଇଟାଭାଟି ମାଲିକଙ୍କ ଉପରେ ଜିଲ୍ଲା ସାଧାରଣ ପ୍ରଶାସନ, ପ୍ରଦୂଷଣ ଓ ଖଣି ବିଭାଗ କେବଳ ନୋଟିସ୍ ଜାରି କରି କୌଣସି ଆଖି ଦୃଶିଆ ପଦକ୍ଷେପ ନେଉନଥିବା ସାଧାରଣରେ ଅଭିଯୋଗ ହେଉଛି। ଏଣୁ ତୁରନ୍ତ ପ୍ରଶାସନ ଉକ୍ତ ଜୀବନଘାତି ଇଟାଭାଟି ଗୁଡ଼ିକ ଭାଙ୍ଗି ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି ଦିଗରେ ଚେଷ୍ଟିତ ହେବାକୁ ଜନସାଧାରଣ ନିବେଦନ କରିଛନ୍ତି।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ



ଭୋଗରାଇ, ୯।୧(ସମିସ): ଭୋଗରାଇ ବ୍ଲକ୍ ଜଳେଶ୍ୱରପୁର ପଞ୍ଚାୟତରେ ଥିବା ନିଖିଳ ଉତ୍କଳ ଶିକ୍ଷକ ସଂଘର ୮୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।୧୯୪୬ ମସିହାରେ ସ୍ୱର୍ଗତ ଡ. ରାଧାନାଥ ରଥ ଓ ଲୋକନାଥ ନନ୍ଦଙ୍କ ପ୍ରଚେଷ୍ଟାରେ ଏହି ସଂଘ କଟକ ଠାରେ ଆରମ୍ଭ ହୋଇ ଓଡ଼ିଶାର ସମସ୍ତ ବ୍ଲକରେ ଏହାର କାର୍ଯ୍ୟାଳୟ ଖୋଲାଯାଇଥିଲା। ଆଜି ପ୍ରତିଷ୍ଠା ଦିବସ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସଭାପତିତ୍ୱ କରିଥିଲେ ଶାନ୍ତିପ୍ରକାଶ ମହାପାତ୍ର, ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ, ମୁଖ୍ୟ ବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ଭୋଗରାଇ ସୁରକ୍ଷା ପରିଷଦର ସମ୍ପାଦକ ସୌଭାଗ୍ୟ ରଞ୍ଜନ ଦେ, ଉପସଭାପତି ପଦ୍ମଲୋଚନ ମାଝୀ, ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡା, କୋଷାଧ୍ୟକ୍ଷ ବିକ୍ରମ କେଶରୀ ନାୟକ, ଉପସଭାନେତ୍ରୀ ସନ୍ଧ୍ୟା ରାଣୀ ବେହେରା, ସହ ସମ୍ପାଦକ ରବୀନ୍ଦ୍ର ନାଥ ଜେନା, ପୁରୁଷୋତ୍ତମ ସାମଲ, କାଳୀଚରଣ ଦଳାଇ ମତବ୍ୟକ୍ତ ପ୍ରକାଶ କରିଥିଲେ।

## ବର୍ତ୍ତନା ହାଇସ୍କୁଲର ବାର୍ଷିକୋତ୍ସବ



ଖଇରା, ୯।୧(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ସରକାରୀ ଉଚ୍ଚ ବିଦ୍ୟାପୀଠର ସାମ୍ବତ୍ସରିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେଶ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ବୀଣାପାଣି ପଣ୍ଡା ମୁଖ୍ୟଅତିଥି, ଓଷ୍ଟା ଖଇରା ଶାଖା ସଭାପତି ବିଷ୍ଣୁ ପ୍ରସାଦ ମିଶ୍ର ମୁଖ୍ୟବକ୍ତା, ପୂର୍ବତନ ପ୍ରଧାନଶିକ୍ଷକ କିଶୁ ଚରଣ ଗାହାଣ, ରଘୁନାଥ ନାୟକ ଓ ଅଭିମନ୍ୟୁ ରାଉତ, ପରିଚାଳନା କମିଟି ସଭାପତି ଜଗନ୍ନାଥ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମା' ବାପାମାନେ ନିଜର ସନ୍ତାନକୁ ଚାପମୁକ୍ତ ରଖି ସେମାନଙ୍କୁ ନିଜ କ୍ୟାରିୟର ବିଷୟରେ ନିଷ୍ପତ୍ତି ନେବାଲାଗି ସୁଯୋଗ ଦେବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରିଚାଳନା କମିଟି ଉପସଭାପତି ଗୀତାଞ୍ଜଳି ସାମଲ, ସଭ୍ୟ ଶିଶିର ମହାନ୍ତି, ମୁକ୍ତିକାନ୍ତ ନାୟକ, ଶୁକଦେବ ପଣ୍ଡା, ଶିତିକଣ୍ଠ ପଟ୍ଟନାୟକ, ବାବୁନା ମହାନ୍ତି ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପିରାମିଡ୍ ନୃତ୍ୟ ସାଙ୍ଗକୁ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ସ୍କୁଲ କର୍ମଚାରୀ ଜିତେନ୍ଦ୍ର ବଲ୍ଲଭ ନାୟକ, ଉର୍ମିଳା ପ୍ରଧାନ, ମମତା ବଳବନ୍ତରାୟ, ବିଜୟଲକ୍ଷ୍ମୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ଆଇନ ସଚେତନତା ଶିବିର




ସୋର, ୯।୧(ସମିସ): ସୋର କୋର୍ଟ ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଜାତୀୟ ଯୁବ ଦିବସ ଉପଲକ୍ଷେ ମାଦକମୁକ୍ତ ଭାରତ ଗଠନ ଉଦ୍ଦେଶ୍ୟରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ସୋର ଅନନ୍ତପୁରସ୍ଥିତ ସାରସ୍ୱତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଯୁବପିଢ଼ିଙ୍କୁ ମାଦକଦ୍ରବ୍ୟର କୁପ୍ରଭାବ ବିଷୟରେ ସଚେତନ କରି ମାଦକମୁକ୍ତ ଭାରତ ଗଠନ କରିବା। ଏହି ଅବସରରେ ସୋର ତାଲୁକ ଆଇନ୍ ସହାୟତା କମିଟିର ଅଧ୍ୟକ୍ଷା ତଥା ଅତିରିକ୍ତ ଜିଲ୍ଲାଜଜ୍ ମିନାକ୍ଷୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବଶକ୍ତିଙ୍କୁ ଦେଶର ଭବିଷ୍ୟତ ଭାବେ ଅଭିହିତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସିଭିଲ ଜଜ୍ ଶୀଲା ପ୍ରିୟଦର୍ଶିନୀ ପଣ୍ଡା ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜେଶ କୁମାର ଦାସ, ଆଇନଜିବୀ ଚିତ୍ତରଞ୍ଜନ ମହାପାତ୍ର ମାଦକ ଦ୍ରବ୍ୟ ସେବନର ଆଇନଗତ ପରିଣାମ, ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ଓ ସାମାଜିକ କ୍ଷତି ବିଷୟରେ ସୂଚନା ଦେଇ ଯୁବପିଢିଙ୍କୁ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ। ଲିଗାଲ ଏଡ୍ ରିଟେନର ଭବ ଶଙ୍କର ଦାସ ବିଭିନ୍ନ ପ୍ରକାରର ବିନାମୂଲ୍ୟ ଆଇନ ସହାୟତା ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ କାହ୍ନୁଚରଣ ବେହେରା ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। କୋର୍ଟ କର୍ମଚାରୀ ଜ୍ୟୋତି ପ୍ରକାଶ ସେଠୀ, ବିଶ୍ୱରଞ୍ଜନ ବାରିକ୍ ଓ ସ୍ୱେଚ୍ଛାସେବୀ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କଲେଜର ଅଧ୍ୟକ୍ଷ ଡମ୍ବରୁଧର ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟ ପରିଚାଳନା କମିଟି ଗଠନ ଦାବିରେ ବିଇଓ ଅଫିସ୍ ଆଗରେ ଧାରଣା



ଭୋଗରାଇ, ୯।୧(ସମିସ): ଭୋଗରାଇ ବ୍ଲକ୍ ମନ୍ଦାରସାହି ଗ୍ରାମରେ ଥିବା କାର୍ତ୍ତିକ ଚନ୍ଦ୍ର ଉ. ପ୍ରା. ବିଦ୍ୟାଳୟର ପରିଚାଳନା କମିଟି ଗଠନ ପାଇଁ ଆଜି ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ଆଗରେ ଅଭିଭାବକଙ୍କ ସମେତ ସରପଞ୍ଚ ଧାରଣା ଦେଇଥିଲେ। ଯଦି ୭ଦିନ ଭିତରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ ନ କରାଯାଏ ତା'ହେଲେ ସେମାନେ ଅହୋରାତ୍ର ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ପରିଚାଳନା କମିଟି ଗତ ମେ' ମାସ ୧ ତାରିଖରେ ଗଠନ ହୋଇଥିଲା। ସର୍ବସମ୍ମତିକ୍ରମେ ଉକ୍ତ କମିଟିର ସଭାପତି ଭାବରେ ସପନ ଗାୟନଙ୍କୁ ଚୟନ କରାଯାଇଥିଲା। ମାତ୍ର ସଭାପତିଙ୍କ ମନମୁଖୀ କାର୍ଯ୍ୟକଳାପ ପାଇଁ ବିଦ୍ୟାଳୟ ଉନ୍ନତିମୂଳକ କାର୍ଯ୍ୟ ହୋଇନପାରିବା, ଛାତ୍ରଛାତ୍ରୀ ପୋଷାକ ନ ପାଇବା ଆଦି କାରଣ ଯୋଗୁଁ ଅସନ୍ତୁଷ୍ଟ ହୋଇ ବିଦ୍ୟାଳୟ ପରିଚାଳନା କମିଟିର ୯ ଜଣ ସଭ୍ୟ/ସଭ୍ୟା ସଭାପତି ପରିବର୍ତ୍ତନ ପାଇଁ ଭୋଗରାଇ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏପରିକି ବାରମ୍ବାର ପରିଚାଳନା କମିଟିର ସଭ୍ୟମାନେ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯାଳୟକୁ ଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଷ୍ଟାଣ୍ଡି କମିଟିର ସଭାପତିଙ୍କ ପାଖରେ ଅଭିଯୋଗ କରିଥିଲେ। ଷ୍ଟାଣ୍ଡି କମିଟିର ସଭାପତି ମଧ୍ୟ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ତେଣୁ ଷ୍ଟାଣ୍ଡି କମିଟିର ସଭାପତି ଏକ ରିଜୋଲ୍ୟୁସନ କରି ସ୍କୁଲ ପରିଚାଳନା କମିଟି ଭଙ୍ଗ କରିଥିଲେ। ପରେ ନଭେମ୍ବର ୧୯ ତାରିଖରେ ପତ୍ର ସଂଖ୍ୟା ୬୯୧ ମୂଳେ ନଭେମ୍ବର ୨୬ ତାରିଖରେ ନୂତନ ଭାବେ ସ୍କୁଲ ପରିଚାଳନା କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଲେ। ପୁଣି ନଭେମ୍ବର ୨୫ ତାରିଖରେ ଭୋଗରାଇ ଶିକ୍ଷାଧିକାରୀ ୨୬ ତାରିଖରେ କମିଟି ଗଠନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗତ ୮ ତାରିଖରେ ଚିଠି ନମ୍ବର ୬୫ ମୂଳେ ପ୍ରଧାନଶିକ୍ଷକ ଓ ସପନ ଗାୟନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପାଇଁ ଚିଠି ଆସିଥିଲା। ଯାହାକୁ ବିରୋଧ କରି ଆଜି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀ ଅଭିଭାବକ, ସରପଞ୍ଚ ମମତା ସାହୁ ଧାରଣାରେ ବସିଥିଲେ। ପରେ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, କଂଗ୍ରେସ ଜିଲ୍ଲା ସଭାପତି ସତ୍ୟଶିବ ଦାସ, ସରପଞ୍ଚ ଶ୍ରୀମତୀ ସାହୁ ଉପସ୍ଥିତ ହୋଇ ଆଲୋଚନା କରିବା ସହିତ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ଆଗାମୀ ୭ ଦିନ ମଧ୍ୟରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ ନ କରାଯାଏ ତା'ହେଲେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଓ ସାଧାରଣ ଜନତା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ବାଲେଶ୍ୱର, ୯।୧(ସମିସ): ଲାଇଟ୍ ସାଉଣ୍ଡ ଆସୋସିଏସନ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଯୁବ ସଂଗଠକ ବିକାଶ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଜ୍ୟୋତିର୍ବିଦ୍ ଡ. ମନ୍ମଥ ମିଶ୍ର, ପୂର୍ବତନ ନଗରପାଳ ଆଲୋକ ସାହୁ, ସାରଗାଁ ସରପଞ୍ଚ ସାବିତ୍ରୀ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଗଠନ ସଭାପତି ଦେବନାଥ ସେନ ସାଧାରଣ ସମ୍ପାଦକ ରାଜେଶ ନାୟକ, ଅଧ୍ୟକ୍ଷା ପୁଷ୍ପଲତା ମାଝୀ, ସେକ୍ ଅବଦୁଲ ଖାଲିଦ, ମୃତ୍ୟୁଞ୍ଜୟ ମହାନ୍ତି, ତପନ ବେହେରା, ଦିଲୀପ ଦାସ, ସଞ୍ଜୀବ ଦେ, ସୁଦୀପ ଦାସ, ସୁରଜ୍ ଦାସ, ରୋହିତ ମାଝୀ, ରାଜେନ୍ଦ୍ର ମାଝୀ, ଯୋଗେଶ ପାଢ଼ୀ, ରାଜେନ୍ଦ୍ର ମାଝୀ ଏବଂ ସଞ୍ଜୀବ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆସୋସିଏସନ୍ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ।

## ବିଧାୟକଙ୍କ ଦ୍ୱାରା କମଳ ବଣ୍ଟନ

ଔପଦା, ୯।୧(ସମିସ): ସାରା ରାଜ୍ୟରେ ହାଡ଼ଭଙ୍ଗା ଶୀତର ପ୍ରକୋପ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଏହାକୁ ଦୃଷ୍ଟିରେ ରଖି ନୀଳଗିରି ନିର୍ବାଚନ ମଣ୍ଡଳୀର ବିଧାୟକ ସନ୍ତୋଷ ଖଟୁଆ ଅସହାୟଙ୍କ ଆବଶ୍ୟକତାକୁ ଲକ୍ଷ୍ୟ କରି ବିଭିନ୍ନ ସ୍ଥାନରେ ଅସହାୟ ନିରାଶ୍ରୟ ଓ ବିଭିନ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ କମଳ ବଣ୍ଟନ କରିଛନ୍ତି। ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ୍ ଗଡ଼ସାହି ପଞ୍ଚାୟତର ଆଶା ବୃନ୍ଦାବନ ବାଳିକା ବିଦ୍ୟାଳୟର ଛାତ୍ରୀ ନିବାସର ମୋଟ ୭୦ ଅନ୍ତେବାସୀଙ୍କ ପାଇଁ ସନ୍ତୋଷ ଖଟୁଆ ଫ୍ୟାନ୍ କ୍ଲବ୍ ପକ୍ଷରୁ ଆଶା ପ୍ରଧାନ ଶିକ୍ଷକ ଭଗବାନ ଚରଣ ନାୟକଙ୍କ ସହଯୋଗରେ କମ୍ବଳ ବଣ୍ଟନ କରିଛନ୍ତି। ଫ୍ୟାନ୍ କ୍ଲବ୍ ପକ୍ଷରୁ ଗଡ଼ସାହି ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ଫ୍ୟାନ କ୍ଲବ୍ ସଦସ୍ୟ ପର୍ଶୁରାମ ଲେଙ୍କା, ଅଶୋକ କୁମାର ପ୍ରଧାନ ପ୍ରମୁଖ ଏହି କମ୍ବଳ ବଣ୍ଟନରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।



## ଗାଁକୁ ପଶିଲା ଦନ୍ତା: ଖାଇଲା ଧାନ, ଭାଙ୍ଗିଲା ଘର



ଜଳେଶ୍ୱର, ୯।୧(ସମିସ): ରାଇବଣିଆ ଥାନା ବରଡିହା ବନଖଣ୍ଡର ଶାଳଜଙ୍ଗଲରୁ ବୁଧବାର ରାତିରେ ଦୁଇଟି ଦନ୍ତାହାତୀ ବାହାରି ରାଇବଣିଆ ଗାଁକୁ ପଶିଥିଲେ। ସେହି ଗ୍ରାମର ରାମଚନ୍ଦ୍ର ଗାନ୍ଧୀ ଧାନମଣ୍ଡିରେ ଧାନ ଦେବା ଲାଗି ଅଖାରେ ୬ କ୍ୟୁଣ୍ଟାଲ ଧାନ ଭର୍ତ୍ତି କରି ଖଳାରେ ରଖିଥିଲେ। ଦନ୍ତା ଦୁଇଟି ଧାନ ଖାଇବା ସହ ଅଖାଗୁଡ଼ିକୁ ଏଣେତେଣେ ଫିଙ୍ଗିଦେଇଥିଲେ। ଏ ନେଇ ବନବିଭାଗର କର୍ମଚାରୀ ଓ ଗ୍ରାମର ଲୋକମାନଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ଗଡ଼ଆଡ଼ି ପାଖରେ ପାନ ଦୋକାନ କରିଥିବା ମୃତ୍ୟୁ ବେହେରାଙ୍କ ଦୋକାନ ଘର ମଧ୍ୟ ଦନ୍ତା ଭାଙ୍ଗି ଦେଇଥିବା ଜଣାପଡ଼ିଛି। ସେହିପରି ବନମାଳୀ ଦଳାଇଙ୍କ ରୋଷେଇ ଘର ଓ ଶୋଇବା ଘରକୁ ମଧ୍ୟ ଦନ୍ତା ଭାଙ୍ଗି ଥିଲେ। କ୍ଷତିଗ୍ରସ୍ତ ଲୋକେ କ୍ଷତିପୂରଣ ପାଇଁ ବନବିଭାଗ ଓ ପ୍ରଶାସନକୁ ନିବେଦନ କରିଛନ୍ତି। ଅନୁଧ୍ୟାନ ପରେ ସରକାରଙ୍କ ଦ୍ୱାରା ଦିଆଯିବାକୁ ଥିବା ସହାୟତା ଯୋଗାଇ ଦିଆଯିବ ବୋଲି ଫରେଷ୍ଟର ପ୍ରହ୍ଲାଦ ନାୟକ କହିଛନ୍ତି।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବାର୍ଷିକ କ୍ରୀଡ଼ା

ଚନ୍ଦନେଶ୍ୱର, ୯।୧(ସମିସ): ଚନ୍ଦନେଶ୍ୱରସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଆଜି ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଭଏସ୍ ଅଫ୍ ଭୋଗରାଇର ସଭାପତି ତଥା ବିଶିଷ୍ଟ ସାମ୍ବାଦିକ ସୁବାସ ଦାସ ଯୋଗଦେଇ କ୍ରୀଡ଼ା ଦ୍ୱାରା ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁମା ଅନସୂୟା ପାତ୍ର, ସୁମିତା ମାଟି, ଅନିନ୍ଦିତା ପଣ୍ଡା, ରାଧାମଣି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବ୍ରାଉନ୍‌ସୁଗର୍ ଜବତ; ଜଣେ ଗିରଫ

ସୋର, ୯।୧(ସମିସ): ସୋର ଅବକାରୀ ବିଭାଗ ପକ୍ଷରୁ ଆଶ୍ରମଛକ ନିକଟରେ ଚଢ଼ଉ କରାଯାଇ ବାଇକ୍ ସହ ୧୪୦ ଗ୍ରାମ ବ୍ରାଉନ୍‌ସୁଗର୍ ଜବତ କରାଯାଇଛି। ଏଥିସହିତ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଆଜି ମଧ୍ୟାହ୍ନରେ ସୋର ଆଦର୍ଶ ଅବକାରୀ ଥାନା ଅଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ ସହ ସୋର ପୌରାଞ୍ଚଳ ଅଧୀନ ଆଶ୍ରମ ଛକରେ ଚଢ଼ଉ କରିଥିଲେ। ଏହି ସମୟରେ ପୌରପାଳିକା ଅନ୍ତର୍ଗତ ପଠାଣମହଲ୍ଲା କାଶୀପୁର ଗ୍ରାମର ସେକ୍ ଆସପାକ କାଦରୀ (୨୪) ଓଡି ୨୨ ୟୁ ୭୪୭୫ ନମ୍ବର ବିଶିଷ୍ଟ ଏକ ବାଇକ୍‌ରେ ବ୍ରାଉନ୍‌ସୁଗର୍ ବିକ୍ରି କରିବାକୁ ଅପେକ୍ଷା କରିଥିବାବେଳେ ତାକୁ ଅବକାରୀ କର୍ମଚାରୀ ଧରିଥିଲେ। ପରେ ତାକୁ କୋର୍ଟଚାଲାଣ କରାଯାଇଛି। ଚଢ଼ଉଣେ ଏଏସ୍‌ଆଇ ବସନ୍ତ କୁମାର ବାରିକ, କ୍ଷୀରୋଦ କୁମାର ସାହୁ, କନେଷ୍ଟବଳ ଶଶିକାନ୍ତ ସାହୁ ଓ ମିନତି ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ। ଜବତ ବ୍ରାଉନ୍‌ସୁଗରରମୂଲ୍ୟ୧୪ଲକ୍ଷଟଙ୍କାହେବ ବୋଲି ଅବକାରୀ ପକ୍ଷରୁ ସୂଚନା ମିଳିଛି।

# ଜନବସତି ପାଇଲଟ ପ୍ରକଳ୍ପ କଲୋନୀ ଭୂତକୋଠି

ଜଳେଶ୍ୱର, ୯।୧(ସମିସ)



**ପାଣିରେ ପଡ଼ିଲା କୋଟି କୋଟି ଟଙ୍କା**

ଭୂମିହୀନଙ୍କୁ ଘରଡିହ ଓ ଗୃହହୀନଙ୍କୁ ବାସଗୃହ ଯୋଗାଇବା ଲାଗି ସରକାର ବିଭିନ୍ନ ଯୋଜନା ଗ୍ରହଣ କରୁଛନ୍ତି। ଜଳେଶ୍ୱର ବ୍ଲକ୍‌ରେ ଭୂମିହୀନଙ୍କୁ ଘରଡିହ ସହିତ ଆବାସ ଯୋଜନାରେ ଘର ଯୋଗାଇବା କାର୍ଯ୍ୟ ଚାଲୁରହିଛି। ରାଜପୁର ପଞ୍ଚାୟତ ଓ ମହମ୍ମଦନଗରପାଟଣା ପଞ୍ଚାୟତ ସୀମା ଓଳନ୍ଦା ମୌଜାରେ ଥିବା ପଡ଼ିଆର ୫ ଏକରରୁ ଅଧିକ ବଳକା ସ୍ଥାନରେ ୨୦୧୯ ମସିହାରେ ନୂତନ ବସତିସ୍ଥାପନ ନିମନ୍ତେ ତତ୍‌କାଳୀନ ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏକ ପାଇଲଟ ପ୍ରକଳ୍ପ ହାତକୁ ନେଇଥିଲେ। ଭୂମିହୀନଙ୍କୁ ଜମି ଯୋଗାଇବା ଲାଗି ଆବଶ୍ୟକ ହେଉଥିବା ୪ଡିସିମିଲ ପଟ୍ଟା ପରିବର୍ତ୍ତେ ମାତ୍ର ୨ ଡିସିମିଲ ପରିମିତ ସ୍ଥାନରେ ଯୋଜନାବଦ୍ଧ ଭାବରେ ଆଧୁନିକ ଗ୍ରାମବସତି ଲାଗି ପ୍ରାୟ ୧.୫ କୋଟି ଟଙ୍କାର ଏକ ପ୍ରକଳ୍ପର କାର୍ଯ୍ୟାରମ୍ଭ ହୋଇଥିଲା। ୬୩ ଜଣ ଭୂମିହୀନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଜାଗା ସହିତ ଘର, ପାଇଖାନା, ଆବର୍ଜନା ଖତ କୁଣ୍ଡ ଇତ୍ୟାଦି ନିର୍ମାଣ ସହିତ ପ୍ରତ୍ୟେକଙ୍କ ଘରକୁ ପାଇପ୍ ପାଣି ଓ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ୬୩ ଜଣ ହିତାଧିକାରୀଙ୍କ ନାମରେ ଘରଗୁଡ଼ିକ ଠିକାଦାରଙ୍କ ଦ୍ୱାରା ନିର୍ମାଣ କରାଯାଇ ସେମାନଙ୍କୁ ହସ୍ତାନ୍ତର କରାଯିବାର ବ୍ୟବସ୍ଥା ହୋଇଥିଲା। ଏକ ଗୋଷ୍ଠୀ ଶୌଚାଳୟ ମଧ୍ୟ ନିର୍ମାଣ ହୋଇଥିଲା। ପ୍ରତ୍ୟେକ ଘରକୁ ରାସ୍ତା ନିର୍ମାଣ, ବତି ଖୁଣ୍ଟ ସ୍ଥାପନ ଇତ୍ୟାଦି କରାଯାଇଥିବା ବେଳେ ମୁଖ୍ୟ ରାସ୍ତାରୁ ୨୪ଲକ୍ଷ ଟଙ୍କା ବ୍ୟୟରେ କଂକ୍ରିଟ ମଧ୍ୟ କରାଯାଇଥିଲା। ପ୍ରତ୍ୟେକ ହିତାଧିକାରୀଙ୍କ ଲାଗି ଗୋଟିଏ ଶୋଇବା ଘର, ରୋଷେଇ ଘର, ବାରଣ୍ଡା ଇତ୍ୟାଦି ଥିବାବେଳେ ଘର ଗୁଡ଼ିକର ଝରକା, କବାଟ ଲୁହାରେ ନିର୍ମାଣ ହୋଇଥିଲା। ପ୍ରତ୍ୟେକ ଘର ଲାଗି ୧ଲକ୍ଷ ୪୦ହଜାର ଟଙ୍କା, ପାଇଖାନା ଲାଗି ୧୨ ହଜାର ଓ ଡଷ୍ଟବିନ୍ ଖତକୁଣ୍ଡ ଲାଗି ୧୪ହଜାର ମୋଟ ୧ଲକ୍ଷ ୬୬ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିଲା ବେଳେ ସେଥିରୁ ୫୫ଟି ଘର ସମାପ୍ତ ହୋଇଥିଲା। ଅନ୍ୟ ୮ଟି ଘର ନିର୍ମାଣ ଆଦୌ ଆରମ୍ଭ ମଧ୍ୟ ହୋଇ ନାହିଁ। ଗାଁ ଲାଗି ସ୍ୱତନ୍ତ୍ର ଭାବେ ପାଇପ୍ ପାଣି ପ୍ରକଳ୍ପ, ବିଦ୍ୟୁତ୍ ଲାଗି ନୂତନ ଟ୍ରାନ୍ସଫର୍ମର ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ୬ବର୍ଷ ବିତିଯାଇଥିଲେ ମଧ୍ୟ ହିତାଧିକାରୀ ସେଠାରେ ରହିବାକୁ ପସନ୍ଦ କରୁ ନାହାନ୍ତି। ଘରଗୁଡ଼ିକ ନିମ୍ନମାନର ହୋଇଥିବାରୁ କେତେକ ଘର କାନ୍ଥ ଫାଟିଯିବା ସହିତ ଝରକା, କାବାଟ ନଷ୍ଟ ହେବାକୁ ବସିଲାଣି। କେତେକ ଘର ନିର୍ମାଣ ସମ୍ପୂର୍ଣ୍ଣ ଶେଷ ହୋଇନଥିବା ବେଳେ ଅନ୍ୟ କେତେକ ଘରେ ରଙ୍ଗମଧ୍ୟ ଲାଗିନାହିଁ କି ଝରକା, କବାଟ ବସିନାହିଁ। ପାଇପପାଣି ଟ୍ୟାପ୍ ମଧ୍ୟ ଲାଗିନାହିଁ କି ପାଣି ଯୋଗାଣ ମଧ୍ୟ ହେଉନାହିଁ। ବିଦ୍ୟୁତ୍ ଖୁଣ୍ଟ ବସିଛି, ତାର ବି ଟଣାଯାଇଛି, ହେଲେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏପରି ଅବ୍ୟବସ୍ଥା ଦେଖି ହିତାଧିକାରୀ ସେଠାକୁ ଯିବାକୁ ମଙ୍ଗୁ ନାହାନ୍ତି। ଅନ୍ୟପକ୍ଷରେ ସରକାରୀ ଜାଗାରେ ଜବରଦଖଲରେ ରହି ଜରି ତଳେ ଅତି ଶୋଚନୀୟ ଅବସ୍ଥାରେ ବାସ କରୁଛନ୍ତି। ୫୫ଟି ଘରର ହିତାଧିକାରୀ ଅନୁସୂଚିତ ଜାତି ଓ ଜନଜାତିର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ମରିଗଲେଣି। ଏବେ ୫୫ଟି ଘର ମଧ୍ୟରୁ ଜଗନ୍ନାଥ ଟୁଡୁ, ମୁଚିରାମ ମାରାଣ୍ଡି, ବିଶୁ ମୁର୍ମୁ, ସୁରିଆ ହେମ୍ବ୍ରମ, ମାମି ମୁର୍ମୁ, କ୍ରିଷ୍ଟା ମୁର୍ମୁ, ଲକ୍ଷ୍ମଣ ସିଂ, ସୂର୍ଯ୍ୟ ହେମ୍ବ୍ରମ, କୁନି ମୁର୍ମୁ, ନକୁଳ ବାସ୍କେ, ବୁଧିଆ ସିଂ, ମଙ୍ଗଳ ହାଁସଦା ପ୍ରମୁଖ ସେମାନଙ୍କ ଘରେ ରହୁଥିବା ବେଳେ ମହମବତୀ ଲଗାଇ ରାତି ବିତାଉଛନ୍ତି। ଭଙ୍ଗା ଦଦରା ଘରେ ଅନ୍ଧାରରେ ରହିବାକୁ ଡରୁଥିବା ବେଳେ ପାଣି ଲାଗି ନିକଟରେ ଥିବା ପଞ୍ଚାୟତ ପୋଖରୀ ଉପରେ ନିର୍ଭର କରୁଛନ୍ତି। ସେଠାରେ ପଶ୍ଚିମବଙ୍ଗର କେତେକ ଲୋକେ ବସବାସ କରୁଥିବା ବେଳେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳ ଓ ନିଶା କାରବାର ହେଉଛି। କେତେକ ଘରେ ଲୋକେ ରହୁଥିଲେ ମଧ୍ୟ ପିଇବାପାଣି ଲାଗି ନିକଟରେ ଥିବା ଅନ୍ୟ ଏକ ସାହିକୁ ଯିବାକୁ ପଡୁଛି। ତେଣୁ ପ୍ରଶାସନ ଘରଗୁଡ଼ିକୁ ମରାମତି କରିବା ସହିତ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କଲେ ହିତାଧିକାରୀମାନେ ଜରିତଳେ ନ ରହି ନିଜ ଘରକୁ ଆସିବେ ବୋଲି ସରପଞ୍ଚ ଅରୁଣ ସେନାପତି କହିଛନ୍ତି। ଏ ସମ୍ପର୍କରେ ଓଳନ୍ଦା ଗ୍ରାମ୍ୟ ମୁଖ୍ୟ ସମର ବଲ୍ଲଭ ସାହୁ ଓ ଆଦିକନ୍ ପାତ୍ରଙ୍କୁ ପଚାରିବାରୁ ଗାଁର ଥିବା ପଡିଆକୁ ସଂକୁଚିତ କରି ଲୋକଙ୍କ ବସତି ଲାଗି ଦିଆଯାଇଛି। ଏବେ ଉକ୍ତ ମହତକାଂକ୍ଷୀ ପ୍ରକଳ୍ପ ଅଞ୍ଚଳ ଭୂତକୋଠି ପାଲଟିଥିବା ବେଳେ ଯୋଜନା ପ୍ରହସନରେ ପରିଣତ ହୋଇଥିବା ଲୋକେ କହୁଛନ୍ତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାଳକୃଷ୍ଣ ବେରଦଳେଇ
ଅମଳାଭଟ୍ଟା, ଜେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ,
ନାତୁଣୀ - ଆରୁଷି

## ରାସ୍ତାରେ ଯାଉଥିବା ହାଇୱାରେ ଅଗ୍ନିକାଣ୍ଡ



ରାଇରଙ୍ଗପୁର, ୯।୧(ସମିସ): ରାଇରଙ୍ଗପୁର ସହର ମଧ୍ୟରେ ରାସ୍ତାରେ ଯାଉଥିବା ଏକ ହାଇୱାରେ ଅଗ୍ନିକାଣ୍ଡ ଘଟିଛି। ତେବେ ନିଆଁ ବ୍ୟାପିବା ପୂର୍ବରୁ ଆୟତ୍ତ କରାଯିବାରୁ ଅଳ୍ପକେ ଲୋକେ ବର୍ତ୍ତିଯାଇଛନ୍ତି। ଶୁକ୍ରବାର ଅପରାହ୍ନ ସମୟରେ ପୁରୁଣା ବଜାର ଅଞ୍ଚଳର ଗାନ୍ଧୀ ପାର୍କ ନିକଟରେ ରାସ୍ତାରେ ଯାଉଥିବା ହାଇୱା ଚକରେ ହଠାତ ନିଆଁ ଲାଗି ଯାଇଥିଲା। ଚଳ ଜଳି ନିଆଁ ବ୍ୟାପିବା ପୂର୍ବରୁ ସ୍ଥାନୀୟ ଲୋକ ଦେଖି ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ରେଳ ଲାଇନ ନିକଟରୁ ଜବରଦଖଲ ଉଚ୍ଛେଦ

ରାଇରଙ୍ଗପୁର, ୯।୧ (ସମିସ): ରେଳ ଲାଇନ ନିକଟରେ ଉଚ୍ଛେଦ ନେଇ ନୋଟିସ ପାଇ ସ୍ଥାନୀୟ ଲୋକେ ନିଜେ ଜବରଦଖଲ ଉଚ୍ଛେଦ କରିଛନ୍ତି। ଇଚିଣ୍ଡା ରେଳ



ଫାଟକ ନିକଟରେ ରାସ୍ତା କଡ଼କୁ ଓ ରେଳ ଲାଇନ କଡ଼କୁ କିଛି ଲୋକେ ରେଳ ବିଭାଗ ଜମିକୁ ଜବରଦଖଲ କରି ରଖିଥିଲେ। ଯାହାକୁ ନେଇ ରେଳ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ରେଳ ବିଭାଗ ଓ ତହସିଲ ବିଭାଗ ଉଚ୍ଛେଦ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ୫/୬ ଜଣ ଘର ଲୋକେ ନିଜେ ଉଚ୍ଛେଦ କରିଛନ୍ତି। ବାକି ନୋଟିସ ପାଇଥିବା ଜବରଦଖଲକାରୀଙ୍କ ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି ସୂଚନା ମିଳିଛି।

## ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ପାଇଁ ନାମଲେଖା ଆରମ୍ଭ

ବାରିପଦା/ରାଇରଙ୍ଗପୁର, ୯।୧(ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ୨୦୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ପ୍ରକ୍ରିୟା ଘୋଷଣା କରାଯାଇଛି। ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ଏହି ସୁଯୋଗର ଲାଭ ଉଠାଇପାରିବେ। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା କୌଣସି ବୟସର ବ୍ୟକ୍ତିବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର) ପିଜି ଡିପ୍ଲୋମା, (ସ୍ନାତକୋତ୍ତର ଡିପ୍ଲୋମା) ଓ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଆସନ୍ତା ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଓ ପୁନଃ ପଞ୍ଜୀକରଣ ଦେୟ ୫୦ ପ୍ରତିଶତ ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟକୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେନାହିଁ। ଇଚ୍ଛୁକ ଛାତ୍ରଛାତ୍ରୀ ଇଗ୍ନୋର ୱେବସାଇଟ ଅନୁସରଣ କରିପାରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ରାଇରଙ୍ଗପୁର, ମୟୂରଭଞ୍ଜକୁ ଇ-ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ। ଏଥିସହିତ ସମସ୍ତ ପ୍ରକାର ଯୋଗାଯୋଗ ପାଇଁ ୦୬୭୯୪-୨୨୨୦୯୭ ଦୂରଭାଷ ନମ୍ବରରେ ଯୋଗାଯୋଗ କରିବାକୁ ଇଗ୍ନୋ ତରଫରୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ ଦାଶ ସୂଚନା ଦେଇଛନ୍ତି।

## ଦାଣ୍ଡବୋଷ ବିମାନବନ୍ଦର ପାଇଁ ଜମି ଅଧିଗ୍ରହଣ

**● ତହସିଲଦାରଙ୍କ ଉପସ୍ଥିତିରେ ହେଲା ମାପଚୁପ**



ରାଇରଙ୍ଗପୁର, ୯।୧(ସମିସ): ରାଇରଙ୍ଗପୁରର ଦାଣ୍ଡବୋଷ ବିମାନବନ୍ଦର ନିର୍ମାଣ ନେଇ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ବିମାନ ବନ୍ଦର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ମାପଚୁପ ହୋଇଛି। ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁମିତ ସାହୁଙ୍କ ସମେତ ରାଜସ୍ୱ କର୍ମଚାରୀ ଓ ଯନ୍ତ୍ରୀ ଜମି ଚିହ୍ନଟ ପ୍ରକ୍ରିୟା କରିଛନ୍ତି। ଉଡାନ ଯୋଜନାରେ ଜାତୀୟ ସ୍ତରର ବିମାନ ବନ୍ଦର ନିର୍ମାଣ ପ୍ରାୟ ୧୧୭ ଏକର ଜମିରେ ବିମାନ ବନ୍ଦର ନିର୍ମିତ ହେବ। ଯେଉଁଥିରେ ରନୱେ, ଏୟାର ଟ୍ରାଫିକ ପରିଚାଳନା କେନ୍ଦ୍ର, ବିମାନ ବନ୍ଦର କାର୍ଯ୍ୟାଳୟ ସମେତ ଅନ୍ୟ ବିଲ୍ଡିଂ ରହିବ। ଏ ନେଇ ପୂର୍ବରୁ ବିଶେଷଜ୍ଞ ଦଳ ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ବିମାନ ବନ୍ଦର କାର୍ଯ୍ୟକାରୀ ନେଇ ଆବଶ୍ୟକ ଭିତ୍ତିଭୂମି, ବିଲ୍ଡିଂ ନିର୍ମାଣ, ଜମି ଅଧିଗ୍ରହଣ, ଗମନାଗମନ ଆଦି ନେଇ ଅନୁଧ୍ୟାନ କରିଥିଲେ। ଉକ୍ତ ରିପୋର୍ଟ ଅନୁଯାୟୀ ନିର୍ମାଣ କାର୍ଯ୍ୟ ନେଇ ଜମି ଅଧିଗ୍ରହଣ ପ୍ରକ୍ରିୟା ହୋଇଛି। ସରକାରୀ ଜମି ଚିହ୍ନଟ ହୋଇଛି। ଏଥିସହିତ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ପରେ ବିମାନ ବନ୍ଦର ପରିସରରୁ ଗଛ କଟାଯାଇଛି। ସମସ୍ତ ଜମି ଅଧିଗ୍ରହଣ ସରିଥିବାବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଯାହାକୁ ନେଇ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରାଯାଇଛି। ବିମାନ ବନ୍ଦର କାର୍ଯ୍ୟକ୍ଷମ କରି ରାଇରଙ୍ଗପୁରରୁ ରାଉରକେଲାକୁ ପ୍ରଥମ ବିମାନ ସେବା ଆରମ୍ଭ କରିବା ନେଇ ପ୍ରସ୍ତାବ ରହିଛି। ବିମାନ ବନ୍ଦର ନିର୍ମାଣ ଦ୍ୱାରା ସୁଗମ ଗମନାଗମନ ବ୍ୟବସ୍ଥା ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଏହା ସମ୍ପୂର୍ଣ୍ଣ ହେଲେ ରାଷ୍ଟ୍ରପତି ରାଇରଙ୍ଗପୁର ଗସ୍ତରେ ଏହାର ଲୋକାର୍ପଣ କରିବାର ଯୋଜନା ରହିଛି। ବିମାନ ବନ୍ଦର ନିର୍ମାଣ କାର୍ଯ୍ୟକୁ ଆଗକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

**ଭେଙ୍କ ବ୍ରିଡିଂ ଫାର୍ମରେ ଚଢ଼ଉ**

# କୃଷି ନିମନ୍ତେ ହୋଇଛି ବୋରିଂ, ବ୍ୟବସାୟରେ ହେଉଛି ବ୍ୟବହାର

ମୋରଡ଼ା, ୯।୧(ସମିସ)



ମୋରଡା ଓ ରାସଗୋବିନ୍ଦପୁର ବ୍ଲକ ସୀମାନ୍ତ ମାକୁନ୍ଦ ଓ ଛାତନା ଗ୍ରାମରେ ଥିବା ଭେଙ୍କ ବ୍ରିଡିଂ ଆଣ୍ଡ ରିସର୍ଚ୍ଚ ଫାର୍ମରେ ଗୁରୁବାର ରାଜସ୍ୱ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ଶ୍ରମ ବିଭାଗ, ବିଦ୍ୟୁତ୍ ବିଭାଗ, ଜଳ ଓ ଅନୁସନ୍ଧାନ ବିଭାଗ, ରାସଗୋବିନ୍ଦପୁର ପୁଲିସ ପକ୍ଷରୁ ମିଳିତ ଭାବେ ହଠାତ ଚଢ଼ଉ କରାଯାଇଛି। ଉକ୍ତ ଫାର୍ମ ମଧ୍ୟରେ ୮ଟି ବୋରିଂ ଖୋଳା ଯାଇଥିବାବେଳେ କୃଷି କ୍ଷେତ୍ରରେ ବ୍ୟବହାର ପାଇଁ କିଛି ବୋରିଂ ରହିଛି। କିନ୍ତୁ ବୋରିଂ ପାଣି କୃଷି କ୍ଷେତ୍ରରେ ବ୍ୟବହାର ନ ହୋଇ ବ୍ୟବସାୟ କ୍ଷେତ୍ରରେ ବ୍ୟବହାର ହେଉଥିବା ଜଣାପଡ଼ିଛି।

ତେବେ ମୋରଡା ବ୍ଲକର ମାକୁନ୍ଦ ଗାଁ ଓ ରାସଗୋବିନ୍ଦପୁର ବ୍ଲକର ଛାତନା ଗ୍ରାମର ଲୋକେ ଦୁର୍ଗନ୍ଧମୟ ପରିବେଶରେ ବସବାସ କରୁଥିବାବେଳେ ମଶାମାଛି ଯୋଗୁଁ ଖାଇବା ସମୟରେ ମଶାରୀ ବ୍ୟବହାର କରୁଛନ୍ତି। ସେହିପରି ଜାଗା କିସମ ପରିବର୍ତ୍ତନ ନ ହୋଇ ଫାର୍ମ ମାଲିକ ବାହୁବଳୀ ହୋଇଥିବାରୁ ବିରାଟକାୟ ଅଟ୍ଟାଳିକା ନିର୍ମାଣ କରିଛନ୍ତି।

**● ପ୍ଲଟ କନଭର୍ଟ ନ ହୋଇ ନିର୍ମିତ ହୋଇଛି ବିରାଟ ଅଟ୍ଟାଳିକା**
**● ଦୁର୍ଗନ୍ଧରେ ଫାଟି ପଡୁଛି ପରିବେଶ**

ଉକ୍ତ ଫାର୍ମ ବିରୋଧରେ ଜନସାଧାରଣ ବିଭିନ୍ନ ସମୟରେ ପ୍ରଶାସନ ଓ ସରକାରଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ତେବେ ଗୁରୁବାର ୧୫ରୁ ଊର୍ଦ୍ଧ୍ୱ ସମସ୍ତ ବିଭାଗର ଅଧିକାରୀଙ୍କ ଗାଡି ହଠାତ ଉକ୍ତ ଫାର୍ମରେ ପ୍ରବେଶ କରି ସ୍ଥିତି ଅନୁଧ୍ୟାନ କରିଥିବାରୁ ପ୍ରଶାସନ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଉଜ୍ଜୀବିତ ହୋଇଛି। ତେବେ ବିଭିନ୍ନ ବିଭାଗର ନିୟମକୁ ଫାର୍ମ କର୍ତ୍ତୃପକ୍ଷ ଉଲ୍ଲଂଘନ କରୁଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ସୂଚନା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ଭାବେ ମିଳିପାରିନାହିଁ କିମ୍ବା ହଠାତ ଚଢ଼ଉର କାରଣ ଜଣାପଡ଼ିନାହିଁ। ତେବେ ଚଢ଼ଉ ସମ୍ପର୍କରେ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ର ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ସୁଇଚ ଅଫ ଥିବାରୁ କୌଣସି ସୂଚନା ମିଳିପାରିନାହିଁ।

## ଶୀତ ଲହରୀ ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନର ଜରୁରୀକାଳୀନ ବୈଠକ

ବାରିପଦା, ୯।୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ କିଛି ଦିନ ହେଲା ଶୀତ ପ୍ରକୋପ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଜିଲ୍ଲାର ବର୍ତ୍ତମାନ ସ୍ଥିତି ଉପରେ ସମୀକ୍ଷା କରିଛନ୍ତି। ବୈଠକରେ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ସହରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ, ଅଗ୍ନିଶମ ସେବା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ପ୍ରମୁଖ ଯୋଗ ଦେଇ ତାଙ୍କ ଦ୍ୱାରା ନିଆଯାଇଥିବା ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବର୍ତ୍ତମାନ ଯାଏଁ ଜିଲ୍ଲାର ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ଥିବାରୁ ଜିଲ୍ଲାପାଳ ଶ୍ରୀ ସଏ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସମ୍ଭାବ୍ୟ ପାଗ ପରିବର୍ତ୍ତନକୁ ଲକ୍ଷ୍ୟ ରଖି ଆଜିର ବୈଠକରେ କେତେକ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାର କୌଣସି ସ୍ଥାନରେ ଯେପରି କୌଣସି ବ୍ୟକ୍ତି ରାତିରେ ଖୋଲା ଆକାଶ ତଳେ ଆଶ୍ରୟ ନ ନିଅନ୍ତି, ତାହାକୁ ସୁନିଶ୍ଚିତ କରିବା ପାଇଁ ତତ୍ ପରିସରଭୁକ୍ତ ଅଧିକାରୀ ସିଭିଲ ସୋସାଇଟି ସହ ମିଳିତ ସମନ୍ୱୟରେ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ର, କମ୍ୟୁନିଟି ହଲ୍, ସ୍କୁଲ ଗୃହ, ସରକାରୀ ଗୃହ ଇତ୍ୟାଦି ଉପଯୁକ୍ତ ସ୍ଥାନରେ ରାତ୍ରିପଯାପନ ସହ ଖାଦ୍ୟପେୟର ବ୍ୟବସ୍ଥା କରିବେ। ଆବଶ୍ୟକ ସ୍ଥଳେ ରେଡକ୍ରସ୍ ପାଣ୍ଠି ସହାୟତାରେ ସେମାନଙ୍କୁ କମ୍ବଳ ଯୋଗାଇଦେବାର ବ୍ୟବସ୍ଥା କରାଯିବ। ସେହିପରି ବିଡିଓ ଶୀତ ଦାଉରୁ ଲୋକଙ୍କୁ ରକ୍ଷା କରିବା ପାଇଁ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ପିଇଓଙ୍କୁ ନିର୍ଦ୍ଦେଶ ଦେବେ। ଶିମିଳିପାଳ ପାଦଦେଶ ଜନବସତି ଅଞ୍ଚଳରେ ବ୍ୟାପକ ସତର୍କ ନଜର ରଖିବାକୁ ତତ୍ ସଂଲଗ୍ନ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏତଦବ୍ୟତୀତ ଅତ୍ୟଧିକ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକମାନେ ଯଦି ଘରମାନଙ୍କରେ କୌଣସି ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଛନ୍ତି, ତେବେ ଏଗୁଡିକ ବ୍ୟବହାର ସମୟରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବା ପାଇଁ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଉଛି।

## ଇପିଏଫ୍ ପେନଭୋଗୀଙ୍କ ୯ ହଜାର ଟଙ୍କା ପେନ୍‌ସନ୍ ଦାବି




ବାରିପଦା, ୯।୧(ସମିସ): ରାଜ୍ୟ ଇପିଏଫ୍ ପେନ୍‌ସନ୍ ଆସୋସିଏସନ୍‌ର ନିଷ୍ପତ୍ତି କ୍ରମେ ମୟୂରଭଞ୍ଜ ଜିଲ୍ଲାର ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ପେନ୍‌ସନ୍‌ଭୋଗୀ ପୁରୁଷ ଓ ମହିଳାଙ୍କୁ ନେଇ ଜିଲ୍ଲା ସମ୍ପାଦକ ଗୋପାଳ ଚନ୍ଦ୍ର ଦାସ ନେତୃତ୍ୱରେ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଏକତ୍ରିତ ହୋଇ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି। ଏହି ସଭାରେ ଜିଲ୍ଲା ଉପସଭାପତି ମଧୁସୂଦନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଏଆଇଟୁୟୁସିର ଜିଲ୍ଲା ସଭାପତି ଜଗବନ୍ଧୁ ମିଶ୍ର, ରାଜ୍ୟ ନିଗମ ସଂଘର ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ତଥା ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ରଘୁନାଥ ପଣ୍ଡା, ଜିଲ୍ଲା ସଭାପତି ମଦନମୋହନ ଜେନା ଦାବି ସମ୍ପର୍କରେ ଆଲୋକପାତ କରିଥିଲେ। ମାସିକ ପେନସନ ୯ ହଜାର ଟଙ୍କା ସହିତ ମହଙ୍ଗା ଭତ୍ତା, ଦରମା ଅନୁପାତରେ ବର୍ଦ୍ଧିତ ପେନ୍‌ସନ, ସମସ୍ତ ପେନ୍‌ସନଭୋଗୀଙ୍କୁ ନିଶୁଳ୍କ ଚିକିତ୍ସା ପ୍ରଭୃତି ଦାବି ନେଇ ଏକ ସ୍ମାରକ ପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୬ ଜଣିଆ କମିଟି ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଆସନ୍ତା ଫେବୃଆରୀ ୮ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲାରେ ଥିବା ସମସ୍ତ ପେନ୍‌ସନଭୋଗୀ ବରିଷ୍ଠ ନାଗରିକଙ୍କୁ ନେଇ ଏକ ଜିଲ୍ଲା ସମ୍ମିଳନୀ ହେବ ବୋଲି ସମ୍ପାଦକ ଶ୍ରୀ ଦାସ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ସ୍ପିନିଂ ମିଲ୍, ଉଠାଜଳସେଚନ ନିଗମ, କାଉ୍ ବ୍ୟାଙ୍କ ଓ ଅର୍ବାନ ବ୍ୟାଙ୍କରେ କାର୍ଯ୍ୟ କରି ଅବସର ନେଇଥିବା ପେନ୍‌ସନଭୋଗୀ ମେନକା ଦାସ, ସଂଯୁକ୍ତା ଗିରି, ମିନତୀ ପାଣିଗ୍ରାହୀ, କୁଳମଣି ପାତ୍ର, ରତିକାନ୍ତ ମଙ୍ଗରାଜ, କେଶବତୀ ମହାନ୍ତ, ଲକ୍ଷ୍ମୀନାରାୟଣ ବେହେରା, ସ୍ୱର୍ଣ୍ଣଲତା ଆଚାର୍ଯ୍ୟ, ଶରତ ଚନ୍ଦ୍ର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅର୍ବାନ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ସୁବୋଧ ନାୟକ ଧନ୍ୟବାଦ ଦେଇଥିଲେ।

**● 'ସକାଳ' ପ୍ରଭାବ**

## ହାଇମାଷ୍ଟ ଲାଇଟ୍ ମରାମତି କାମ ଆରମ୍ଭ



ମୋରଡ଼ା, ୯।୧(ସମିସ): ଜାନୁଆରୀ ୫ ତାରିଖରେ ଦୈନିକ ଖବରକାଗଜ 'ସକାଳ'ରେ 'ତିନିମାସ ହେଲା ଅନ୍ଧାରରେ ଶୀର୍ଷାପାଳ ଛକ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ଖବରରେ ହାଇମାଷ୍ଟ ଲାଇଟ ମରାମତି ନିମନ୍ତେ ଲେଖା ହୋଇଥିବାବେଳେ ହଳଦୀପାଳ ସରପଞ୍ଚ ମାଳତୀ ମାରାଣ୍ଡି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିନନ୍ଦନ ସିଂହଙ୍କ ଉଦ୍ୟମରେ ତାହା ମରାମତି କରାଯାଉଛି। ଶୁକ୍ରବାର ଶୀର୍ଷାପାଳ ଛକରେ ବାଉଁଶ ଭାଡ଼ି ବାନ୍ଧି ଲାଇଟ ମରାମତି ପାଇଁ ମିସ୍ତ୍ରୀଙ୍କୁ ନିୟୋଜିତ କରାଯାଇଛି। ତେବେ ହାଇମାଷ୍ଟ ଲାଇଟ କାର୍ବୋନ ହେତୁ ଜଳୁ ନ ଥିବା ଇଲେକ୍ଟ୍ରିସିଆନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କହିଥିବା ଶ୍ରୀ ସିଂହ ସୂଚନା ଦେଇଛନ୍ତି। ଉକ୍ତ ଲାଇଟ୍ ଜଳିଲେ ୬୧ନଂ ରାଜ୍ୟ ରାଜପଥ ଦେଇ ଯାଉଥିବା ପଥଚାରୀ ଦୁର୍ଘଟଣାରୁ ବର୍ତ୍ତିବା ସହ ରାତି ଅନ୍ଧାର ଯୋଗୁଁ ଟ୍ରାଫିକ୍ ସମସ୍ୟା ଦୂର ହୋଇଯିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ନୂତନ ଏସ୍‌ଡିପିଓଙ୍କ ଯୋଗଦାନ



ରାଇରଙ୍ଗପୁର, ୯।୧(ସମିସ): ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭାବେ ବିରେନ୍ଦ୍ର ସେନାପତି ଯୋଗଦାନ କରିଛନ୍ତି। ରାଇରଙ୍ଗପୁରସ୍ଥ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପୂର୍ବ ଏସଡିପିଓ ଗୋକୁଳାନନ୍ଦ ସାହୁଙ୍କଠାରୁ ଗୁରୁବାର ସନ୍ଧ୍ୟାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ସେନାପତି ଡିଏସପି ପାହ୍ୟାକୁ ପଦୋନ୍ନତି ପାଇବା ପରେ ରାଇରଙ୍ଗପୁର ଏସଡିପିଓ ଭାବେ ପ୍ରଥମ ନିଯୁକ୍ତି ପାଇଛନ୍ତି। ସେ ଜଣେ ଦକ୍ଷ ପୁଲିସ ଅଫିସର ଭାବେ ପରିଚିତ ଥିବାବେଳେ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାର ବହୁ ଥାନାରେ ଅଧିକାରୀ ଭାବେ ସୁଚାରୁରୂପେ କାର୍ଯ୍ୟ ତୁଲାଇଛନ୍ତି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ଭେଟିବା ପରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏ ଅବସରରେ ବିଭିନ୍ନ ଥାନା ଅଧିକାରୀ ଓ ପୁଲିସ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ବାମନଘାଟି ଉପଖଣ୍ଡ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସେ ସଦା ଯତ୍ନଶୀଳ ରହିବେ ବୋଲି କହିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ସମସ୍ତ ଜନସାଧାରଣଙ୍କ ସହଯୋଗ ମଧ୍ୟ ଲୋଡିଛନ୍ତି।

**● ଥାନାରେ ଛାତ୍ରଙ୍କୁ ନିର୍ଯାତନା ଘଟଣା**

## ଛାତ୍ରଙ୍କୁ ନ୍ୟାୟ ଦାବିରେ ବାହାରିଲା କଲେଜ ଛାତ୍ର ସଂଗଠନ

**● ଅଧ୍ୟକ୍ଷଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**



ମୋରଡା, ୯।୧(ସମିସ): ମୋରଡା ଥାନାରେ ତଦନ୍ତ ଆଳରେ ନଳଗଜା କଲେଜର ଛାତ୍ର ସୁଶାନ୍ତ ପାତ୍ରଙ୍କୁ ମାଡ଼ ମରାଯିବା ସହ ଅତ୍ୟଧିକ ଥଣ୍ଡାରେ ଡ୍ରେସ ଖୋଲି ବସାଇବା ଘଟଣା ବିରୁଦ୍ଧରେ ଧୀରେଧୀରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ଉପେନ୍ଦ୍ର ନାଥ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ସୁଶାନ୍ତଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଲେଜ ଅଧ୍ୟକ୍ଷ ସଞ୍ଜୀବ ନାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜଣେ ଛାତ୍ରୀ ମହାବିଦ୍ୟାଳୟର ଛାତ୍ର ସୁଶାନ୍ତ ପାତ୍ରଙ୍କ ବନ୍ଧୁ ସହ କେଉଁଆଡ଼େ ଚାଲିଯାଇଥିଲେ। ଉକ୍ତ ଘଟଣାର ତଦନ୍ତ ଆଳରେ ମୋରଡା ପୁଲିସ ସୁଶାନ୍ତଙ୍କୁ ରାତିରେ ଥାନାକୁ ଡାକି ଏଏସଆଇ ନିରାକାର ପ୍ରଧାନ ଓ ଏସଆଇ ନିବେଦିତା ନାଏକ ଧମକ ଦେବା ସହିତ ମାଡ଼ ମାରିଥିଲେ। ଅଶାଳୀନ ବ୍ୟବହାର କରିଥିଲେ। ଗଣତାନ୍ତ୍ରିକ ଦେଶରେ ଜଣେ ଛାତ୍ରଙ୍କୁ ଏଭଳି ଶାରୀରିକ ନିର୍ଯାତନା ଦେବା ଏକ ସମ୍ବେଦନଶୀଳ ଘଟଣା। ଯାହାକୁ ଛାତ୍ର ସଂଗଠନ ନିନ୍ଦା କରିବା ସହିତ ଏକ ଦୁର୍ଭାଗ୍ୟଜନକ ବିଷୟ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଯଥାଶୀଘ୍ର ସୁଶାନ୍ତଙ୍କୁ ନ୍ୟାୟ ନ ମିଳିଲେ, ଆଗାମୀ ଦିନରେ ଛାତ୍ରୀଛାତ୍ର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ଦାବିପତ୍ରର ନକଲ ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ପୁଲିସ ଡିଜି, ମୟୂରଭଞ୍ଜ ଏସପି, ବାରିପଦା ଉପଜିଲ୍ଲାପାଳ, ରାସଗୋବିନ୍ଦପୁର ଥାନା ଅଧିକାରୀଙ୍କୁ ପ୍ରେରଣ କରିଛନ୍ତି।

**● ରାଢ଼ ପ୍ରିମିୟର ଲିଗ୍**

## ଜିଟି ଫାଇଟରର ଦମ୍‌ଦାର ବିଜୟ

ଉଦଳା, ୯।୧(ସମିସ): ଉଦଳା ବ୍ଲକର ବଜରଙ୍ଗବାଲି କ୍ରିକେଟ୍ କ୍ଲବ୍ ପକ୍ଷରୁ ଚାଲିଥିବା ରାଢ଼ ପ୍ରିମିୟର ଲିଗ ସିଜିନ-୨ର ଆଜି ଷଷ୍ଠ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ତ୍ରିଶକ୍ତି ଫାଇଟର ଓ ଯଶସୀ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯଶସୀ ପ୍ରଥମେ ବ୍ୟାଟିଂ କରି ୧୨୫ ରନ କରିଥିବାବେଳେ ତ୍ରିଶକ୍ତି ଫାଇଟର ୧୦୭ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଜିଟି ଫାଇଟର ଓ ମହାବୀର ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମହାବୀର ଫାଇଟର ବ୍ୟାଟିଂ କରି ୧୫ ଓଭରରେ ୧୯୯ ରନର ଟାର୍ଗେଟ ଦେଇଥିଲା। ଜିଟି ଫାଇଟର ୧୩.୪ ଓଭରରେ ୨୦୪ ରନ କର ବିଜୟୀ ହୋଇଥିଲା। ସ୍ମୃତିରଞ୍ଜନ ତ୍ରିପାଠୀ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ରାଜେନ୍ଦ୍ର ପାତ୍ର ଓ ତୃପ୍ତିସୁନ୍ଦର ପାଢ଼ୀ ଖେଳ ପରିଚାଳନା କରିଥିଲେ।

## ରୟାଲ୍ସ ପ୍ରିମିୟର ଲିଗ୍‌ର ସପ୍ତମ ଦିବସରେ ୪ଟି ମ୍ୟାଚ୍



ବାରିପଦା, ୯।୧(ସମିସ): ଷ୍ଟେସନ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ଚାଲିଥିବା ଏକାଦଶତମ ରୟାଲ୍ସ ପ୍ରିମିୟର ଲିଗର ସପ୍ତମ ଦିବସରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୁବ ନେତା ଦେବବ୍ରତ ସାମଲ ଓ ସମ୍ମାନିତ ଅତିଥି ଭାବେ ଭଞ୍ଜସେନା ସଂଯୋଜକ ରାକେଶ ବେହେରା ଯୋଗଦେଇ ଖେଳକୁ ଉଦଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଗ୍ ସଭାପତି ସଞ୍ଜୀବ ଦ୍ୱିବେଦୀ, ଷ୍ଟେସନ ଆଥଲେଟିକ ଆସୋସିଏସନ ଉପସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଓ ବରିଷ୍ଠ ସଦସ୍ୟ ପୱନ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍‌ରେ ମା' ତାରିଣୀ ୱାରିୟର୍ସ ୫ଓ୍ୱିକେଟରେ ପରୀ ଚ୍ୟାଲେଞ୍ଜରକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଆଞ୍ଜୋଲ ରଣା ୮ ୱିକେଟରେ ଏମର୍ଜିଂ ଟାଇଟନ, ତୃତୀୟ ମ୍ୟାଚରେ ଥ୍ରିଲର ଦଳ ୧୪ ରନରେ ମା' ଅମ୍ବିକା ସୁପର ସ୍ମାସର୍ସ ଓ ଚତୁର୍ଥ ମ୍ୟାଚରେ ଭି ରୋର ୭୨ ରନରେ ଜଗନ୍ନାଥ ୱାରିୟର୍ସ ଦଳକୁ ପରାସ୍ତ କରିଥିଲା। ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି, ଅବିନାଶ କଲିଆ ଓ ତାପସ ଦେ ଖେଳ ପରିଚାଳନା କରିଥିବାବେଳେ ବିଭୁ ସ୍କୋରର ଓ ରାଜେଶ ସାହୁ ମ୍ୟାଚ୍ ରେଫରୀ ଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଜାତୀୟ ଖୋଖୋ ଚାମ୍ପିଅନସିପ ପାଇଁ ଅର୍ଜୁନ ମନୋନୀତ



ବାରିପଦା, ୯।୧(ସମିସ): ତେଲେଙ୍ଗାନାଠାରେ ଅନୁଷ୍ଠିତ ହେବାକୁ ଥିବା ୫୮ତମ ବରିଷ୍ଠ ଜାତୀୟ ଖୋଖୋ ଚାମ୍ପିଅନସିପରେ ଅଂଶଗ୍ରହଣ କରୁଥିବା ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି ମୟୂରଭଞ୍ଜର ଅର୍ଜୁନ ସିଂ। ଏହି ଚାମ୍ପିଅନସିପ ତେଲେଙ୍ଗାନାର କାଜିପେଟ ରେଲୱେ ପଡ଼ିଆରେ ଚଳିତ ମାସ ୧୧ରୁ ୧୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ପକ୍ଷରୁ ପୁରୀସ୍ଥ ଜଗନ୍ନାଥ ଷ୍ଟାଡ଼ିୟମରେ ଅନୁଷ୍ଠିତ ଚୟନ ଶିବିରରେ ଉଚ୍ଚମାନର ପ୍ରଦର୍ଶନ କରି ଅର୍ଜୁନ ଏହି ସୌଭାଗ୍ୟ ଅର୍ଜନ କରିଛନ୍ତି। ବଡ଼ସାହି ବ୍ଲକ ଖୋ-ଖୋ କ୍ଲବର କୋଚ ଧର୍ମେନ୍ଦ୍ର ପଣ୍ଡାଙ୍କଠାରୁ ପ୍ରଶିକ୍ଷଣ ପାଇ ରାଜ୍ୟ ଦଳରେ ସୁଯୋଗ ପାଇଛନ୍ତି ବୋଲି ଅର୍ଜୁନ ପ୍ରକାଶ କରିଛନ୍ତି। ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ମହୁଲକରକଟିଆ ଗ୍ରାମର ସୁଦାନ ସିଂ ଓ ବାସିନୀ ସିଂଙ୍କ ପୁତ୍ର ଅର୍ଜୁନ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଶାରୀରିକ ଶିକ୍ଷା ପ୍ରଶିକ୍ଷଣ ନେଉଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ ସାଓ, ସାଧାରଣ ସମ୍ପାଦକ ବିଜୟ ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ବଡ଼ସାହି ପଞ୍ଚାୟତ ସମିତିର ପଞ୍ଚମ ବୈଠକ

ବଡ଼ସାହି, ୯।୧(ସମିସ)





ଶୁକ୍ରବାର ବଡ଼ସାହି ପଞ୍ଚାୟତ ସମିତିର ପଞ୍ଚମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବନଜା ଦାସ ସମସ୍ତ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହିତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ତାଳପଦା ସରପଞ୍ଚ ବାଘରାୟ ମାଝୀଙ୍କ ଅକାଳ ବିୟୋଗ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅଧ୍ୟକ୍ଷା ମିନତୀ ସିଂ ସଭାପତିତ୍ୱ କରିବା ସହିତ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ବଡସାହି ବିଧାୟକ ସନାତନ ବିଜୁଳି, ଉପାଧ୍ୟକ୍ଷା କାଞ୍ଚନ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ପ୍ରମୋଦ ସାହୁ, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶଶୀଶେଖର ପଣ୍ଡା, ବାରିପଦା ବିଧାୟକ ପ୍ରତିନିଧି ହେମ ନାଏକ, ତହସିଲଦାର କରୁଣାକର ଧଡ଼ା, ଆଇଆଇସି ସ୍ୱର୍ଣ୍ଣଲତା ମିଂଜ, ଚିକିତ୍ସାଧିକାରୀ ଡାକ୍ତର ସୁକାନ୍ତ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଭୀମଚରଣ ଟୁଡୁ ଓ ଦଶରଥ ମହାନ୍ତ ପ୍ରମୁଖ ଭାଗ ନେଇଥିଲେ। ଅଦ୍ୟାବଧି ୪ଟି ପଞ୍ଚୟତ ସମିତି ବୈଠକ ବଡସାହି ବ୍ଲକରେ ହୋଇଥିବାରୁ ପ୍ରତି ୩ ମାସରେ ଥରେ ବୈଠକ ଅନୁଷ୍ଠିତ କରିବାକୁ ସରପଞ୍ଚ ଓ ସମିତି ସଭ୍ୟ ଦାବି କରିଥିଲେ। 'ବିକଶିତ ଗାଁ, ବିକଶିତ ଓଡ଼ିଶା'କାର୍ଯ୍ୟର ୪୦ ପ୍ରତିଶତ ବିଧାୟକ ନେବା ପରେ ୬୦ ପ୍ରତିଶତ କାମର ପ୍ରସ୍ତାବ ମଧ୍ୟ ବିଭିନ୍ନ ପଞ୍ଚାୟତରେ କଟିଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ୨୦୨୫-୨୬ର ଅନୁଦାନର ବିଧାୟକଙ୍କ ୪୦ ପ୍ରତିଶତ କାମ ଆସି ସାରିଥିବାବେଳେ ବର୍ତ୍ତମାନ ସୁଦ୍ଧା ୬୦ ପ୍ରତିଶତ କାମର ପ୍ରସ୍ତାବ ମଧ୍ୟ ଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସିଏଚଓମାନେ ପ୍ରତିଦିନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ରହୁ ନ ଥିବା ବେଳେ ଅଧିକାଂଶ ଦିନ ଏହା ବନ୍ଦ ରହୁଥିବାର ଅଭିଯୋଗ ଉଠିଥିଲା। ଡାକ୍ତରଖାନାରେ ସମସ୍ତ ଔଷଧ ମିଳିବା ଓ ଏକ୍ସରେ ମେସିନ କାର୍ଯ୍ୟକାରୀ କରିବାକୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅତିରିକ୍ତ କୃଷି ଅଧିକାରୀ ଜିତେନ୍ଦ୍ର ମୁର୍ମୁ ସରକାରଙ୍କ ବିଭିନ୍ନ ଯୋଜନା ଓ ବିହନ ବିଷୟରେ ସୂଚନା ଦେଇଥିଲେ। ସେହିପରି ଉଦ୍ୟାନ କୃଷି ଅଧିକାରୀ ଦିବ୍ୟପ୍ରକାଶ ମାହାପତ୍ର ହଳଦୀ, ଅଦା, ଆଳୁ ଓ ଅଏଲ ପାମ୍ ଚାଷ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷା ଅଧିକାରିଣୀଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ତାଙ୍କର ବଦଳି ଦାବି କରାଯାଇଥିଲା। ଜିପିଇଓ ଅବିନାଶ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବିନୋଦରାୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରାସଗୋବିନ୍ଦପୁର, ୯।୧(ସମିସ): ଶୁକ୍ରବାର ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ବୋନିଦରାୟ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଖିଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଏବିଇଓ ବିଜୟ ବାରିକ, ଏସଏମଡିସି ଶିକ୍ଷାବିତ ବେଣୁଧର ଚାନ୍ଦ, ଓଷ୍ଟା ସେକ୍ରେଟାରୀ ବିକର୍ତ୍ତନ ସାହୁ, ସିଆରସିସି ଚନ୍ଦନ ପରିଡ଼ା, ବରିଷ୍ଠ ଶିକ୍ଷକ କ୍ଷେତ୍ରମୋହନ ପ୍ରଧାନ, ସନ୍ତୋଷ ଦାସ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ନିଜକୁ ସମାଜରେ ଭଲ ମଣିଷଟିଏ ହୋଇ ଗଢି ତୋଳିବାକୁ ପରାମର୍ଶ ଦେବା ସହ ଗୁରୁଙ୍କ ଆଦେଶ ମାନିବ ଯିଏ ସଫଳତା ପାଇବ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ବାର୍ଷିକ କ୍ରୀଡାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଶିକ୍ଷକ ନିତ୍ୟାନନ୍ଦ ଘଡେଇ ମଞ୍ଚ ପରିଚାଳନା କରିଥିବାବେଳେ ରବିନାରାୟଣ ପରିଡ଼ା, ଲିପିକା ସି, ପାର୍ବତୀ ଟୁଡୁ, ଅନନ୍ତ ସେଠୀ, ପ୍ରତୀମା ବେହେରା, ସୁନେଲିକା ବେହେରା, ଇନ୍ଦର ଗୁପ୍ତା, ସୁମିତ୍ରା ହାଁସଦା, ଜୟନ୍ତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ସମ୍ପାଦକୀୟ



ନିର୍ବାଚନୀ ଯୁଦ୍ଧର ମୂଳରେ ଥାଏ ପ୍ରତାରଣା । ସେଠି ସତ୍ୟର କିଛି ମୂଲ୍ୟ ନାହିଁ, କୃତ୍ରିମ ଭାବମୂର୍ତ୍ତି ହିଁ ସବୁକିଛି ।

-ସୁନ ଜୁ, ଚୀନ୍ ଦାର୍ଶନିକ

ସକାଳ
THE SAKALA

## ଅଦାଲତକୁ ବୋମାଧମକ

ରାଜ୍ୟର କଟକ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା କୋର୍ଟକୁ ଇ-ମେଲ ମାଧ୍ୟମରେ ଗୁରୁବାର ସକାଳେ ବୋମା ବିସ୍ଫୋରଣ ଧମକ ଏକପ୍ରକାର ଆତଙ୍କର ବାତାବରଣ ସୃଷ୍ଟି କରିଥିଲା । ଉଚ୍ଚ ନ୍ୟାୟାଳୟଠାରୁ ନିମ୍ନଅଦାଲତ ପର୍ଯ୍ୟନ୍ତ ସବୁଠାରେ ସ୍ୱାଭାବିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଅପରାହ୍ନ ୨.୪୫ ସୁଦ୍ଧା ସମ୍ଭାବ୍ୟ ବିସ୍ଫୋରଣକୁ ନେଇ ଅଦାଲତର ବିଚାରପତି, କର୍ମଚାରୀ ଓ କାର୍ଯ୍ୟରତ ଆଇନଜୀବୀ ଆତଙ୍କିତ ଅବସ୍ଥାରେ କୋର୍ଟ ପରିସରରୁ ବାହାରକୁ ପଳାଇ ଆସିଥିଲେ । ଏ ସଂପର୍କରେ ହାଇକୋର୍ଟ ରେଜିଷ୍ଟ୍ରାର କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପରେ ବୋମା ନିରୋଧକ ସ୍କ୍ୱାଡ, ସଂଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ତନାଘନା କରିଥିଲେ । ପୁଲିସ ଡିଜିଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଯାଞ୍ଚରୁ ସେଭଳି କୌଣସି ସନ୍ଦେହଜନକ ସାମଗ୍ରୀ ମିଳିନଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି ।

ଅଦାଲତକୁ ବୋମାରେ ଉଡ଼ାଇଦେବା ଭଳି ଧମକ ଆମରାଜ୍ୟରେ ନୂଆ ଘଟଣା । ହୋଇପାରେ ଏହା ମିଛ ଡରାଣ, ହେଲେ କାହିଁକି? ଏହି ଧମକ ପଛରେ କ'ଣ କାରଣ ଥାଇପାରେ ସେ ନେଇ ବିଭିନ୍ନ ମହଲରେ ନାନା ଆଲୋଚନା ହେବା ସ୍ୱାଭାବିକ । ଧମକ ପଛରେ ଥିବା ବ୍ୟକ୍ତି ବା ସଂଗଠନ ଧରା ନପଡ଼ିବା ପର୍ଯ୍ୟନ୍ତ ଏହାର ଉଦ୍ଦେଶ୍ୟ ଜଣାପଡ଼ିବା ସହଜ ନୁହେଁ । ଏକଥା ସତ ଯେ ଅଦାଲତର ସ୍ୱାଭାବିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ବିଭିନ୍ନ ମାମଲାର ଶୁଣାଣି ଅନ୍ୟ ଏକ ତାରିଖକୁ ଘୁଞ୍ଚାଯାଇଥିବ । ମନେହୁଏ ଗୁରୁବାର ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ଥିଲା, ଯାହାକୁ ଏହି ଧମକ ମାଧ୍ୟମରେ ଘୁଞ୍ଚାଇବାକୁ ସମର୍ଥ ହୋଇଛି ଇ-ମେଲ ପଠାଇଥିବା ବ୍ୟକ୍ତି । ତେଣୁ ସେଦିନର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ମାମଲାଗୁଡ଼ିକର ତର୍ଜମା କରି ସନ୍ଦିଗ୍ଧ ବ୍ୟକ୍ତିବିଶେଷଙ୍କୁ ଅନୁସନ୍ଧାନ ପରିସରକୁ ଅଣାଯିବା ଉଚିତ । ଅଦାଲତ କାର୍ଯ୍ୟରେ ପୁଲିସ ପ୍ରଶାସନ କେତେଦୂର ହସ୍ତକ୍ଷେପ କରିପାରିବ ତାହା ଭିନ୍ନ କଥା । ଇ-ମେଲ ଆଇଡିର ମୂଳଉତ୍ସ ଜାଣିବା ପାଇଁ ଆଜିକାଲି ଉନ୍ନତ ବୈଷୟିକ ଜ୍ଞାନକୌଶଳର ଉପଯୋଗ ହେଉଛି । ରାଜ୍ୟର ସାଇବର ଅପରାଧ ଯାଞ୍ଚ କରୁଥିବା ଅଧିକାରୀ ଏସଂପର୍କରେ କେତେଦୂର ଯୋଗ୍ୟ ଓ ଅଭିଜ୍ଞ ତାହା ଉପରେ ନିର୍ଭର କରେ ବୋମା ଧମକ ଦେଥିବା ଅପରାଧୀକୁ ଧରିବା । ଆମକୁ ଏଠାରେ କହିବାକୁ ପଡୁଛି ଯେ ଏହାକୁ ମିଛ ଧମକ କହି ଘଟଣାର ଗୁରୁତ୍ୱକୁ ଗୌଣ ବିଚାର କରିବା ଆଦୌ ଉଚିତ ନୁହେଁ । କାରଣ ଏ ପ୍ରକାର ମାନସିକତା ଅନୁସଂଧାନ ପ୍ରକ୍ରିୟାରେ ଅଯଥା ଶିଥିଳତା ସୃଷ୍ଟି କରିବାର ଆଶଙ୍କା ରହିଛି । ଅଦାଲତକୁ ବୋମା ଧମକ ଦେବା କିଛି ଛୋଟକଥା ନୁହେଁ । ଏହାର ବୃହତ୍ତମ ଦିଗ ଓ ସୁଦୂରପ୍ରସାରୀ ପ୍ରଭାବ ରହିଛି । ରାଜ୍ୟରେ ପୁଲିସ ଡିଜି ସମ୍ମିଳନୀ ବେଳେ ମଧ୍ୟ ଅନୁରୂପ ବୋମା ଧମକ ମିଳିଥିଲା । ତାହାର ଅନୁସଂଧାନ କେତେଦୂର ଆଗେଇଛି କାହାକୁ ଜଣାନାହିଁ ।

ମୁଖ୍ୟମନ୍ତ୍ରୀ ନିଜେ ଗୃହବିଭାଗ ଦାୟିତ୍ୱରେ ଅଛନ୍ତି । ଘଟଣାର ସବିଶେଷ ଅନୁସଂଧାନ ପାଇଁ ନିର୍ଦ୍ଦେଶ ଦେଇ ଅପରାଧୀକୁ ଧରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଅଦାଲତରେ ଯେପରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ସ୍ୱତନ୍ତ୍ର ସଶସ୍ତ୍ର ବାହିନୀ ମୁତୟନ କରାଗଲା ତାହା ପ୍ରଶଂସନୀୟ । ତେବେ ପୁନର୍ବାର ଆମେ ସ୍ପଷ୍ଟ କରିଦେଇଛୁ ଯେ ମିଛ ଧମକ କହି ଘଟଣାର ଯେପରି ଗୁରୁତ୍ୱହାନି କରାନଯାଏ ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ ।

## ଜିଡିପି ଅଭିବୃଦ୍ଧି ଓ ଋଣ ବୋଝ

ଆମେରିକାର ଅତିରିକ୍ତ ଟାରିଫ ଭଳି ବହିର୍ବାଣିଜ୍ୟକ ଚାପ ସତ୍ତ୍ୱେ ଆମଦେଶର ମୋଟ ଘରୋଇ ଉତ୍ପାଦ ଅଭିବୃଦ୍ଧି ହାର ବେଶ ଉତ୍ସାହଜନକ । ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରାଳୟ ପକ୍ଷରୁ ଦର୍ଶାଯାଉଛି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଜିଡିପି ୭.୪ % ହେବ । ଯାହାକି ଗତ ଆର୍ଥିକବର୍ଷ ତୁଳନା ୦.୯% ଅଧିକ । ଦେଶର ଅର୍ଥନୀତିକୁ ଗତି ଦେବାରେ ଏହା ସହାୟକ ହେବ । ସେବା କ୍ଷେତ୍ରରେ ୯.୯%, ବିନିର୍ମାଣ ଓ ନିର୍ମାଣ କ୍ଷେତ୍ରରେ ୭ % ଏବଂ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଏହି ଅଭିବୃଦ୍ଧି ହାର ୩.୧ % ରହିବ । ସରକାରଙ୍କ ଏହି ଅଗ୍ରୀମ ଆକଳନ ସଂପର୍କରେ ଉଲ୍ଲେଖ କଲାବେଳେ ମନେ ରଖିବାକୁ ହେବ ଯେ ଦେଶର ଋଣ ଭାର ଏହି ଦଶନ୍ଧି ମଧ୍ୟରେ ୩ ଗୁଣ ବୃଦ୍ଧି ପାଇଛି । ଅଧିକାଂଶ ରାଜ୍ୟର ଆର୍ଥିକ ଶୃଙ୍ଖଳା ଏକପ୍ରକାର ଉଜୁଡି ଯାଇଛି କହିଲେ ଭୁଲ ହେବ ନାହିଁ । ବିଶେଷକରି ନିର୍ବାଚନ ରାଜନୀତିରେ ଜନକଲ୍ୟାଣକାରୀ ଯୋଜନା ନାମରେ ମତଦାତାଙ୍କୁ ପ୍ରଭାବିତ କରିବା ସକାଶେ ଆଖିବୁଜା ଆର୍ଥିକ ସହାୟତା ପ୍ରଦାନ ଫଳରେ ବିଦ୍ୟୁତ ସଂଯୋଗ ରାସ୍ତାଘାଟ ଓ ଗୃହନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିକାଶ କ୍ଷେତ୍ରରେ ଅର୍ଥାଭାବ ପରିଲକ୍ଷିତ ହେଉଛି । ରାଜସ୍ୱର ୮୦ % ବେତନ ଭତ୍ତା ଓ ଘୋଷିତ ରିହାତି ତଥା ସହାୟତା ରାଶି ବାବଦରେ ବ୍ୟୟ କରାଯାଉଛି । ପରିସ୍ଥିତି ଏପରି ହୋଇଛି ଯେ କିଛି ରାଜ୍ୟକୁ ଋଣ ପରିଶୋଧ ପାଇଁ ଋଣ କରିବାକୁ ପଡୁଛି ।

ଜିଡିପି ଅଭିବୃଦ୍ଧି ହାରକୁ ଯଦି ଜାତୀୟ ଆର୍ଥିକ ଅଗ୍ରଗତିର ପରିମାପକ ବୋଲି ବିଚାର କରାଯାଏ, ତେବେ କ'ଣ ରାଜ୍ୟର ବିନା ସହାୟତାରେ ଏହି ସମ୍ଭାବନାର ଅଙ୍କ କଷା ଯାଇପାରିବ? ଏଭଳି ଏକାଧିକ ପ୍ରଶ୍ନ ବେଳେ ବେଳେ ଦେଶବାସୀଙ୍କୁ ବ୍ୟସ୍ତ, ବିବ୍ରତ କରିବା ସ୍ୱାଭାବିକ । ନିକଟରେ ବିହାର ବିଧାନସଭା ନିର୍ବାଚନ ଶେଷ ହୋଇଛି । ନିର୍ବାଚନ ପୂର୍ବରୁ ସବୁସ୍ତରର ମତାଦାତାଙ୍କୁ ସନ୍ତୁଷ୍ଟ କରିବା ସକାଶେ ଯେଉଁଭଳି ଆଖିବୁଜା ସହାୟତା ରାଶି ବଣ୍ଟନ କରାଯାଉଛି ତାହା ବିହାରକୁ ଦେବାଳିଆ କରିଦେବା ଏକପ୍ରକାର ନିଶ୍ଚିତ । ଆର୍ଥିକ ଦୃଷ୍ଟିରୁ ସବୁଠାରୁ ସମୃଦ୍ଧ ଓ ସମର୍ଥ ରୂପେ ପରିଚିତ ମହାରାଷ୍ଟ୍ରର ଆର୍ଥିକ ସ୍ଥିତି ଏଭଳି ନିମ୍ନଗାମୀ ହୋଇଛି ଯେ ରାଜ୍ୟର ୯୦୩ ପ୍ରକଳ୍ପ ଅଗ୍ରଗତି କରିପାରୁନାହିଁ । ବଜେଟ ବ୍ୟବସ୍ଥାରେ ସେଥିରୁ ଅର୍ଥ ବରାଦ କରିବା ଅସମ୍ଭବ ହୋଇପଡ଼ିଛି । ରାଜ୍ୟୱାରୀ ବିଚାର କଲେ ପଞ୍ଜାବ, ରାଜସ୍ଥାନ ଓ ହରିୟାଣା ସବୁଠାରୁ ଭୟଙ୍କର ଦୁର୍ଗତି ଦେଇ ଗତି କରୁଛନ୍ତି । ପଞ୍ଜାବ ଚଳିତ ଆର୍ଥିକ ବର୍ଷରେ ୯୦ ହଜାର କୋଟି ଟଙ୍କା ମୂଳଧନ ପରିଶୋଧ କରିବାର ଅଛି । ବିପୁଳ ପରିମାଣର ଋଣ ନକଲେ ପରିସ୍ଥିତିର ମୁକାବିଲା ଅସମ୍ଭବ । ଗତ ଅକ୍ଟୋବରରେ ରାଜ୍ୟ ସରକାର ଖୋଲାବଜାରରୁ ୨୦ ହଜାର କୋଟି ଟଙ୍କାର ଋଣ ଉଠାଇଥିଲେ । ସେହିଭଳି ରାଜସ୍ଥାନକୁ ଚଳିତ ବର୍ଷ ୧.୫୦ ଲକ୍ଷ କୋଟି ଟଙ୍କାର ଋଣ ପରିଶୋଧ କରିବାକୁ ପଡ଼ିବ । ଅନ୍ୟପକ୍ଷରେ ହରିୟାଣାର ଆୟ ୧.୩୩ ଲକ୍ଷ କୋଟି ଟଙ୍କା ଥିବା ବେଳେ ତାହାର ୫୩.୧ % କେବଳ ଋଣ ପରିଶୋଧରେ ବ୍ୟୟ ହେବ । ଅବଶିଷ୍ଟ ଅର୍ଥରେ ଘୋଷିତ ରିହାତି ଓ ଅନ୍ୟାନ୍ୟ ସୁବିଧା ଦେବାରେ ଖର୍ଚ୍ଚ ହେବା ପରେ ବିକାଶ ଧାରା କେଉଁଆଡ଼କୁ ମୁହାଁଇବ ତାହା ଅନୁମାନ କରାଯାଇପାରେ ।

ତେଣୁ ଜିଡିପି ହାରକୁ ନେଇ ଦେଶର ଆର୍ଥିକ ସ୍ଥିତି ଦିନକୁ ଦିନ ଦୃଢ଼ ଓ ସଶକ୍ତ ହେଉଛି ବୋଲି ଯେଉଁ ଆକଳନ କରାଯାଇଛି ତାହା କେତେ ଦୂର ଗ୍ରହଣୀୟ ବିଚାରସାପେକ୍ଷ ।

# ଅମୂଳକ ବିଶ୍ୱାସର ଆତଙ୍କବାଦ

**ନମ୍ରତା ମିଶ୍ର**

ଆତଙ୍କବାଦର ସମାଚାର ଆମ ପାଇଁ ଆଉ ନୂଆ ନୁହଁ । ଆମେ ବହୁବର୍ଷ ଧରି ଏହି ପ୍ରକାର ଖବର ଶୁଣିବା, ପଢ଼ିବା ବା କିଛିକ୍ଷେତ୍ରରେ ଅନୁଭବ କରିବାରେ ଏକପ୍ରକାରେ ଅଭ୍ୟସ୍ତ ହୋଇସାରିଛେ । ଭାରତ ଓ ବିଶ୍ୱରେ ଘଟିଥିବା ହୃଦୟବିଦାରକ ଆତଙ୍କବାଦୀ ଆକ୍ରମଣ ଘଟଣା ଲେଖିବସିଲେ ତାଲିକା ଲମ୍ବା ହୋଇଚାଲିବ । ଆତଙ୍କବାଦ ପଛରେ ପ୍ରାଣ ଭୟ, ପ୍ରତିଶୋଧର ଇଚ୍ଛା, ଅର୍ଥଲୋଭ ଇତ୍ୟାଦି କାରଣ ସମେତ ପ୍ରମୁଖ ଥାଏ ଧର୍ମ ଉପରେ ଭିତ୍ତିହୀନ ବିଶ୍ୱାସ । ତୈମୁରଲଙ୍ଗ, ଔରଙ୍ଗଜେବଙ୍କ ନାରକୀୟ ଆତଙ୍କଠାରୁ ଆରମ୍ଭ କରି ଭାରତ ବିଭାଜନ ସମୟର ନରହତ୍ୟା, ସମ୍ପତ୍ତି ଲୁଣ୍ଠନ ଆଦି ହିଂସା ଓ ଆତଙ୍କର କଳଙ୍କିତ ଅଧ୍ୟାୟ ଆମ ଇତିହାସରେ ଲେଖାସାରିଛି ।

ବର୍ତ୍ତମାନ ଆମ ଚାରିପାଖରେ ଘଟୁଥିବା କିଛି ଘଟଣା ଉପରେ ଦୃଷ୍ଟି ଦେବା । ଖବରକାଗଜ ଖୋଲିବା ମାତ୍ରେ ଗୁଣିଆ ସନ୍ଦେହରେ ହତ୍ୟା, ଜାତିଆଣ ହତ୍ୟା କିମ୍ବା ବାସନ୍ଦ, ଯୌତୁକ ହତ୍ୟା, ଗୋଷ୍ଠୀ କନ୍ଦଳ, ଅନ୍ଧବିଶ୍ୱାସ ଜନିତ ବଳି, ଧର୍ମାନ୍ତରଣଜନିତ ହିଂସା, ଦଳଚକଟା ଜନିତ ମୃତାହତ ଆଦି ଖବର ଆମ ଆଖିରେ ପଡ଼େ । ଏ ସବୁ ପ୍ରଥାରେ ଅଯୌକ୍ତିକ ବିଶ୍ୱାସ କେବଳ ଅଶିକ୍ଷିତଙ୍କ ମଧ୍ୟରେ ସୀମିତ ନଥାଏ, ତଥାକଥିତ ଶିକ୍ଷିତ ଓ ଉଚ୍ଚବର୍ଗ ଏପରିକି ସମାଜ ସଂସ୍କାରକମାନଙ୍କ ପାଖରେ ମଧ୍ୟ ଥାଏ । ଆଜି ମଧ୍ୟ କେତେକ ମନ୍ଦିରରେ ମହିଳା ଓ ଦଳିତମାନଙ୍କର ପ୍ରବେଶ ନିଷେଧ । ଏ ସବୁ ମଧ୍ୟ ଭିତ୍ତିହୀନ ବିଶ୍ୱାସର ପରିଣତି ।

ଆହୁରି ମଧ୍ୟ ଦୈନନ୍ଦିନ ଜୀବନରେ ଜାମାଖଣ୍ଡେ ପିନ୍ଧୁ ପିନ୍ଧୁ ଯଦି ଛିଙ୍କ ହୁଏ ଆମେ ତା'କୁ ବାହାର କରିଦେଉ ଓ ପୁଣି ପିନ୍ଧୁ । ଝିଟିପିଟି ମୁଣ୍ଡ ଉପରେ ପଡ଼ିଲେ ଶୁଭ ନା ଅଶୁଭ ବିଚାର କରୁ । ସ୍ୱପ୍ନ ଦେଖି ତାହା ଶୁଭ ନା ଅଶୁଭ ବିଶ୍ଳେଷଣ କରୁ । ମାଙ୍କଡ଼ ଡେଇଁ ପଡ଼ିଲେ, ବିରାଡ଼ି ରାସ୍ତା କାଟିଲେ, ବିଲୁଆ ଦେଖିଲେ. ପେଚା ବୋବାଇଲେ ଶୁଭ ନା ଅଶୁଭ ଚିନ୍ତା କରୁ । ନାଗ ସାପକୁ କ୍ଷୀର ପିଆଇବା ପାଇଁ ଚେଷ୍ଟା କରୁ । ନାଗ ସାପ ଆଖରେ କ୍ୟାମେରା ଲାଗିଛି, ସାପ ଖେଳିବା ବସ୍ତ୍ର ଶୁଭ ଇତ୍ୟାଦି ଆମ ସମାଜରେ ଖୁବ୍ ପ୍ରଚଳିତ । ଠାକୁରଙ୍କୁ ନଡ଼ିଆ କଦଳୀ ପୂଜାକରି ଆମକୁ ମଟନ୍ ମିଳୁ ବୋଲି ଆଶା କରୁ । ଘରର କେହି ମୃତ୍ୟୁବରଣ କଲେ କିଛି ରୀତିନୀତି ଅନୁସାରେ ଗୁଆକଦଳି ଖାଇ ପୁତ୍ର ଆଶା କରୁ । ଦେହ ଖରାପ ହେଲେ ଗୁଣିଆ, ଝାଡ଼ଫୁଙ୍କ ମାନସିକ ଇତ୍ୟାଦି ଆମେ କରୁ । ଲକ୍ଷ୍ମୀ ପୂଜାରେ ଦଶ ଟଙ୍କାର ଶାଗ, ମୁଆଁ, ପିଠା ପୂଜା କରି ବିନା କଷ୍ଟ ପରିଶ୍ରମରେ ଆମକୁ ବହୁ ସମ୍ପତ୍ତି ମିଳୁ ବୋଲି ଆଶା କରୁ । ସରକାରୀ ତହସିଲରୁ ଅର୍ଥ ଆତ୍ମସାତ କରି ମନ୍ଦିରରେ କିଛି ଦାନପୁଣ୍ୟ କରିଦେଇ ନିଜକୁ ଖୁବ୍ ଧାର୍ମିକ ମନେକରୁ । ସକାଳୁ ଉଠି ଆମେ ରାଶିଫଳ ଦେଖୁ । ଜାତକ ମେଳଣ କରୁ । ଠାକୁରାଣୀଙ୍କୁ ଶୁଖୁଆ ତରକାରୀ ପୂଜା କରି ବସନ୍ତ ମିଳିମିଳା ଆଦି ରୋଗରୁ ରକ୍ଷା ମିଳିଯିବ ବୋଲି ଆଶା କରୁ । ମୃତ ଶରୀର ପଛରେ ଫିଙ୍ଗା ଯାଇଥିବା ମୁଦ୍ରାକୁ ଘରେ ସାଇତି ରଖୁ । କୂଅ ପୋଖରୀ, ଜଳ ଭଣ୍ଡାର ଦେଖିଲେ ସେଥିରେ ପଇସା ପକାଇ ମାନସିକ କରୁ । ଠାକୁରଙ୍କୁ ମାନସିକ କରି, ଦାନ ଧର୍ମ କରି ୟୁପିଏସସି ଭଳି ପରୀକ୍ଷାରେ ମଧ୍ୟ ସଫଳତା ମିଳିବ ବୋଲି ବିଶ୍ୱାସ ରଖୁ ।

ତେଣୁ ଅନ୍ଧବିଶ୍ୱାସ ବା ଅମୂଳକ ବିଶ୍ୱାସ କେବଳ ଆତଙ୍କବାଦୀ ବା ଦଙ୍ଗାକାରୀଙ୍କ ପାଖରେ ନାହିଁ, ଏହା ଆମ ପାଖରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ରହିଛି । ଏହି ଦୁରାରୋଗ୍ୟ ବ୍ୟାଧିରୁ ବଞ୍ଚିବାର କୌଣସି ରାସ୍ତା ହଠାତ୍ ଦେଖାଯାଏ ନାହିଁ । କାରଣ ଏହା ଆମ ଭିତରେ ବହୁ ପିଢ଼ି ଧରି ବଞ୍ଚି ରହିଥିବା ସେହି ନିର୍ମୂଳି ଲତା, ଯାହା ଆମ ସଭ୍ୟତା ଓ ସଂସ୍କୃତି ରୂପକ ମହାଦ୍ରୁମରୁ ଅହରହ ରସ ଶୋଷି ଚାଲିଛି । ଏହା ଏଭଳି କାୟାବିସ୍ତାର କରିଛି ଯେ ଆମେ ଜାଣିନାହୁଁ ଆମ ସଂସ୍କୃତି କ'ଣ ଓ ଅମୂଳକ ବିଶ୍ୱାସ କ'ଣ । ବୈଜ୍ଞାନିକ ମନୋଭାବ ବା ଚିନ୍ତାଧାରାକୁ ଆପଣେଇନେବା ଛାଡ଼ନ୍ତୁ, ଏହାକୁ ଆମେ ଶୁଣିବାକୁ ମଧ୍ୟ ପ୍ରସ୍ତୁତ ନୁହେଁ । ଯୁଗ ଯୁଗ ଧରି ଚାଲିଥିବା, ପିଲାଦିନରୁ ଶୁଣିଥିବା ବା ଆପଣେଇ ନେଇଥିବା ବିଶ୍ୱାସକୁ ଭାଙ୍ଗିଦେବା ସହଜ ନୁହେଁ । ବିଶ୍ୱାସକୁ ଛାଡ଼ିଦେଲେ ମଣିଷ ନିଜକୁ ଅନାଥ ମନେକରେ । ହୁଏତ ସେଥିପାଇଁ ମଣିଷ ଅମୂଳକ ବିଶ୍ୱାସକୁ ମଧ୍ୟ ଛାଡ଼େନା, ଯେପରି ନିଶାଦ୍ରବ୍ୟର ପୁରୁଣା ଅଭ୍ୟାସକୁ ଛାଡ଼ିବା ସହଜ ନୁହେଁ ।

ପୁଣି ଏହି ସବୁ ବିଶ୍ୱାସ ଯୋଗୁଁ କିଛି ଲୋକଙ୍କ ବେଉସା ଚାଲେ, ପ୍ରାଧାନ୍ୟ ବଢ଼େ । ଆତ୍ମଘୋଷିତ ଈଶ୍ୱରମାନେ ଅଲୋଡ଼ା ହୋଇଯାଇପାରନ୍ତି । ଖାସ୍ ସେଇଥିପାଇଁ ସମାଜ ସଂସ୍କାରକ ରୂପରେ ବା ସଂସ୍କୃତି ରକ୍ଷକ ରୂପରେ ସମାଜ ସଂସ୍କାରକୁ ଅଟକାଇ ରଖିବା କାମ ସେଇମାନେ ହିଁ କରିଥା'ନ୍ତି । ମଣିଷ-ମଣିଷ ଭିତରେ ଉଚ୍ଚ-ନୀଚର ଭାବ ସୃଷ୍ଟି କରିବା, ଜାତି-ଧର୍ମ ନାମରେ ସମାଜରେ ବିଭ୍ରାଟ କରିବା କିଛି ଅଳ୍ପସଂଖ୍ୟକ ଲୋକଙ୍କ କାମ । କିନ୍ତୁ ଏହାର ଫଳ ସମସ୍ତ ସମାଜ ଭୋଗ କରନ୍ତି । ଅମୂଳକ ବିଶ୍ୱାସ ରୂପକ ଲତାର ଚେର ହେଉଛନ୍ତି ଭୟ ଓ ଲାଳସା । ପତିଆରା ଯିବାର ଭୟ ଏବଂ ବିନା ପରିଶ୍ରମରେ ଅର୍ଥ ଓ ସମ୍ମାନ ଲାଭର ଲାଳସା । ଯଦି ଆପଣ ସେମାନଙ୍କ ଜୀବନକୁ ଅତି ପାଖରୁ ଦେଖିବେ, ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସେମାନେ ନିଜେ କୌଣସି ଅମୂଳକ ବିଶ୍ୱାସର ବଶବର୍ତ୍ତୀ ନୁହନ୍ତି । ଠିକ୍-ଭୁଲ୍‌ର ପାର୍ଥକ୍ୟ ଖୁବ୍ ଭଲରେ ବୁଝି କେବଳ ସରଳ ଲୋକଙ୍କ ଫାଇଦା ଉଠାନ୍ତି ।

ନିଜ ଧର୍ମ, ନିଜ ଜୀବନ, ନିଜ ସଂସ୍କୃତି, ନିଜ ପରିବେଶକୁ ଠିକ୍ ଭାବେ ବୁଝିବା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ କେବଳ ନିଜର । ଯେଉଁ ବିଜ୍ଞାନ ଆମ ଜୀବନକୁ ଆଜି ଏତେ ସରଳ କରିଛି, ଯାହା ଏତେ ସୁବିଧା ଦେଇଛି, ଆଦିମାନବରୁ ସଭ୍ୟମାନବ କରି ତିଆରି କରିଛି, ଆମର ସେଥିରେ କୌଣସି ଆଗ୍ରହ ନାହିଁ । ଆମେ କେବେ ଜାଣିବାକୁ ଚେଷ୍ଟା କରିଛନ୍ତି କି ଆମ ମୋବାଇଲ୍, ହ୍ୱାଟ୍ସଆପ, ମେସେଞ୍ଜର, ଫେସବୁକ, ଫୋନ୍ ପେ, ପେଟିଏମ, ପ୍ଲେଷ୍ଟୋର କିପରି କାମ କରେ? ଅନେକଙ୍କ ପାଇଁ ଏହା ସମୟ ଅପଚୟକାରୀ ଓ ନିରର୍ଥକ ଉଦ୍ୟମ । କିନ୍ତୁ ହ୍ୱାଟ୍ସଆପ, ଫେସବୁକ ବା ଯେକୌଣସି ସୋସିଆଲ୍ ମିଡିଆରେ ଆସୁଥିବା ଖବର, ଚିନ୍ତାଧାରା, ପ୍ରବଚନ, ମୋଟିଭେଶନ୍, ବାସ୍ତୁ, ରାଶିଫଳ, ଶକୁନ ବିଚାର, ଘୃଣା ବିସ୍ତାର ଇତ୍ୟାଦିକୁ ଖୁବ୍ ସହଜରେ ବିଶ୍ୱାସ କରୁ । ଆମେ କେବେ ଭାବୁ ଯେ ଅମୁକ ଖବରରେ ମିଛ ଥାଇପାରେ? କେହି ଏହା ସମାଜକୁ ଭ୍ରାନ୍ତ ବା ଉତ୍ୟକ୍ତ କରିବା ପାଇଁ ଜାଣିଶୁଣି ପ୍ରଚାର ପ୍ରସାର କରିପାରେ?

ଅମୂଳକ ବିଶ୍ୱାସର ପରିଣତି ଯେ କେତେ ଭୟଙ୍କର ହୋଇପାରେ ତାହା ଆତଙ୍କବାଦର ପରିଣାମରୁ ଅନୁମେୟ । ଅତୀତରେ ହୋଇଥିବା ଦେଶ ବିଭାଜନ ପଛରେ ମଧ୍ୟ କିଛିମାତ୍ରାରେ ଅମୂଳକ ବିଶ୍ୱାସ ରହିଥିଲା ବୋଲି ଆମର ମତ । ଏହି ଅମୂଳକ ବିଶ୍ୱାସ ଜୀବନ ବଞ୍ଚାଉଥିବା ଡାକ୍ତରମାନଙ୍କୁ ଜୀବନ ନେବା ପାଇଁ ମଧ୍ୟ ବାଧ୍ୟ କରିପାରେ । ଶିକ୍ଷିତ ଯୁବକଯୁବତୀଙ୍କୁ ଆତ୍ମଘାତୀ ବିସ୍ଫୋରଣ କରିବା ପାଇଁ ପ୍ରେରିତ କରିପାରେ । ଦେଶରେ ଦଙ୍ଗା ପରିସ୍ଥିତି ସୃଷ୍ଟି କରିପାରେ । ତେଣୁ ପ୍ରତିଟି ସଭ୍ୟ, ଶିକ୍ଷିତ, ସଚେତନ, ସୁନାଗରିକର କାର୍ଯ୍ୟ ସମାଜରେ ଥିବା କୁସଂସ୍କାର ଓ ଅମୂଳକ ବିଶ୍ୱାସକୁ ଦୂର କରିବା ପାଇଁ ଚେଷ୍ଟା କରିବା ହିଁ ଧ୍ୟେୟ ହେବା ଆବଶ୍ୟକ । ପରିବର୍ତ୍ତନର ସ୍ୱର ପ୍ରଥମେ ନିଜ ଭିତରୁ ଶୁଣାଯିବା ଉଚିତ । ସମାଜ ପରିବର୍ତ୍ତନ ପୂର୍ବରୁ ପ୍ରଥମେ ଆମେ ନିଜେ ପରିବର୍ତ୍ତିତ ହେବା ଆବଶ୍ୟକ । ବୈଜ୍ଞାନିକ ମନୋଭାବ ପୋଷଣ କରିବା ଆମ ପାଇଁ କେବଳ ଉଚିତ ନୁହଁ, ଏହା ସମ୍ବିଧାନ ଅନ୍ତର୍ଗତ କର୍ତ୍ତବ୍ୟ ମଧ୍ୟ । ଦିନ ଥିଲା ସତୀଦାହ ଭଳି କୁପ୍ରଥା ମଧ୍ୟ ସମାଜରେ ଯୁକ୍ତିଯୁକ୍ତ ଥିଲା । କିନ୍ତୁ ଆଜିର ଦିନରେ ଯଦି ଏହା ପୁନଃପ୍ରଚଳିତ ହୁଏ ତେବେ ଆମେ ଏହାର ବିରୋଧ କରି ଅଦାଲତର ଦ୍ୱାରସ୍ଥ ହେବା ନିଶ୍ଚୟ ।

(ପ୍ରାଣୀ ବିଜ୍ଞାନ ଅଧ୍ୟାପିକା, ଗଞ୍ଜାମ)

# ପୁନଶ୍ଚ ଯୌବନ ସମ୍ଭବ!

**ପ୍ରଫେସର୍ ଫକୀରମୋହନ ସାହୁ**

ଶାରୀରିକ ବାର୍ଦ୍ଧକ୍ୟର ଏକ ବିକଳ ଅବସ୍ଥା ହେଉଛି ମସ୍ତିଷ୍କର ବାର୍ଦ୍ଧକ୍ୟ । ମସ୍ତିଷ୍କର ବାର୍ଦ୍ଧକ୍ୟର ବିଭିନ୍ନ ପରିପ୍ରକାଶ ସଂପର୍କରେ ସମସ୍ତେ ଅଳ୍ପେବହୁତ ପରିଚିତ । ବିଶେଷତଃ ଆଧୁନିକ ଜୀବନର ସ୍ମୃତିଭ୍ରଂଶ ଓ ଆଲ୍‌ଜେମର୍ ରୋଗର ଭୟାବହତା ଏତେ ଦ୍ରୁତଗତିରେ ପ୍ରସାରିତ ହେଉଛି ଯେ ବର୍ଷୀୟାନ୍ ବ୍ୟକ୍ତିମାନଙ୍କର ଯତ୍ନ ନେଉଥିବା ପରିବାରରେ ଏହା ଏକ ଆତଙ୍କର ବାତାବରଣ ସୃଷ୍ଟି କରିଛି । ଏହାର ପ୍ରତିରୋଧ ଓ ପ୍ରତିକାର ପାଇଁ ମନୋବିଜ୍ଞାନୀ ଓ ମନୋଚିକିତ୍ସକମାନେ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ଏଠାରେ ଆଲୋଚ୍ୟ ନୁହେଁ । କିନ୍ତୁ ଏହାଠାରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହେଉଛି ମସ୍ତିଷ୍କବିଜ୍ଞାନର ଏକ ବିସ୍ମୟକର ଆବିଷ୍କାର: ମସ୍ତିଷ୍କର ଷ୍ଟେମ୍ ସେଲ୍ । ଏପରି ଆବିଷ୍କାର ପ୍ରୌଢ଼ ଅବସ୍ଥାରେ କେବଳ ନବଯୌବନର ସମ୍ଭାବନା ଆଣି ନାହିଁ, ଦୀର୍ଘଜୀବନର ଅନୁଭବ ସହିତ ଜୀବନର ବିଶିଷ୍ଟ ଲକ୍ଷ୍ୟପୂରଣରେ ନୂତନ ଆଶାର ସଞ୍ଚାର କରିଛି ।

ଏପରି ସମ୍ଭାବନାର ମୂଳପିଣ୍ଡ ହେଉଛି ମସ୍ତିଷ୍କର ଷ୍ଟେମ୍ ସେଲ୍ ବା ଆଦିକୋଷ । ଆମେ ସମସ୍ତେ ଜାଣୁ ଯେ ଆମର ଚର୍ମରେ କୌଣସି କ୍ଷତ ହେଲେ ଏହା ସ୍ୱତଃ ଧୀରେ ଧୀରେ ପୂରଣ ହୋଇଥାଏ । ଛୋଟ ଧରଣର ହାଡ଼ ଭାଙ୍ଗିଗଲେ ତାହା ମଧ୍ୟ ଠିକ୍‌ଠାକ୍ ହୋଇଯାଏ । ପାକସ୍ଥଳୀର କେତେକ କ୍ଷତ ମଧ୍ୟ ସ୍ୱତଃ ଆରୋଗ୍ୟଲାଭ କରେ । ଏସବୁ କ୍ଷତ ସ୍ଥାନରେ ଶରୀରରେ ଥିବା ଷ୍ଟେମ୍ ସେଲ୍ ଭରଣା କରିବାରେ ସହାୟକ ହୁଏ । ମାତ୍ର ଦେଖାଗଲା ଯେ ମସ୍ତିଷ୍କ ଏ ଦୃଷ୍ଟିରୁ ଏକ ବ୍ୟତିକ୍ରମ । ଅଜସ୍ର ବର୍ଷଧରି କ୍ରମାଗତ ବିବର୍ତ୍ତନ ମାଧ୍ୟମରେ ମସ୍ତିଷ୍କ ଏକ ବିକଶିତ ସ୍ତର ହାସଲ କରିଥିବାରୁ ଏହା ସମ୍ଭବପର ହୋଇନଥାଏ ବୋଲି ବିଶେଷଜ୍ଞମାନେ ବିଚାର କରୁଥିଲେ । କେବଳ ଝିଟିପିଟି ପରି ସରଳତମ ଜୀବମାନଙ୍କରେ ଏହା କିଛିପରିମାଣରେ ସମ୍ଭବ ହୋଇଥାଏ । କିନ୍ତୁ ମନୁଷ୍ୟ ମସ୍ତିଷ୍କରେ ଷ୍ଟେମ୍ ସେଲ୍ ବା ଆଦିକୋଷ ନ ଥିବାରୁ ସ୍ୱୟଂସୁସ୍ଥତା ସମ୍ଭବ ହୋଇନଥାଏ ।

ଏପରି ବଦ୍ଧମୂଳ ଧାରଣା ବିଂଶଶତକର ଆରମ୍ଭ ପର୍ଯ୍ୟନ୍ତ ସକ୍ରିୟ ଥିଲା । ଏପରିକି ୧୯୧୩ ମସିହାରେ ମସ୍ତିଷ୍କର ସ୍ନାୟୁ ଗଠନ ସଂପର୍କରେ ଯୁଗାନ୍ତକାରୀ ତଥ୍ୟ ପ୍ରଦାନ କରି ନୋବେଲ୍ ପୁରସ୍କାର ପାଇଥିବା ସାଣ୍ଟିଆଗୋ କାଜଲ୍ ଦର୍ଶାଇଥିଲେ ଯେ ନୂତନ ସ୍ନାୟୁଗଠନ କରି କ୍ଷତକୁ ପୂରଣ କରିବାର ସାମର୍ଥ୍ୟ ମସ୍ତିଷ୍କ କୋଷରେ ଅନୁପସ୍ଥିତ । ପୁରସ୍କାର ପ୍ରାପ୍ତିର ପରବର୍ତ୍ତୀ ପର୍ଯ୍ୟାୟରେ କାଜଲ୍ ମସ୍ତିଷ୍କ ଓ ମେରୁମଜ୍ଜା(ସ୍ପାଇନାଲ୍ କର୍ଡ)ରେ ଷ୍ଟେମ୍ ସେଲ୍‌ର ଅନୁସନ୍ଧାନ କରି ବ୍ୟର୍ଥ ହୋଇଥିଲେ । ଭବିଷ୍ୟତର ରୂପରେଖ କ'ଣ ହେବ, ସେ ବିଷୟରେ ତାଙ୍କର ସଂଶୟ ଥିଲା । ମସ୍ତିଷ୍କର ଷ୍ଟେମ୍ ସେଲ୍ ପରିକଳ୍ପନା ବେଶ୍ କିଛିବର୍ଷ ଅବହେଳିତ ରହିଗଲା । ଅନେକ ବିଶେଷଜ୍ଞ ମସ୍ତିଷ୍କକୁ ଗୋଟିଏ ଜଟିଳ ମେସିନ୍ ବୋଲି ଭାବୁଥିବାରୁ ସେମାନଙ୍କର ଧାରଣା ଥିଲା ଯେ ମେସିନ୍‌ଟି ଖରାପ ହୋଇଗଲେ ନିଜେ ନିଜକୁ ଠିକ୍ କରିପାରିବ ନାହିଁ । ଏଥିପାଇଁ ବାହାରର ଯାନ୍ତ୍ରିକ ହସ୍ତକ୍ଷେପ ଆବଶ୍ୟକ ହେବ । ୧୯୬୫ ମସିହାରେ ଏକ ବିଚିତ୍ର ଘଟଣା ଘଟିଲା । ଆମେରିକାର ଅଗ୍ରଣୀ ଅନୁଷ୍ଠାନ ଏମ୍.ଆଇ.ଟି ର ଦୁଇଜଣ ବିଶେଷଜ୍ଞ ଅଲ୍ଟମ୍ୟାନ ଓ ଦାସ ପ୍ରଥମେ ଆବିଷ୍କାର କଲେ ଯେ ମୂଷାର ମସ୍ତିଷ୍କରେ ଷ୍ଟେମ୍ ସେଲ୍ ରହିଛି । କିନ୍ତୁ ଏହା ସେ ସମୟର ବାତାବରଣର ଅନୁକୂଳ ନ ଥିବାରୁ ଏହା ବିଶ୍ୱାସର ବଳୟରେ ପ୍ରବେଶ କଲା ନାହିଁ ।

ବିଂଶଶତକର ଅଷ୍ଟମ ଦଶକରେ ଜଣେ ପକ୍ଷୀ ବିଶେଷଜ୍ଞ ଲକ୍ଷ୍ୟ କଲେ ଯେ ଋତୁର ପରିବର୍ତ୍ତନ ସହିତ ଗୀତ-ପକ୍ଷୀମାନେ ନୂଆ ନୂଆ ସ୍ୱରରେ ଶବ୍ଦ କରୁଛନ୍ତି । ଏହା ବିଶେଷଜ୍ଞଙ୍କୁ ଚମତ୍କୃତ କଲା । ସେ ଦେଖିଲେ ଯେ ପକ୍ଷୀମାନଙ୍କ ମସ୍ତିଷ୍କରେ ନୂଆ ନୂଆ ସ୍ନାୟୁଗଠିତ ହେବା ଫଳରେ ଏହା ସମ୍ଭବ ହେଉଛି । ପକ୍ଷୀ ମସ୍ତିଷ୍କରେ ଷ୍ଟେମ୍ ସେଲ୍‌ର ଉପସ୍ଥିତି ଏକ ପ୍ରାମାଣିକ ରୂପ ନେଲା । ଏହା ପରେ ପରେ ଆଦିକୋଷର ଅନ୍ୱେଷଣ ପାଇଁ ଗବେଷଣା ପ୍ରକ୍ରିୟା ତୀବ୍ରତର ହେଲା । ଆମେରିକାର ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରେ ଏଲିଜାବେଥ୍ ଗୋଲ୍ଡ ପ୍ରଥମେ ଉଚ୍ଚତର ପ୍ରାଣୀମାନଙ୍କ ମସ୍ତିଷ୍କରେ ଷ୍ଟେମ୍ ସେଲ୍‌ର ସନ୍ଧାନ ଦେଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଦୁଇଜଣ ବିଶେଷଜ୍ଞ (ଏରିକ୍‌ସନ୍ ଓ ଗେଜ୍) ଅନନ୍ୟ ଉପାୟ ଅବଲମ୍ବନ କରି ମରଣାପନ୍ନ ବ୍ୟକ୍ତିଙ୍କ ଅନୁମତି ନେଇ ସେମାନେ ମସ୍ତିଷ୍କର ସୂକ୍ଷ୍ମାତିସୂକ୍ଷ୍ମ କାର୍ଯ୍ୟକଳାପ ଲକ୍ଷ୍ୟ କଲେ । ସେମାନେ ଦର୍ଶାଇଲେ ଜୀବନର ଶେଷବିନ୍ଦୁ ପର୍ଯ୍ୟନ୍ତ ମସ୍ତିଷ୍କରେ ନୂତନ ସ୍ନାୟୁଗଠନ ଚାଲୁରହିଥାଏ । ତାହା ଏକ ବହୁସମ୍ଭାବନାପୂର୍ଣ୍ଣ ବିସ୍ମୟକର ଆବିଷ୍କାର ଥିଲା ।

ବର୍ତ୍ତମାନ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନଟି ହେଉଛି: ମସ୍ତିଷ୍କରେ ଷ୍ଟେମ୍ ସେଲ୍ ଗଠନର ସମ୍ଭାବନା ଥିବାରୁ ଏପରି କୋଷିକାର ଦ୍ରୁତ ବିକାଶକୁ ତ୍ୱରାନ୍ୱିତ କରାଯିବ କିପରି? ଗେଜ୍ ଓ ତାଙ୍କର ସହଯୋଗୀମାନେ ଏ ଦିଗରେ ବିଧିବଦ୍ଧ ଗବେଷଣା ଆରମ୍ଭ କଲେ । ସେମାନେ ପ୍ରଥମେ ମୂଷାମାନଙ୍କ ଉପରେ ପରୀକ୍ଷା ନିରୀକ୍ଷା କଲେ । ସେମାନେ ମୂଷାମାନଙ୍କୁ ଗତାନୁଗତିକ ଯନ୍ତାରେ ନ ରଖି ବିକଶିତ ପରିବେଶସମ୍ପନ୍ନ ଯନ୍ତାରେ ରଖିଲେ । ଏପରି ଯନ୍ତାରେ ଗଡ଼ାଇବା ପାଇଁ ବଲ୍ ଥିଲା, ବିଭିନ୍ନ ଧରଣର ଖେଳଣା ଥିଲା ଏବଂ ତଳୁ ଉପରକୁ ଓ ଉପରୁ ତଳକୁ ଦୌଡ଼ିଯିବା ପାଇଁ ଯାନ୍ତ୍ରିକ ବ୍ୟବସ୍ଥା ମଧ୍ୟ ଥିଲା । କେବଳ ୪୫ ଦିନର ଏପରି ପରିବେଶ ଆୟୋଜନ ପରେ ଦେଖାଗଲା ଯେ ମୂଷାମାନଙ୍କର ମସ୍ତିଷ୍କର ଓଜନର ୧୫ % ବୃଦ୍ଧି ପାଇଛି । ପ୍ରାୟ ୪୦ ହଜାର ନୂଆ ସ୍ନାୟୁ ଗଠିତ ହୋଇଛି । ଅନ୍ୟପକ୍ଷରେ ଗତାନୁଗତିକ ପରିବେଶର ଯନ୍ତା ମଧ୍ୟରେ ରହୁଥିବା ମୂଷାମାନଙ୍କର ମସ୍ତିଷ୍କର ଓଜନ ଅପରିବର୍ତ୍ତିତ ରହିଥିଲା । ଗବେଷକମାନେ ପରୀକ୍ଷାନିରୀକ୍ଷା କରୁଥିବା ମୂଷାମାନେ ସାଧାରଣତଃ ଦୁଇବର୍ଷ ବଞ୍ଚିଥା'ନ୍ତି । ଜୀବନର ଦ୍ୱିତୀୟ ବର୍ଷରେ ପ୍ରାୟ ଦଶମାସ ଧରି ପୂର୍ବବର୍ଣ୍ଣିତ ସମୃଦ୍ଧ ପରିବେଶରେ ଜୀବନଧାରଣ କରିଥିବା ମୂଷାମାନଙ୍କ କ୍ଷେତ୍ରରେ ସେମାନଙ୍କ ହିପୋକ୍ୟାମ୍ପସ୍‌ରେ (ମୁଖ୍ୟ ସ୍ମୃତିଭଣ୍ଡାର) ସ୍ନାୟୁସଂଖ୍ୟା ପାଞ୍ଚଗୁଣ ବୃଦ୍ଧି ପାଇଥିବାର ଦେଖାଗଲା । କେବଳ ସେତିକି ନୁହେଁ, ଏହି ମୂଷାମାନଙ୍କର ଶିକ୍ଷଣ ପ୍ରକ୍ରିୟା, ଉନ୍ନତ ଅନ୍ୱେଷଣ, ଗତିଶୀଳତା ଏବଂ ବୁଦ୍ଧିମତ୍ତାର ଅନ୍ୟସବୁ ସୂଚକ ମଧ୍ୟ ବେଶୀ ବିକଶିତ ।

ଗେଜ୍‌ଙ୍କ ତତ୍ତ୍ୱକୁ ଆଧାର କରି ମନୁଷ୍ୟ ମସ୍ତିଷ୍କର ବିକାଶ ଏବଂ ବିଶେଷକରି ବାର୍ଦ୍ଧକ୍ୟ ଅବସ୍ଥାରେ ନବଯୌବନର ସମ୍ଭାବନା ସଂପର୍କରେ କ'ଣ କୁହାଯିବ? ପ୍ରଥମତଃ, ନୂତନ ସ୍ନାୟୁଗଠନ ଓ ମସ୍ତିଷ୍କରେ ଷ୍ଟେମ୍ ସେଲ୍‌ର ଗଠନ ପାଇଁ ସମୃଦ୍ଧ ପରିବେଶ ଅତ୍ୟାବଶ୍ୟକ । ଗତାନୁଗତିକ ଶିକ୍ଷଣ ଓ ରୁଟିନ୍‌ବନ୍ଧା ବ୍ୟବହାର ପରିବର୍ତ୍ତେ ନୂଆ କିଛି ଶିଖିବାର ଅଭୀପ୍ସା ଓ ଅଭିନବ ପରିବେଶ ଷ୍ଟେମ୍ ସେଲ୍ ଗଠନକୁ ତ୍ୱରାନ୍ୱିତ କରେ । ଶାରୀରିକ ବ୍ୟାୟମ ଏବଂ ଦ୍ରୁତଗତିରେ ଚାଲିବା ମଧ୍ୟ ଏ ଦିଗରେ ସହାୟକ ହୁଏ ।

ନୂତନ ସ୍ନାୟୁର ଗଠନ ଏବଂ ଅଧିକ ସଂଖ୍ୟକ ଷ୍ଟେମ୍ ସେଲ୍ ଗଠନରେ ଯେଉଁ ଉପାଦାନଟି ସବୁଠାରୁ ଅଧିକ ଭୂମିକା ନିର୍ବାହ କରେ, ତାହା ହେଉଛି କୌଣସି ଏକ ଆହ୍ୱାନଭରା କାର୍ଯ୍ୟରେ ମନୋନିବେଶ କରିବା । ନୃତ୍ୟ କରିବା ଏବଂ ନୃତ୍ୟର ପରିକଳ୍ପନା କରିବା ଗୋଟିଏ ସୁନ୍ଦର ଉଦାହରଣ । ନୃତ୍ୟର ପରିକଳ୍ପନା ସମୟରେ ଅଙ୍ଗଚାଳନାର ମାନସିକ ଯୋଜନା ଏକ ଆହ୍ୱାନମୂଳକ (କଷ୍ଟକର କିନ୍ତୁ ଅସାଧ୍ୟ ନୁହେଁ) କାର୍ଯ୍ୟ । ଏହିପରି ସମଧର୍ମୀ କାର୍ଯ୍ୟରେ ନିମଗ୍ନ ରହୁଥିବା ବ୍ୟକ୍ତିମାନେ ବୟସାଧିକ୍ୟରେ ମଧ୍ୟ ତାରୁଣ୍ୟର ଅନୁଭବ ପାଆନ୍ତି । ଇସ୍ରାଏଲ୍‌ର ପ୍ରଥମ ପ୍ରଧାନମନ୍ତ୍ରୀ ବେନ୍-ଗୁରିଅନ୍ ଜୀବନର ଶେଷ ପର୍ଯ୍ୟାୟରେ ମୂଳ କ୍ଲାସିକ୍ ପଢ଼ିବା ପାଇଁ ଗ୍ରୀକ୍ ଭାଷା ଶିଖିବାକୁ ଆରମ୍ଭ କଲେ । ବେଞ୍ଜାମିନ୍ ଫ୍ରାଙ୍କଲିନ୍ ୭୮ବର୍ଷ ବୟସରେ ବାଇଫୋକାଲ୍ ଚଷମା ଉଦ୍‌ଭାବନ କଲେ । ନବେବର୍ଷ ବୟସରେ ହାର୍ଭାର୍ଡ୍ ଭଳି ପ୍ରଖ୍ୟାତ ବିଶ୍ୱବିଦ୍ୟାଳୟରୁ ବିଏ ପାଶ୍ କରିବାର ଉଦାହରଣ ରହିଛି । ବିଶିଷ୍ଟ କୋଷବିଜ୍ଞାନୀ ପାବ୍‌ଲୋ କାସ୍‌ଲସ୍‌ଙ୍କୁ ୯୧ ବର୍ଷ ବୟସରେ ଗବେଷଣାଗାରରେ ଦେଖିବା ପରେ ତାଙ୍କୁ ଜଣେ ଛାତ୍ର ପଚାରିଲେ- ଆପଣ ଏ ବୟସରେ କ'ଣ କରୁଛନ୍ତି? ପାବ୍‌ଲୋ ବିନମ୍ର ସ୍ୱରରେ କହିଲେ- 'ମୁଁ ଦେଖୁଛି ମୁଁ ଅଗ୍ରସର ହେଉଛି ।'

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

# ଓଡ଼ିଆ ଅସ୍ମିତାର ଅନନ୍ୟ ପ୍ରତୀକ: ଗୁରୁ ପଦ୍ମସମ୍ଭବ

**ପ୍ରବୀର କୁମାର ପଟ୍ଟନାୟକ**

**ଦ୍ୱିତୀୟ-ବୁଦ୍ଧ କଥା**

ବୌଦ୍ଧକାଳରେ ଓଡ଼ିଶା ବୌଦ୍ଧଧର୍ମର ଅନ୍ୟତମ ମୁଖ୍ୟ କେନ୍ଦ୍ର ହୋଇପାରିଥିଲା । ଉଭୟ ଉପକୂଳ ଓଡ଼ିଶା ଅଥବା ପ୍ରାଚୀନ ଓଡ୍ର ଦେଶ ଅଞ୍ଚଳ, ଯାହାକି ପୁରୀଠାରୁ ତାମ୍ରଲିପ୍ତ ବା ତାମଲୁକ ପର୍ଯ୍ୟନ୍ତ ବ୍ୟାପୀ ରହିଥିଲା ଏବଂ ଦକ୍ଷିଣକୋଶଳ ଅଞ୍ଚଳ, ଯାହାକି ବଉଦ ପର୍ଯ୍ୟନ୍ତ ବିସ୍ତୃତ ସମଗ୍ର ମହାନଦୀ ଅବବାହିକା - ଏସବୁ ପ୍ରସିଦ୍ଧ ବୌଦ୍ଧଧର୍ମ ତଥା ବୌଦ୍ଧ କୀର୍ତ୍ତିରାଜି ବ୍ୟାପି ରହିଥିବା ଅଞ୍ଚଳଭାବେ ପ୍ରସିଦ୍ଧି ଲାଭ କରିଥିଲା । ଦକ୍ଷିଣ କୋଶଳର ରାଜଧାନୀ ଶ୍ରୀପୁର (ଶିରପୁର) ଏକ ପ୍ରମୁଖ ବୌଦ୍ଧ କେନ୍ଦ୍ର ଭାବେ ଖ୍ୟାତି ଲାଭ କରିଥିଲା ଏବଂ ଏ ଅଞ୍ଚଳ ମଧ୍ୟ ପ୍ରସିଦ୍ଧ ବୌଦ୍ଧ ସନ୍ନ୍ୟାସୀ ନାଗାର୍ଜୁନଙ୍କ ରହଣିସ୍ଥଳ ଥିଲା । ମହାନଦୀର ଉଭୟତଟରେ ରହିଥିବା ଅଞ୍ଚଳଗୁଡ଼ିକରେ ବହୁ ବୌଦ୍ଧ କୀର୍ତ୍ତିରାଜି ରହିଥିଲା ଏବଂ ଏବେ ମଧ୍ୟ ଅନାବିଷ୍କୃତ ଭାବରେ ଅନେକ ମାଟିତଳେ ଓ ନଦୀ ଭିତରେ ରହିଛି । ବ୍ୟାପକଭାବେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ କରାଯାଇ ବିଭିନ୍ନ ବୌଦ୍ଧ ସ୍ଥାନ, କୀର୍ତ୍ତିରାଜି, କଳା ଓ ସ୍ଥାପତ୍ୟର ଅନୁସନ୍ଧାନ ତଥା ଉଦ୍ଧାର କରାଯିବାର ଜରୁରୀ ଅବଶ୍ୟକତା ଏବେ ମଧ୍ୟ ରହିଛି ।

ସେହିଭଳି ସମ୍ବଳ, ଲଙ୍କାପୁରୀ, ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା ଓ ଇନ୍ଦ୍ରଭୂତିଙ୍କ ପୋଷ୍ୟ ପୁତ୍ର ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ଆଦି ସମ୍ପର୍କରେ ଅଧିକ ସ୍ଥାନୀୟ ଗବେଷଣାର ମଧ୍ୟ ଆବଶ୍ୟକତା ରହିଛି । ଏହାଫଳରେ ଏସବୁ ପ୍ରସଙ୍ଗ ସମ୍ପର୍କରେ ନୂତନ ତଥ୍ୟ ଲୋକଲୋଚନକୁ ଆସିପାରିବ । ପଦ୍ମସମ୍ଭବଙ୍କ ନିଜର ଜନ୍ମସ୍ଥାନ ବର୍ତ୍ତମାନର ଝାରସୁଗୁଡ଼ା ଜିଲ୍ଲାର ଲଖଣପୁର ଅଞ୍ଚଳର ପଦ୍ମପୁର ବୋଲି ଚିହ୍ନଟ କରାଯାଇଛି । ସେହିଭଳି ରାଜା ଇନ୍ଦ୍ରଭୂତିଙ୍କ ଜତୁମତୀ ରାଜପ୍ରାସାଦ, ଯାହାର ଅବସ୍ଥିତିକୁ ବୁର୍ଲା ହୀରାକୁଦ ଅଞ୍ଚଳରେ ଠାବ କରାଯାଇଛି । ଏହି ଉଭୟ ସ୍ଥାନ ବର୍ତ୍ତମାନ ମହାନଦୀରେ ହୀରାକୁଦ ନଦୀବନ୍ଧର ଜଳଭଣ୍ଡାର ମଧ୍ୟରେ ବୁଡ଼ି ଯାଇଥିବାରୁ ଗବେଷଣା ପାଇଁ ଅତ୍ୟନ୍ତ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି ହୋଇଛି । ମାତ୍ର ଆଧୁନିକ ଜ୍ଞାନକୌଶଳ ପ୍ରୟୋଗରେ ଏସବୁ କାର୍ଯ୍ୟ ସମ୍ଭବ ହୋଇପାରିବ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏ ଦିଗରେ ଅଧିକ ବାସ୍ତବବାଦୀ ପଦକ୍ଷେପ ନେବା ସର୍ବାଦୌ ଜରୁରୀ ।

ଏହା କିନ୍ତୁ ଦୃଢ଼ ଭାବେ ପ୍ରମାଣସିଦ୍ଧ ଯେ ଓଡ଼ିଶା ହେଉଛି ପ୍ରାଚୀନ ଉଡ୍ଡୀୟାନ କ୍ଷେତ୍ର । ଅବିଭକ୍ତ ସମ୍ବଲପୁର ହେଉଛି ପ୍ରାଚୀନ ସମ୍ବଳ ରାଜ୍ୟ ଏବଂ ସେହିଭଳି ସୋନପୁର ବା ସୁବର୍ଣ୍ଣପୁର ହେଉଛି ପ୍ରାଚୀନ ଲଙ୍କାପୁରୀ । ଏହିତଥ୍ୟ ସର୍ବମାନ୍ୟ ହେବା ସହ ଏହି ପ୍ରାଚୀନ ଉଡ୍ଡୀୟାନ କ୍ଷେତ୍ର ସହ ସଂପୃକ୍ତ ସମ୍ବଳ, ଲଙ୍କାପୁରୀ, ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା ଓ ପଦ୍ମସମ୍ଭବ ଏସବୁ ପ୍ରସଙ୍ଗ ମାଧ୍ୟମିକ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଆଯିବା ଆବଶ୍ୟକ । ଏସବୁ ପ୍ରସଙ୍ଗ ଓଡ଼ିଆ ଅସ୍ମିତା, ଏପରିକି ଜାତୀୟ ଅସ୍ମିତା ସହ ସମ୍ପର୍କିତ । ଉଡ୍ଡୀୟାନ ତଥା ପୃଥିବୀ ପ୍ରସିଦ୍ଧ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ପ୍ରସଙ୍ଗକୁ ବିବାଦୀୟ କରାଯାଇଥିବାରୁ ଆମେ ଭାରତବାସୀ ଓ ଓଡ଼ିଶାବାସୀ ଦୃଢ଼ ଭାବେ ଉପରୋକ୍ତ ତଥ୍ୟକୁ ସମସ୍ୱରରେ ସ୍ୱୀକାର କରି ଦୃଢ଼ ଭାବେ ଏହାର ସମର୍ଥନ କରିବା ଆବଶ୍ୟକ ।

ଏହିସବୁ ପ୍ରସଙ୍ଗର ବ୍ୟାପକ ପ୍ରଚାର ପ୍ରସାର ମଧ୍ୟ ଆବଶ୍ୟକ ଅନ୍ତର୍ଜାତୀୟ ସ୍ତରରେ, ଜାତୀୟ ସ୍ତରରେ ଓ ରାଜ୍ୟ ସ୍ତରରେ । ପ୍ରଚାର ପ୍ରସାର ବ୍ୟତୀତ ଗୁରୁ ପଦ୍ମସମ୍ଭବଙ୍କ ଉଦ୍ଦେଶ୍ୟରେ ବିଶାଳ ସ୍ମୃତି ସ୍ଥଳ ବିଭିନ୍ନ ସ୍ଥାନରେ ମଧ୍ୟ ଆବଶ୍ୟକ । ଜନ୍ମସ୍ଥାନ ପଦ୍ମପୁର, ସମ୍ବଲପୁର, ମହାପରିନିର୍ବାଣ ସ୍ଥଳ ଉଦୟଗିରି ଓ ସର୍ବୋପରି ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏଭଳି ସ୍ମୃତିସ୍ଥଳ ନିର୍ମାଣର ଆବଶ୍ୟକତା ରହିଛି । ସବୁସ୍ତରରେ ଲୋକମାନେ ଗୁରୁ ପଦ୍ମସମ୍ଭବଙ୍କ ସମ୍ପର୍କରେ ଜାଣିପାରିବା ପାଇଁ ଗଣସାହିତ୍ୟ ଭଳି ଛାପା ପୁସ୍ତକମାନ ବହୁସଂଖ୍ୟାରେ ପ୍ରକାଶ ପାଇବା ଆବଶ୍ୟକ । ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ପୁସ୍ତକାଳୟଗୁଡ଼ିକରେ ଗୁରୁ ପଦ୍ମସମ୍ଭବଙ୍କ ସଂପର୍କିତ ଇଂରାଜୀ ଓ ଓଡ଼ିଆ ପୁସ୍ତକମାନ ମଧ୍ୟ ଅଧିକ ସଂଖ୍ୟାରେ ରଖାଯିବାର ଆବଶ୍ୟକତା ରହିଛି । ବୌଦ୍ଧ ପର୍ଯ୍ୟଟକମାନେ ଯେପରି ଗୁରୁ ପଦ୍ମସମ୍ଭବଙ୍କ ଓଡ଼ିଶାରେ ରହିଥିବା ସଂପର୍କିତ ସ୍ଥଳ, ଯେପରିକି - ଜନ୍ମସ୍ଥାନ ଝାରସୁଗୁଡ଼ାର ପଦ୍ମପୁର, ପୋଷ୍ୟପୁତ୍ର ହେବା ପରେ ନୂତନ ସ୍ୱସ୍ଥାନ ସମ୍ବଲପୁର, ସିଦ୍ଧିସ୍ଥଳ ବିରଜାକ୍ଷେତ୍ର, ଅଧ୍ୟୟନସ୍ଥଳ ରତ୍ନଗିରି ଓ ମହାପରିନିର୍ବାଣ ସ୍ଥଳ ଉଦୟଗିରି ବିଷୟରେ ସବିଶେଷ ତଥ୍ୟ ସାର୍ବଜନୀନ ହେବା ଆବଶ୍ୟକ, ଯାହାଦ୍ୱାରା ପର୍ଯ୍ୟଟକମାନେ ସେହିସବୁ ସ୍ଥାନ ଭ୍ରମଣ କରିପାରିବେ । ସେମାନଙ୍କର ସୂଚନା ନିମନ୍ତେ ଆବଶ୍ୟକୀୟ ଛାପା ତଥ୍ୟ ଓ ସୂଚନା ପୁସ୍ତିକାମାନ ଉପଲବ୍ଧ ହେବା ସହ ଏହି ସ୍ଥାନ ଭ୍ରମଣ ନିମିତ୍ତ ସୁବନ୍ଦୋବସ୍ତର ମଧ୍ୟ ଆବଶ୍ୟକତା ରହିଛି । (ସମାପ୍ତ)

'ଓଁ ଆହ୍ ହୂମ୍ ବଜ୍ର ଗୁରୁ ପଦ୍ମ ସିଦ୍ଧି ହୂମ ।' / 'ଓଁ ଆହ୍ ହୁଙ୍ଗ ବେଞ୍ଜା ଗୁରୁ ପେମା ସିଦ୍ଧି ହୂମ୍ ।'

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# କାଞ୍ଜିପାଣି ଘାଟିରେ ତୁଷାରପାତ

କେନ୍ଦୁଝର, ୯।୧(ସମିସ): କେନ୍ଦୁଝର ଜିଲ୍ଲାରେ ଶୀତର ପ୍ରକୋପ ଜାରି ରହିଥିବା ଫଳରେ କାଞ୍ଜିପାଣି ଘାଟି ଅଞ୍ଚଳରେ ମଧ୍ୟରାତ୍ର ବେଳକୁ ତାପମାତ୍ରା ୧/୨କୁ ଖସି ଆସୁଛି। ଶୁକ୍ରବାର ଭୋର ସମୟରେ କାଞ୍ଜିପାଣି ଆଞ୍ଚଳରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ଆଗକୁ ଆହୁରି ଶୀତର ପ୍ରକୋପ ବଢ଼ିବାର ସମ୍ଭାବନା ଥିବା ପାଣିପାଗ ବିଭାଗ ସୂତ୍ରରୁ ସୂଚନା ମିଳିଛି। କେବଳ କାଞ୍ଜିପାଣି ନୁହେଁ, ଜିଲ୍ଲାର ଅନ୍ୟ କେତେକ ପାହାଡ଼ିଆ ଅଭ୍ୟନ୍ତରୀଣ ଅଞ୍ଚଳରେ ମଧ୍ୟ ତୁଷାରପାତ ହୋଇଥିବା ସୂଚନା ମିଳିଛି। ସାରା ରାଜ୍ୟରେ ଶୀତଲହରୀ ଜାରି ରହିଥିବା ବେଳେ ଶୁକ୍ରବାର କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୭.୯ ଡିଗ୍ରୀ ରେକର୍ଡ କରାଯାଇଛି। ଆଭ୍ୟନ୍ତରୀଣ ଅଞ୍ଚଳରେ ରାତ୍ର ବେଳକୁ ତାପମାତ୍ରା ୧/୨ଡିଗ୍ରୀ ତଳକୁ ଖସୁଛି।

ଶୁକ୍ରବାର ସକାଳେ କେନ୍ଦୁଝରର କାଞ୍ଜିପାଣି ସମେତ ବାଂଶପାଳ ବ୍ଲକର ନୟାକୋଟ, କାଦକଳା, ଫିପୁର, ଜମିରିପଶି, ଉପରପଣସନସା, ତରମାକାନ୍ତ, ଗୋନାସିକା ଆଦି ପାହାଡିଆ ଜଙ୍ଗଲ ଅଞ୍ଚଳରେ ଧାନକ୍ଷେତ, ଘାସପତ୍ର, କୁଟାଗଦା ଏବଂ ଗାଡ଼ି ଉପରେ ତୁଷାରପାତ ଆସ୍ତରଣ ଜମି ରହିଥିଲା। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୧ ସପ୍ତାହ ପର୍ଯ୍ୟନ୍ତ ଶୀତ ଲହରୀ ଜାରି ରହିବ। କେନ୍ଦୁଝର ଜିଲ୍ଲାର ସବୁ ସ୍ଥାନରେ ତାପମାତ୍ରା ହ୍ରାସ ପାଇଥିବାରୁ ଜନଜୀବନ ପ୍ରଭାବିତ ହୋଇଛି। ଶୀତ ପ୍ରକୋପ ଯୋଗୁଁ ସଂଧ୍ୟା ପରେ ଲୋକ ଘରୁ ବାହାରୁ ନାହାନ୍ତି। ବଜାର ଘାଟ ଶୂନଶାନ ରହୁଛି। ପ୍ରବଳ ଥଣ୍ଡା ଯୋଗୁଁ ଜନଜୀବନ ଅସହ୍ୟ ହୋଇପଡ଼ିଛି। ପାରଦ ଦିନକୁ ଦିନ ହ୍ରାସ ପାଇ ଚାଲିଥିବା ବେଳେ ଆଗାମୀ ଦିନରେ ଏହି ତାପମାତ୍ରା ଆହୁରି କମିବାର ସମ୍ଭାବନା ରହିଛି। କାଞ୍ଜିପାଣିରେ ତୁଷାରପାତ ଯୋଗୁଁ ଏହି ଅଞ୍ଚଳରେ ବସବାସ କରୁଥିବା ଅଧିବାସୀମାନଙ୍କର ସମସ୍ୟା ବଢ଼ି ଯାଇଛି। ଆଦିବାସୀ ଅଧ୍ୟୁଷିତ ବଣ ଜଙ୍ଗଲରେ ଅଞ୍ଚଳରେ ରହୁଥିବା ଗରିବ ଲୋକ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସନ୍ଧ୍ୟା ହେଲା କ୍ଷଣି ନିଆଁ ପାଖରେ ବସି ରହୁଥିବା ଦେଖାଯାଉଛି।

ଶୁକ୍ରବାର କେନ୍ଦୁଝର ସର୍ବନିମ୍ନ ତାପମାତ୍ରା ୭.୯ ଡିଗ୍ରୀ ସେଲସିୟସ ରହିଛି। ୨୦୧୧ ଜାନୁୟାରୀ ୮ ଓ ୯ ତାରିଖରେ ଏହି କାଞ୍ଜିପାଣି ଅଞ୍ଚଳରେ ଏଭଳି ତୁଷାରପାତ ହୋଇଥିଲା। ଥଣ୍ଡା ଯୋଗୁଁ ସେତେବେଳେ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇଥିଲା। ୨୦୧୪ ଡିସେମ୍ବର ୨୦ ତାରିଖରେ ମଧ୍ୟ କାଞ୍ଜିପାଣି ଏବଂ ଆଖପାଖ ଅଞ୍ଚଳରେ ତୁଷାରପାତ ଦେଖିବାକୁ ମିଳିଥିଲା। ୨୦୧୮ ଡିସେମ୍ବର ୩୦ ତାରିଖରେ କାଞ୍ଜିପାଣି ଏବଂ ଆଖପାଖ ଅଞ୍ଚଳରେ ତୁଷାରପାତ ହୋଇଥିଲା।



ଶୁକ୍ରବାର ଘଟଗାଁ ମା'ତାରିଣୀଙ୍କ ମନ୍ଦିର ହୁଣ୍ଡିରୁ ସଂଗୃହୀତ ଦାନ ଅର୍ଥ ଗଣତି

## ଓସ୍କାର ଦୌଡ଼ରେ କାନ୍ତାରା, ତନଭୀ

ନୂଆଦିଲ୍ଲୀ, ୯ ।୧(ଏଜେନ୍ସି): ଓସ୍କାରର ୯୮ ତମ ସଂସ୍କରଣରେ ଋଷଭ ସେଟ୍ଟୀଙ୍କ 'କାନ୍ତାରା ଚାପ୍ଟର-୧' ଓ ଅନୁପମ ଖେରଙ୍କ 'ତନଭୀ ଦି ଗ୍ରେଟ୍' ସହିତ ୪ଟି ଭାରତୀୟ ସିନେମା ଶ୍ରେଷ୍ଠ ଫିଲ୍ମ ପୁରସ୍କାର ଦୌଡ଼ରେ ସାମିଲ ହୋଇଛି। ଏହି ବର୍ଗରେ ମୋଟ୍ ଉପରେ ୨୦୧ଟି ସିନେମା ମଧ୍ୟରେ ପ୍ରତିଯୋଗିତା ହେବ। ଏକାଡେମୀ ଅଫ ମୋସନ ପିକ୍‌ଚର୍ସ ଆର୍ଟସ ଆଣ୍ଡ ସାଇନ୍ସେସ ଏହି ଘୋଷଣା କରିଛି। ଗୁରୁବାର ଏକାଡେମୀର ୯୮ ତମ ପୁରସ୍କାର ପାଇଁ ତାଲିକା ପ୍ରକାଶ କରିଛି। ଜାନୁଆରୀ ୨୨ରେ ନୋମିନେସନ ଘୋଷଣା କରାଯିବ। କାନ୍ତାର ଓ ତନଭୀ ସହ ବହୁଭାଷୀ ଆନିମେଟେଡ ଚଳଚ୍ଚିତ୍ର 'ମହାବତାର ନରସିଂହ' ଓ ତାମିଲ ଚଳଚ୍ଚିତ୍ର 'ଟୁରିଷ୍ଟ ଫ୍ୟାମିଲି' ମଧ୍ୟ ଶ୍ରେଷ୍ଠ ଫିଲ୍ମ ପୁରସ୍କାର ଦୌଡ଼ରେ ସାମିଲ ହୋଇଛି।

# ୧୨ ମେଡିକାଲ କଲେଜରେ ୫୦୨ ପିଜି ସିଟ୍ ବଢ଼ିବ

**ଭିତ୍ତିଭୂମି ବଢ଼ାଇବାକୁ ଡିଏମଇଟିଙ୍କ ଚିଠି**

ଭୁବନେଶ୍ୱର, ୯ ।୧(ସମିସ): ରାଜ୍ୟର ସରକାରୀ ମେଡିକାଲ କଲେଜଗୁଡ଼ିକରେ ପୋଷ୍ଟ ଗ୍ରାଜୁଏଟ (ପିଜି) ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୋଟ୍ ୧୨ ଟି ମେଡିକାଲ୍ କଲେଜରେ ୫୦୨ଟି ନୂଆ ପିଜି ସିଟ୍ ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ଏହି ସିଟ୍ ବୃଦ୍ଧି ଆଗାମୀ ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ। ଏନେଇ ମେଡିକାଲ ଏଜୁକେସନ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶାଳୟ (ଡିଏମଇଟି) ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସିପାଲ, ପିଜିଆଇଏମଇଆର ଓ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଏବଂ କଟକର ଏଏଚପିଜିଆଇସି ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି।

ଡିଏମଇଟି ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଏସ୍‌କେ ମିଶ୍ରଙ୍କ ଦ୍ୱାରା ଲିଖିତ ଏହି ଚିଠିରେ ସିଟ୍ ବୃଦ୍ଧି ଏବଂ ନୂଆ ପିଜି କୋର୍ସ ଆରମ୍ଭ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଦ ସୃଷ୍ଟି (ଯଦି ଥାଏ) ଏବଂ ତାହାର ଆର୍ଥିକ ପ୍ରଭାବ ସହିତ ଏକ ବ୍ୟାପକ ପ୍ରସ୍ତାବ ଶୀଘ୍ର ଡିଏମଇଟିଙ୍କୁ ପଠାଇବା ପାଇଁ ଚିଠିରେ କୁହାଯାଇଛି। ଏହାକୁ "ଅତି ଜରୁରୀ' ଭାବେ ବିବେଚନା କରି ଏନଏମସି ଆବେଦନ ପୋର୍ଟାଲ ମାଧ୍ୟମରେ ପ୍ରସ୍ତାବ ପଠାଇବାକୁ କୁହାଯାଇଛି। ଚିଠି ସହିତ ସଂଲଗ୍ନ ତାଲିକାରେ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜଗୁଡ଼ିକରେ ବିଭାଗଭିତ୍ତିକ ନୂଆ ପିଜି ସିଟ୍ ବୃଦ୍ଧିର ବିବରଣୀ ଦିଆଯାଇଛି।

**AFFIDAVIT**
By virtue of an affidavit no. 57 before the Executive Magistrate, Phulbani, Kandhamal, dtd.09.01.2026, I, Bami Kanhar, At- Binjeripada, PO- Phiringia, PS- Phiringia, Dist- Kandhamal declare that I have changed my minor daughter's name from Kumari Tulasi Kanhar to Tulasi Kanhar. Henceforth, she shall be known as Tulasi Kanhar for all purposes.
Sd/- Bami Kanhar

**AFFIDAVIT**
By Virtue of an affidavit Before the Executive Magistrate, Cuttack, Odisha. I SASMITA ROUT, W/o: Anirudha Behera, At: Sendhagara, P.O: Raipur, P.S. Bansada, Dist.: Bhadrak, Orissa declare by this Affidavit No.: 155, Dtd: 07.01.2026, That I have changed my name from Sasmita Rout to **SASMITA BEHERA.** Sasmita Rout & Sasmita Behera is one and the same person. Henceforth I shall be known as **SASMITA BEHERA** for all purposes.

**AFFIDAVIT**
By virtue of an Affidavit no- 11, dated **08/01/2026**. Before the Notary Public, Bhubaneswar. I **Chinmay Sahoo,** S/o- Brajkishor Sahoo at flat B405 Om Sai Arcade Of Kalarahanga, Dist- Bhubaneswar, 751024 declare that I will be known and sign as **CHINMAY SAHOO** instead of **CHINMAY BRIJKISHOR SAHOO** for all purpose in future.

**AFFIDAVIT**
I, Niranjan Pany, aged about 69 years, S/o- Budheswar Pani, resident of At- Plot No. 79/273, Millenium City, Lane No-1, Ps- Pahal, Bhubaneswar, Dist- Khurda, Odisha, Pin-752101, do hereby declare by this affidavit No. 66, dtd- 09/01/2026, that now onwards I shall be known as **NIRANJAN PANI** for all future purposes.

**NOTICE**
By virtue of an affidavit sworn before the Notary Public, Sunabeda dated 06/01/2026, I Sri Pradhan Krisani, S/o Damu Krisani, Vill: Bilaput, P.O.: Hikimput, P.S.: Nandapur, District: Koraput, declare that I have changed my name from Madan Krisani to Pradhan Krisani. Henceforth, I shall be known as Pradhan Krisani for all purposes.
Pradhan Krisani

**AFFIDAVIT**
I, **Nabin Patnaik** son of Late Jogendra Narayan Patnaik, resident of Flat no. 304, Gopal Enclave, Bira Maharana Lane, Nila Kantha Nagar, Nayapalli, Bhubaneswar, Khurda, Odisha-751012 declare by this affidavit No.: 50958, Dated: 23.10.2025 that now onwards I shall be known as **NABIN KUMAR PATNAIK** for all future purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated: 09/01/2026. I, **Laxman Mahananda** (applicant name), S/o- Giridhari Mahananda, permanent & current resident of AT- Ghusuramunda, PO- Gudighat, PS- Muribahal, Dist- Balangir, (Odisha), PIN- 767037 declare that I have changed my minor daughter's name from **Anuska Mahananda** (old name) to **Muskan Mahananda** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Muskan Mahananda** (new name) for all future purposes.
**Laxman Mahananda**

**AFFIDAVIT**
By virtue of an affidavit before the Executive Magistrate, Bhubaneswar, dtd.09.01.2026, I, Elina Das, resident of At- Saheb Nagar (Mirzapur), PO- Nandipur, PS- Dasarathpur, Dist- Jajpur, hereby declare that my correct name is "Elina Das" and correct Date of Birth is "03.06.1996". Due to clerical error, my name and D.O.B. have been wrongly recorded as "Elina Mallik" & "18.02.1996" in my Aadhaar Card. That both names refer to one and the same person, i.e., myself.

**AFFIDAVIT**
I, Paridhi Sandeepbhai Tekriwala, W/o- Saurav Agarwal, resident of At - Plot No- 1045, Bulding No - 9, Mahanadivihar, Nuabazar,Cuttack Sadar, Nayabazar, Cuttack, Pin - 753004, Odisha, declare by this Affidavit No -174, dated- 08/01/2026,that now onwards I shall be known as **PARIDHI AGARWAL** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, vide no 25, dated 06.01.2026, I, SUSHREE BHAGYASHREE SOURA, D/o - Jagabandhu Soura, permanent resident of Chandahandi, PO.- Chandahandi, PS.- Chandahandi, Dist- Nabarangpur, Odisha, Pin - 764077, declare that I have changed my name from BHAGYASRI SOURA to SUSHREE BHAGYASHREE SOURA. Henceforth, I shall be known as SUSHREE BHAGYASHREE SOURA for all purposes.
**Sd/- Sushree Bhagyashree Soura**

**AFFIDAVIT**
I, SWAYAM SAMARTH son of Sri Prasanna Kumar Sahoo resident of Ward No.14, Plot No.- 148 C/o.- Malbika, Niladri Vihar, Sector - 5, Near HP Gas Office, P.O. Chandrasekharpur, P.S.- Chandrasekharpur, Bhubaneswar, Dist.- Khordha, Odisha -751021 declare by this affidavit No.- 09 dated 08.01.2026 that now onwards I shall be known as **SWAYAM SAMARTH SAHOO** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିନା ଅକଲରେ...

ପୂର୍ବରୁ କେନ୍ଦ୍ର ସରକାର ଏମ୍‌ଭି ଆକ୍ଟରେ ସଂଶୋଧନ କରିବା ସହ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣ ପତ୍ର (ପିୟୁସିସି) ନ ଥିଲେ ଗାଡ଼ି ମାଲିକଙ୍କୁ ୧୦ ହଜାର ଟଙ୍କା ଜରିମାନା କରିବାର ବ୍ୟବସ୍ଥା କରିଥିଲେ। ମାତ୍ର ପରିବହନ ବ୍ୟବସ୍ଥା ସମ୍ବିଧାନର ଯୁଗ୍ମ ତାଲିକା (ଉଭୟ ରାଜ୍ୟ ଓ କେନ୍ଦ୍ର ନିଷ୍ପତ୍ତି ପରିସରଭୁକ୍ତ) ହୋଇଥିବାରୁ ପ୍ରାୟ ସବୁ ରାଜ୍ୟରେ ଏହି ଜରିମାନା ରାଶିକୁ କମ୍ କରିବା ପାଇଁ ଅନେକ ରାଜ୍ୟ ପଦକ୍ଷେପ ନେଇଛନ୍ତି। ଦିଲ୍ଲୀ ବ୍ୟତୀତ ଦେଶର ଅଧିକାଂଶ ବଡ଼ ରାଜ୍ୟରେ ବର୍ତ୍ତମାନ ପିୟୁସିସି ନ ଥିଲେ ପ୍ରଥମ ଜରିମାନା ରାଶି ୧ ହଜାର ଟଙ୍କା ରଖାଯାଇଛି। ଯଦି ଜଣେ ଚାଳକ ଗୋଟିଏ ଥର ଏହି ନିୟମ ଉଲ୍ଲଂଘନ କରନ୍ତି ତାଙ୍କୁ ୧ ହଜାର ଓ ଦ୍ୱିତୀୟ ଥର ପାଇଁ କିଛି ରାଜ୍ୟରେ ପଶ୍ଚିମବଙ୍ଗ, କେରଳ ଆଦିରେ ୧୫୦୦ ଟଙ୍କା ଓ ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜୁରାଟ, ରାଜସ୍ଥାନ ଓ ତେଲେଙ୍ଗାନା ଆଦିରେ ୨ ହଜାର ଟଙ୍କା ରଖାଯାଇଛି। ଏହାବ୍ୟତୀତ ଅନ୍ୟ କିଛି ରାଜ୍ୟରେ ଉଭୟ ପ୍ରଥମ ଓ ଦ୍ୱିତୀୟ ଉଲ୍ଲଂଘନ ପାଇଁ ୧୦୦୦ ଟଙ୍କା ଜରିମାନା ରାଶି ଧାର୍ଯ୍ୟ ହୋଇଛି। ଏହା ସତ୍ତ୍ୱେ ସରକାର ଅନ୍ୟ ରାଜ୍ୟଗୁଡ଼ିକର ଉଦାହରଣ ନ ନେଇ ପ୍ରଦୂଷଣ ଦୃଷ୍ଟିରୁ ଦିଲ୍ଲୀ ଭଳି ସମ୍ବେଦନଶୀଳ ରାଜ୍ୟର ଜରିମାନା ପନ୍ଥାକୁ କାହିଁକି ଆଦର୍ଶ ମଣିଲେ ତାହା ବୁଝା ପଡୁନାହିଁ।

ଦିଲ୍ଲୀ ପ୍ରଦୂଷଣକୁ ନେଇ ଅନେକ ଗବେଷଣା ହୋଇଛି। ବ୍ୟସ୍ତ ଟ୍ରାଫିକ୍ ଓ ଅସଂଖ୍ୟ ଗାଡ଼ିର ଧୂଆଁ ଦିଲ୍ଲୀ ସମସ୍ୟାର ପ୍ରମୁଖ କାରଣ ବୋଲି ରିପୋର୍ଟ ଆସିଛି। ଯେଉଁଥିପାଇଁ ଦିଲ୍ଲୀରେ ଏନେକ ସମୟରେ ଯୁଗ୍ମ-ଅଯୁଗ୍ମ ବ୍ୟବସ୍ଥା ଲାଗୁ କରିବା ସହ ଡିଜେଲ ଚାଳିତ ଗାଡ଼ି ଚାଳନା ଉପରେ କଟଣା ଲଗାଯାଉଛି। ମାତ୍ର ଓଡ଼ିଶାରେ ଗାଡ଼ି ଚାଳନା ଯୋଗୁଁ କେତେ ପ୍ରତିଶତ ପ୍ରଦୂଷଣ ହେଉଛି, ସେନେଇ କୌଣସି ଗବେଷଣା କରାଯାଇଯାଇ ନାହିଁ। ଗାଡ଼ି ଚାଳନା ବ୍ୟତୀତ ଅନ୍ୟ କ୍ଷେତ୍ରଗୁଡ଼ିକରୁ ବହୁମାତ୍ରାରେ ପ୍ରଦୂଷଣ ହେଉଥିଲେ ମଧ୍ୟ ପରିବହନ ବିଭାଗ କେବଳ ସାଧାରଣ ଗାଡ଼ି ଚାଳକଙ୍କ ଉପରେ ଦାଉ ସାଧୁଛନ୍ତି। ଏବେ ଏହାକୁ ଚାରି ଆଡୁ ବିରୋଧ ସହ ସାଧାରଣ ଲୋକେ ସରକାରଙ୍କୁ ପ୍ରବଳ ସମାଲୋଚନା କରୁଛନ୍ତି। ଲୋକଙ୍କ ସମାଲୋଚନା ପରେ ସରକାର ବାରମ୍ବାର ଏହି କଟକଣା ଲାଗୁ ଅବଧିକୁ ଘୁଞ୍ଚାଇ ଚାଲିଛନ୍ତି। ଏହାସହିତ ଟୋଲ୍‌ଗେଟ୍‌ରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ଜରିମାନା କଷିବା ସରକାର ଯେଉଁ ଉଦ୍ୟମ କରିଥିଲେ, ସେଥିରେ ମଧ୍ୟ ରୋକ୍ ଲଗାଇବାକୁ ବାଧ ହୋଇଛନ୍ତି। ଚାରି ଆଡୁ ଚାପ ପରେ ବିଭାଗୀୟ ମନ୍ତ୍ରୀ ଶ୍ରେୟ ନେବା ପାଇଁ ଜରିମାନା ରାଶି କମ୍ କରିବା ପାଇଁ ବିଚାର କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ପୂର୍ବରୁ ଏକାଧିକ ରାଜ୍ୟ ଏକ୍ଷେତ୍ରରେ ପଦକ୍ଷେପ ନେଇ ନିଜ ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଥିବା ବେଳେ ଓଡ଼ିଶା ସରକାର କାହିଁକି ଏମିତି ଜରିମାନା ଆଦାୟ ମନୋଭାବ ଆପଣାଇଥିଲେ ତାକୁ ନେଇ ଏବେ ବି ବିଭାଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ରାଜ୍ୟ ସରକାର ...

ଅଧିକାରୀଙ୍କ ଉପସ୍ଥିତି ବିନା କେବଳ 'ଇ-ଚିହ୍ନଟ' ମାଧ୍ୟମରେ ଜାରି କରାଯାଇଥିଲା। ମୋଟର ଯାନ ଆଇନର ଧାରା ୧୧୬ ଅନୁଯାୟୀ ପ୍ରଦୂଷଣ ଯାଞ୍ଚ ପାଇଁ ପୂର୍ବରୁ କୌଣସି ନୋଟିସ ଦିଆଯାଇନଥିଲା ଯାହା ବେଆଇନ। ସେହିଭଳି ଚାଲାଣ କଟାଯିବାର ୭ଦିନ ଭିତରେ ତଥା ଡିସେମ୍ବର ୨୮ ରେ ଗାଡ଼ିର ପ୍ରଦୂଷଣ ଯାଞ୍ଚ କରାଯିବାରୁ ଏହା ସମସ୍ତ ନିୟମ ମଧ୍ୟରେ ଥିବା ଜଣାପଡ଼ିଥିଲା। ତେଣୁ ଗାଡ଼ିଟି ପ୍ରଦୂଷଣ ନିୟମ ଭାଙ୍ଗିନଥିବା ସତ୍ତ୍ୱେ କେବଳ ପ୍ରମାଣପତ୍ର ନଥିବାରୁ ଏତେ ପରିମାଣର ଜରିମାନା ଆଦାୟ କରିବା ଅଯୌକ୍ତିକ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଇ-ଚିହ୍ନଟ ଜରିଆରେ ଏଭଳି ଜରିମାନା ଆଦାୟ ପାଇଁ କୌଣସି ନିୟମ ନଥିବା ବେଳେ ଏହା ବେଆଇନ ଅଟେ। ସେହିଭଳି ଠୋସ କାରଣ ନଥାଇ ସିଧାସଳଖ ୧୦,୦୦୦ ଟଙ୍କାର ଜରିମାନା ଲଗାଯିବା ସରକାରୀ କ୍ଷମତାର ଅପବ୍ୟବହାର ବୋଲି ଆବେଦନକାରୀ ଉଲ୍ଲେଖ କରିଛନ୍ତି। ଏଣୁ ଏହି ଚାଲାଣକୁ ରଦ୍ଦ କରିବା ସହ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ରାଜ୍ୟ ପରିବହନ ସଚିବ, ପରିବହନ କମିଶନର ଏବଂ ଅତିରିକ୍ତ ପରିବହନ କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ରଜିତ ରୟ ଓ ସହସ୍ରାଂଶୁ ସୌରଭ ଏହି ମାମଲାକୁ ପରିଚାଳନା କରୁଛନ୍ତି। ଆସନ୍ତା ଜାନୁଆରି ୩୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

### ଅପରିପକ୍ୱ ନୀତି...

ପ୍ରମାଣ ପତ୍ର ପାଇଁ ଲୋକେ ଭୋଗୁଥିବା ସମସ୍ୟା ସମ୍ପର୍କରେ ନିଜ 'ଏକ୍ସ' ଏକାଉଣ୍ଟରେ ଉଲ୍ଲେଖ କରି ନବୀନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନବୀନ କହିଛନ୍ତି, ୨୦୨୬ ଜାନୁଆରୀ ୧ ତାରିଖରୁ ସରକାର ଏହି ନିୟମ ଲାଗୁ କରିବା ପାଇଁ ଘୋଷଣା କରିବା ପରେ ରାଜ୍ୟର ବିଭିନ୍ନ ପିୟୁସିସି ପରୀକ୍ଷଣ କେନ୍ଦ୍ରରେ ପ୍ରବଳ ଭିଡ଼ ସୃଷ୍ଟି ହୋଇଛି। ଏହି ନିୟମ ଲାଗୁ କରିବା ପୂର୍ବରୁ ବିଜେପି ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ପ୍ରସ୍ତୁତି କରା ଯାଇ ନ ଥିଲା। ପିୟୁସିସି ପରୀକ୍ଷଣ କେନ୍ଦ୍ରର ସଂଖ୍ୟା ବୃଦ୍ଧି, ଆଗୁଆ ପରିକଳ୍ପନା କିମ୍ବା ଆବଶ୍ୟକ ସଚେତନତା ଅଭିଯାନ କରିବା ଦିଗରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା ସତ୍ତ୍ୱେ ସରକାର ଏହି ବ୍ୟବସ୍ଥା ଲାଗୁ କରିଛନ୍ତି। ଏହାକୁ ନେଇ ଲୋକଙ୍କ ଅସନ୍ତୋଷ ବଢ଼ିବା ପରେ ସରକାର ବାରମ୍ବାର ନିଷ୍ପତ୍ତି ବଦଳାଇବାକୁ ବାଧ ହେଉଛନ୍ତି। ପ୍ରଥମେ ଫେବୃଆରୀ ୧ ଓ ପରେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ନୂଆ ନିୟମ କାର୍ଯ୍ୟକାରୀ କରାଯିବା ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଥିଲା। ଏବେ ପୁଣି ଏପ୍ରିଲ୍ ୧ ପର୍ଯ୍ୟନ୍ତ ଜରିମାନା ଆଦାୟ ନ କରିବାକୁ ଘୋଷଣା କରାଯାଇଛି। ଏହାସହିତ ଟୋଲ୍‌ଗେଟ୍‌ରେ ଇ-ଡିଟେକ୍ସନ୍ ବ୍ୟବସ୍ଥାକୁ ମଧ୍ୟ ବନ୍ଦ ରଖିବା ପାଇଁ ସରକାର ଘୋଷଣା କରିଛନ୍ତି।

ନବୀନ କହିଛନ୍ତି, ପରିବେଶ ସୁରକ୍ଷାର ଆବଶ୍ୟକତା ରହିଛି; ମାତ୍ର ଓଡ଼ିଶାର ଲୋକେ ଏହାଠାରୁ ଭଲ ଶାସନ ପାଇବାର ଅଧିକାରୀ ବୋଲି ନବୀନ କହିଛନ୍ତି। ଯାନବାହନ ପ୍ରଦୂଷଣ ନିୟନ୍ତ୍ରଣ ଆବଶ୍ୟକ ହେଲେ ମଧ୍ୟ ଏହା ସାଧାରଣ ନାଗରିକଙ୍କୁ ହଇରାଣ କରିବାର ମାଧ୍ୟମ ହେବା ଉଚିତ୍ ନୁହେଁ। ବିଜୁ ଜନତା ଦଳ ସବୁ ସମୟରେ ଲୋକଙ୍କ ସହ ରହିଛି। ତେଣୁ ଏହି ଅବ୍ୟବସ୍ଥା ବିରୋଧରେ ଦଳ ନିଜର ସ୍ୱର ଶାଣିତ କରିଛି। ସରକାର ପିୟୁସିସି ପରୀକ୍ଷଣ ବ୍ୟବସ୍ଥାକୁ ସରଳ କରିବା, କେନ୍ଦ୍ର ସଂଖ୍ୟା ବଢ଼ାଇବା ଓ ଏହି ସମୟରେ ଅନ୍ୟାୟ ଭାବେ କୌଣସି ଜରିମାନା ଲାଗୁ ନ କରନ୍ତୁ। ଏହି ଭୁଲ୍‌ରୁ କିଛି ଶିଖିବା ଏବଂ ହଠାତ୍ ନିଷ୍ପତ୍ତି ନେବା ପରିବର୍ତ୍ତେ ଓଡ଼ିଶାର ନାଗରିକଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ପାଇଁ ରାଜ୍ୟ ସରକାରଙ୍କୁ ନବୀନ ଅନୁରୋଧ କରିଛନ୍ତି।

### ମମତାଙ୍କ ମହାରାଲି...

ନାହିଁ। ବିଜେପି ଜବରଦସ୍ତି ବହୁ ରାଜ୍ୟରେ କ୍ଷମତା ଦଖଲ କରିଛି। ଏବେ ପଶ୍ଚିମବଙ୍ଗରେ ପ୍ରୟାଶ କରୁଛି ବୋଲି ସେ କହିଥିଲେ। କୋଇଲା ଦୁର୍ନୀତିରେ ଦିଲ୍ଲୀର ବରିଷ୍ଠ ବିଜେପି ନେତାଙ୍କ ନିକଟକୁ ଟଙ୍କା ପହଞ୍ଚିଛି ଓ ଏହାର ପ୍ରମାଣ ମୋ ପାଖରେ ରହିଛି। ଆବଶ୍ୟକ ପଡିଲେ ଏହାକୁ ସାର୍ବଜନୀନ କରିବି ବୋଲି ସେ କହିଛନ୍ତି। ସେପଟେ କୋଲକାତା ହାଇକୋର୍ଟରେ ପ୍ରବଳ ଭିଡ଼ କାରଣରୁ ଇଡିର ଆବେଦନ ଶୁଣାଣିକୁ ସ୍ଥଗିତ ରଖାଯାଇଛି। ସେହିପରି ସକାଳେ ଦିଲ୍ଲୀର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବାହାରେ ୮ ଜଣ ଟିଏମ୍‌ସି ସାଂସଦ ପ୍ରଦର୍ଶନ କରିଥିଲେ। ଡେରେକ ଓ'ବ୍ରାଏନ, ମହୁଆ ମୋଇତ୍ର ଓ କୀର୍ତ୍ତି ଆଜାଦ ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା। ସାଂସଦମାନେ ସ୍ଲୋଗାନ ଦେଇଥିଲେ ଯେ, 'ମୋଦୀ-ଶାହାଙ୍କ ମନ୍ଦ ଉଦ୍ଦେଶ୍ୟ ଓ ଚାଲ ପଶ୍ଚିମବଙ୍ଗରେ କାମ ଦେବନି'। ଦିଲ୍ଲୀ ପୁଲିସ ସାଂସଦମାନଙ୍କୁ ହଟାଇବାକୁ ପ୍ରୟାସ କରିଥିଲା। ଧସ୍ତାଧସ୍ତି ମଧ୍ୟ କିଛି ସାଂସଦ ତଳେ ପଡିଯାଇଥିଲେ। ପୁଲିସ ସାଂସଦମାନଙ୍କୁ ସକାଳ ୧୦ଟାରେ ଅଟକ ରଖି ମଧ୍ୟାହ୍ନ ୧୨ଟାରେ ଛାଡିଦେଇଥିଲା। ନିର୍ବାଚିତ ସାଂସଦଙ୍କ ଉପରେ କିପରି ବ୍ୟବହାର କରାଯାଉଛି ତାହା ଦେଖନ୍ତୁ ବୋଲି ମୋହୁଆ କହିଥିଲେ। ଏହି କାର୍ଯ୍ୟାନୁଷ୍ଠାନ ପରେ ମମତା ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, 'ଆମ ସାଂସଦମାନଙ୍କ ପ୍ରତି ହୋଇଥିବା ଲଜ୍ଜାଜନକ ବ୍ୟବହାରକୁ ମୁଁ ଦୃଢ଼ ନିନ୍ଦା କରୁଛି'। ଗୃହମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବାହାରେ ପ୍ରତିବାଦ କରିବାର ଗଣତାନ୍ତ୍ରିକ ଅଧିକାରର ବ୍ୟବହାର କରିବା ପାଇଁ ନିର୍ବାଚିତ ପ୍ରତିନିଧିଙ୍କୁ ରାସ୍ତାକୁ ଟାଣିଆଣିବା ଆଇନ୍‌ର ଉଲ୍ଲଂଘନ ବୋଲି ବୋଲି ସେ କହିଛନ୍ତି।

### ରେକର୍ଡ ଭାଙ୍ଗୁଛି...

ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

୨୦୧୪ ମସିହାରୁ ଶିମିଳିପାଳରେ ତାପମାତ୍ରା ରେକର୍ଡ ହେଉଥିବା ବେଳେ ୧୩ବର୍ଷ ମଧ୍ୟରେ ତାପମାତ୍ରା ବିୟୁକ୍ତକୁ କେବେ ଖସି ନଥିଲା। ଏଥିଯୋଗୁଁ ଉପରବାରହାକାମୁଡା ସଂଲଗ୍ନ ଅଞ୍ଚଳର ବିଭିନ୍ନ ସ୍ଥାନରେ ତୁହିନର ଆସ୍ତରଣ ଦେଖାଦେଇଛି। ଅପରପକ୍ଷେ, ଏପରି ହାଡ଼ଭଙ୍ଗା ଶୀତର ପ୍ରକୋପ ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲ୍ଲାବ୍ୟାପୀ ଦେଖିବାକୁ ମିଳିଛି। ଶୀତର ପ୍ରକୋପରେ ଜିଲ୍ଲାବାସୀ ଅସମ୍ଭାଳ ହୋଇପଡ଼ିଛନ୍ତି। ବିଶେଷକରି, ଗୃହପାଳିତ ପଶୁ ଓ ବନ୍ୟଜନ୍ତୁ ଅସହ୍ୟ ଜାଡ଼ରେ କଲବଲ ହେଉଥିବା ଦେଖିବାକୁ ମିଳୁଛି।

ସେହିପରି ଅଭୟାରଣ୍ୟର ଚହଲା ଓ ଗୁଡୁଗୁଡିଆରେ ୨ଡିଗ୍ରୀ, ବରେହିପାଣିରେ ୫ଡିଗ୍ରୀ, ରାମତୀର୍ଥ ଓ ସାତକୋଶିଆରେ ୯ଡିଗ୍ରୀ ଏବଂ କିଆଝରୀରେ ୧୦ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ଜିଲ୍ଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୫ରୁ ୧୦ଡିଗ୍ରୀ ପାଖାପାଖି ରହୁଛି। ଅବାଧ ଗଛକଟା ଓ ଖଣି ଖନନ ଯୋଗୁଁ ଏହାର ପ୍ରଭାବ ଜିଲ୍ଲାବାସୀଙ୍କ ଉପରେ ପଡୁଛି। ଯାହାକୁ ନେଇ ଶୀତ ଦିନେ ପ୍ରବଳ ଶୀତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ପୂର୍ବବତ୍ ଜି ଉଦୟଗିରିରେ ପାରଦ ୨ ଡିଗ୍ରୀ ତଳେ ରହିଛି। ଗତ ୨୪ ଘଣ୍ଟାରେ ଏଠାରେ ତାପମାତ୍ରା ୨.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲାରେ ତାପମାତ୍ରା ୩.୬ ଡିଗ୍ରୀ ରହିଛି। ଏହି ତାପମାତ୍ରା ସହ ରାଜ୍ୟର ମୋଟ୍ ୨୫ ଟି ସହରରେ ପାରଦ ୧୦ ଡିଗ୍ରୀ କିମ୍ବା ତାଠାରୁ କମ ରେକର୍ଡ କରାଯାଇଛି। ଏଥିରେ ସେମିଳିଗୁଡ଼ା ୪.୧, ଝାରସୁଗୁଡ଼ା ୪.୬ ଓ ଫୁଲବାଣୀରେ ତାପମାତ୍ରା ୫ ଡିଗ୍ରୀ ରେକର୍ଡ ହୋଇଛି। ଝାରସୁଗଡ଼ାରେ ଏବେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୭.୨ ଡିଗ୍ରୀ ତଳେ ରହିଛି। ଏନ୍ୟପଟେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱରରେ ସ୍ଥିତି ଗମ୍ଭୀର ହଉଛି। ଆଜି ୯.୪ ଡିଗ୍ରୀ ସହ ଭୁବନେଶ୍ୱରରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଛି। ଏହା ସହ କଟକରେ ତାପମାତ୍ରା ୮.୬ ଡିଗ୍ରୀ ରେକର୍ଡ ହୋଇଛି। ଏହି ତାପମାତ୍ରା ସହ ରାଜଧାନୀ ଭୁବନେଶ୍ୱରରେ ଦୁଇଦିନ ଧରି ଚତୁର୍ଥ ସର୍ବନିମ୍ନ ତାପମାତ୍ରା ରେକର୍ଡ ହେବା ସାଙ୍ଗକୁ କଟକରେ ଜାନୁଆରୀ ମାସର ତଥା ସର୍ବକାଳୀନ ପଞ୍ଚମ ସର୍ବନିମ୍ନ ରାତ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫-୬ ଡିଗ୍ରୀ କମ୍ ରହିଥିବା ବେଳେ କଟକରେ ଏହା ୪-୯ ଡିଗ୍ରୀ କମ୍ ରେକର୍ଡ କରାଯାଇଛି।

ରବିବାର ସକାଳ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ଶୀତର ପ୍ରଭାବ ଜାରି ରହିବ। ଏହା ପରେ ତାପମାତ୍ରା କିଛି ମାତ୍ରାରେ ବୃଦ୍ଧି ଘଟିବା ହେତୁ ଶୀତ ସାମାନ୍ୟ ହ୍ରାସ ହେବ। ଶନିବାର ରାତିରୁ ରବିବାର ସକାଳ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ଢେଙ୍କାନାଳରେ ପ୍ରବଳ ଶୀତ ଆଶଙ୍କା କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ଶୀତ ଲହରୀ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ସତର୍କତା ଜାରି କରିଛି।

### କଚ୍ଚା ଘରକୁ...

ମୋଟ କଚ୍ଚା ଘର ସଂଖ୍ୟା ଥିଲା ୫୬.୫୧ ଲକ୍ଷ। ତତ୍‌କାଳୀନ କେନ୍ଦ୍ର ସରକାରଙ୍କ ଇନ୍ଦିରା ଆବାସ, ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଯୋଜନା (ଗ୍ରାମୀଣ), ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନାରେ ଲୋକମାନଙ୍କୁ ଘର ଯୋଗାଇବା ପ୍ରକ୍ରିୟା ଯୋଗୁଁ ୨୦୨୦ବେଳକୁ ଏହି କଚ୍ଚାଘର ସଂଖ୍ୟା ୨୦ ଲକ୍ଷକୁ ହ୍ରାସ ପାଇଥିଲା। ମାତ୍ର ଇତିମଧ୍ୟରେ ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ୨୦୨୪ରେ ହୋଇଥିବା ସର୍ବେକ୍ଷଣରେ ରାଜ୍ୟରେ କଚ୍ଚା ଘର ସଂଖ୍ୟା ୩୭୮୯୨୩୪ ବୋଲି କୁହାଯାଇଛି। ସେହିପରି ରାଜ୍ୟରେ ୩୭ ଲକ୍ଷରୁ ଅଧିକ ଲୋକ ପକ୍କା ଘର ପାଇଁ ଆବେଦନ ମଧ୍ୟ କରିଛନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୧୦ ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ଯେ ରାଜ୍ୟରେ ପକ୍କା ଘର ପାଇଁ ୩୭ ଲକ୍ଷ ଆବେଦନ କରିଥିଲେ। ତାହା ମଧ୍ୟରୁ ସଂକ୍ଷିପ୍ତିକରଣ କରାଯାଇ ୩୪ ଲକ୍ଷ ଲୋକଙ୍କ ନାମ ସୂଚୀଭୁକ୍ତ କରାଯାଇଛି। ଏମାନଙ୍କ ମଧ୍ୟରୁ ୧୦ ଲକ୍ଷ ଲୋକଙ୍କୁ ରାଜ୍ୟ ସରକାର ନୂଆବର୍ଷ ଉପହାରସ୍ୱରୂପ ବାସଗୃହ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ଜୀବନଧାରଣରେ ଉନ୍ନତି ଆଣିବା ଲକ୍ଷ୍ୟ ରଖାଯାଇଛି। ଏହି ତାଲିକା ଅନୁମୋଦନ ପାଇଁ କେନ୍ଦ୍ର ସରକାରଙ୍କୁ ପଠାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

### ସ୍ୱର୍ଗଦ୍ୱାର ଆଗରେ...

ତାଙ୍କ ଘର ପାଖରେ ଜଣେ ସମ୍ପର୍କୀୟ ଜେଜେ ମା'ଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ଶବ ଦାହ ପାଇଁ ସ୍ୱର୍ଗଦ୍ୱାର ଆସିଥିଲା। ମାନସଙ୍କ ସମେତ ତାଙ୍କ ଘର ପାଖ ଭାଇ ଓ ସାଙ୍ଗ ଆନନ୍ଦ ମହାନ୍ତି, ଅଭିରାମ ବାରିକ, ସନ୍ତୋଷ ନାୟକ, ଦୟାନିଧି ନାୟକ, ରଞ୍ଜନ ଦାସ, ଡ୍ରାଇଭର ପ୍ରକାଶ ଜେନା ପ୍ରମୁଖ ଆସିଥିଲେ। ବିଳମ୍ବିତ ରାତିରେ ସେମାନେ ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲେ। ତେବେ ଶବଦାହ କର୍ମରେ ପଇଡ଼ର ଆବଶ୍ୟକତା ପଡ଼ିଥିଲା। ତେଣୁ ମାନସ, ରଞ୍ଜନ, ଡ୍ରାଇଭର ପ୍ରକାଶ ଚୈତନ୍ୟ ଛକକୁ ପଇଡ଼ ପାଇଁ ଆସିଥିଲେ। ସେତେବେଳକୁ ରାତି ପ୍ରାୟ ୧ଟା ୪୫ ହୋଇଯାଇଥିଲା। ଲୋକଙ୍କର ଏତେଟା ଯା'ଆସ ନ ଥିଲା। କୌଣସି ଏକ ପ୍ରସଙ୍ଗକୁ ନେଇ ସେମାନେ ବଡ଼ପାଟିରେ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଅଭିଯୁକ୍ତଜଣଙ୍କ ସେଠାରେ ପହଞ୍ଚିଥିଲା। କାହିଁକି ଏତେବଡ଼ ପାଟିରେ କଥା ହେଉଛ ବୋଲି ପଚାରିବାରୁ ଦୁଇ ପକ୍ଷ ମଧ୍ୟରେ ଯୁକ୍ତିତର୍କ, ଗାଳିଗୁଲଜ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତଜଣଙ୍କ ଅଣ୍ଟାରେ ରଖିଥିବା ଏକ ଛୁରି ବାହାର କରି ରଞ୍ଜନ ଓ ମାନସଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଛୁରିଟି ରଞ୍ଜନଙ୍କ ବେକରେ ଭୁସି ଦେଇଥିଲା ଅଭିଯୁକ୍ତ। ଘଟଣାସ୍ଥଳରେ ହିଁ ରଞ୍ଜନ ଟଳି ପଡ଼ିଥିଲେ। ମାନସ ମଧ୍ୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁଇଜଣଙ୍କୁ ଉଦ୍ଧାର କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ସେଠାରେ ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

ଆଜି ଏହି ଘଟଣା ଜଣାପଡ଼ିବା ପରେ ସମୁଦ୍ରକୂଳ ପୁଲିସ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ କରିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଘଟଣାକୁ ୧୨ଘଣ୍ଟା ପୂରି ନ ଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ କାବୁ କରିଥିଲା। ତା' ନିକଟରୁ ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଥିବା ବେଳେ ପୁଲିସ ତାକୁ ପଚରାଉଚରା କରିଛି। ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଅଭିଯୁକ୍ତଙ୍କୁ ସଙ୍ଗେସଙ୍ଗେ ଗିରଫ କରାଯାଇଛି। ଏନେଇ ସମୁଦ୍ରକୂଳ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ। ସମୁଦ୍ରକୂଳ ଥାନାଧିକାରୀ ମାନସ ଚକ୍ର କହିଛନ୍ତି, ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଶବଦାହ ପାଇଁ ଆସିଥିବା ୩ଜଣ ପଇଡ଼ ପାଇଁ ଚୈତନ୍ୟ ଛକ ନିକଟକୁ ଆସିଥିବା ବେଳେ ବଡ଼ ପାଟିରେ କଥା ହେଉଥିଲେ। ଅଭିଯୁକ୍ତ ତାଙ୍କୁ ବାରଣ କରିବାରୁ ଯୁକ୍ତିତର୍କ ହୋଇଥିଲା। ଶେଷରେ ଅଭିଯୁକ୍ତ ଏକ ଛୁରୀ ବାହାର କରି ଆକ୍ରମଣ କରିଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସ୍ୱର୍ଗଦ୍ୱାରକୁ ଶବଦାହ ପାଇଁ ଆସି ଜଣେ ଯୁବକ ହତ୍ୟାର ଶିକାର ହେବା ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ବୁଦ୍ଧିଜୀବୀ। ପୁରୀର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରକୁ ଅଙ୍ଗୁଳି ଉଠାଇବା ସହ ସ୍ୱର୍ଗଦ୍ୱାର ଏବଂ ଏହାର ଆଖାପାଖ ପାଇଁ ୨୪ ଘଣ୍ଟିଆ ସୁରକ୍ଷା କର୍ମୀ ମୁତୟନ କରିବାକୁ ଦାବି କରିଛନ୍ତି।

NOTIFIED AREA COUNCIL: KONARK C-2034
Phone No.- 06794-222054
Email id: nackonark@gmail.com
QUOTATION CALL NOTICE NO.112/Dt.08.01.2026
1. Type of works : Temporary Barricading for kine House and different places for Magha saptami & Chandrabhaga Buda-2026
2. Total No. works : 1 No
3.Firms/Tent house : As per DQCN
4. Period of completion : within five days from issue of work order
5. Availability of Bid offline : Office working hours from 09.1.2026 to 13.1.2026 till 12.30 PM
6. Last date /time for Document Dropping : Upto Dt 13.01.2026 upto 1.00PM
7. Date & Time of opening of quotation : Dt 13.01.2026 at 3.00 PM
Authority reserves the right to reject any of all the tenders without assigning any reasons thereof.
OIPR- Executive Officer, Konark NAC,Konark

O-1952
Tel. 06766-258094(O)
Mail: eerw1_kjr@yahoo.com
GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, KEONJHAR
********
"e" Procurement Notice for Road Works
Identification No Online NCB – 16/2025-26.
1. Name of the Work : 18 No. Roads Work
2. Total Number of Work : 18 No.
3. Estimated Cost : Rs. 5.98 Lakhs to 47.10 Lakhs
4. Class of Contractor : "D, C"&"B" Class
5. Period of Completion : As per annexure of e-Procurement Notice No.16 of 2025-26.
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No. 16 | Dt.12.01.2026 at 11.00 A.M. | Dt.20.01.2026 up to 5.00 P.M. | Dt.19.01.2026 up to 5.00 P.M. | Dt.21.01.2026 at 11.00 A.M. |

Further details can be seen from the Website www.tenderorissa.gov.in
Sd/-
Superintending Engineer
R.W. Division-I, Keonjhar
OIPR-

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ CAD-2972
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା ୧୯୪୭୬/ଭୁ.ଉ.କ., ଭୁବନେଶ୍ୱର, ତା.୦୮.୧୦.୨୦୨୫
KNL-168/93
ସୂଚନା
ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି - କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ଶୁବୁଦ୍ଧିପୁର, ଭୁବନେଶ୍ୱର ଅନ୍ତର୍ଗତ LIG ପ୍ଲଟ୍ ନଂ-K-4-760 କୁ ଅରୁଣୋଦସ୍ୱ ପ୍ରଧାନ, ପିତା–ସ୍ୱର୍ଗତ ଧ୍ରୁବ ଚରଣ ପ୍ରଧାନ, ଗ୍ରାମ-ହଳଦିଆ, ପୋଷ୍ଟ -ଶାସନପଡା, ଥାନା-ପାଟକୁରା, ଜିଲ୍ଲା –କେନ୍ଦ୍ରାପଡା, ଓଡିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।
ଆବଣ୍ଟନଗ୍ରାହୀ ଅରୁଣୋଦସ୍ୱ ପ୍ରଧାନ ଗତ ତା-୦୪.୦୮.୨୦୨୧ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Registration No.994/2021 dated 04.08.2021).
Legal heir certificate Misc. Case No. E-LHC/2024/108809 dt.23.07.2024 ଅନୁଯାୟୀ ଅରୁଣୋଦସ୍ୱ ପ୍ରଧାନଙ୍କର ଉତ୍ତରାଧିକାରୀ (୧) ମିନାକ୍ଷୀ ପ୍ରଧାନ (ସ୍ତ୍ରୀ), (୨) ଅମିତ କୁମାର ପ୍ରଧାନ (ପୁତ୍ର) ଓ ଅଜିତ କୁମାର ପ୍ରଧାନ (ପୁତ୍ର) ଅଟନ୍ତି । ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟର୍ ମାଲିକାନାସତ୍ୱ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।
ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-

**WALK-IN-INTERVIEW**
SWWS Targeted Intervention need 1 Out Reach Worker candidate in Parlakemundi, Gajapati
1) Candidate should be +2 Pass
2) Community will be preferable
3) 1 Year Experience in NGO
4) Candidate should be belonging to Gajapati district
Interested candidates send CV toswwstigajapati@gmail.com
The candidate should come to walk in interview on dated 11-01-2026 at 10.00 am
TI Office SWWS @ Natraj Hall, Parlakhemundi.
Contact: 7978764827, 7989071072

● ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା

# ଖାତାଧାରୀଙ୍କ ବିରୋଧ; ସ୍ୱଳ୍ପ ସମୟରେ ସରିଲା ସଭା




■ ଲୋକଙ୍କ ସମସ୍ୟା ନ ଶୁଣି ଚାଲିଗଲା ପ୍ରଶାସନ
■ ବିଡିଓଙ୍କୁ ବାରମ୍ବାର ସମସ୍ୟା ଜଣାଇଲେ ମଧ୍ୟ ହେଉନି ସମାଧାନ
■ ୧୯୪୬ରୁ ଏ ପର୍ଯ୍ୟନ୍ତ ମିଳିନି ଜମି ଭଡ଼ା ଟଙ୍କା

ମୋରଡା, ୯।୧(ସମିସ):ମୋରଡା ଓ ରାସଗୋବିନ୍ଦପୁର ବ୍ଲକ ସୀମାନ୍ତରେ ଥିବା ଧଡ଼ାସାହି ପଞ୍ଚାୟତର ସାହାରଯୋଡ଼ି ପାଣିଟାଙ୍କି ପଡ଼ିଆରେ ଶୁକ୍ରବାର ଅମର୍ଦ୍ଦା ଏୟାରଷ୍ଟ୍ରିପ ଜମି ଅଧିଗ୍ରହଣ ପାଇଁ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ପୂର୍ବତନ ଉପଜିଲ୍ଲାପାଳ ରଜନୀକାନ୍ତ ବିଶ୍ୱାଳ, ଏସଡିପିଓ ମିନତୀ ବିଶ୍ୱାଳ, ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ମୋରଡା ବିଡିଓ ଅଣାକର ନାୟକ ଓ ଧଡାସାହି ପଞ୍ଚାୟତ ସରପଞ୍ଚ ତିଳକା ହାଁସଦା ଯୋଗ ଦେଇଥିଲେ। ତେବେ ଜମି ଅଧିଗ୍ରହଣ ପାଇଁ ହେଉଥିବା ବୈଠକରେ ପ୍ରଶାସନ ପକ୍ଷରୁ ଏୟାରଷ୍ଟ୍ରିପ ନିର୍ମାଣ ପାଇଁ କେତେ ଲୋକ ଇଚ୍ଛୁକ ସେଥି ନିମନ୍ତେ ହାତ ଉଠେଇବା ପାଇଁ କୁହାଯାଇଥିଲା। ସେଠାରେ ଅଳ୍ପ ସଂଖ୍ୟକ ଲୋକ ହାତ ଉଠାଇଥିବା ଦେଖିବାକୁ ମିଳିଥିଲା। ସେମାନଙ୍କର ଉକ୍ତ ସ୍ଥାନରେ ଜାଗା ନ ଥିବା ଅଭିଯୋଗ କରିଛନ୍ତି ବେଣାପାଟିଆ ଗ୍ରାମର ଜମି ଖାତାଧାରୀ ଛୋଟରାଇ ହେମ୍ବ୍ରମ। ତେବେ ଉକ୍ତ ଗ୍ରାମସଭା ୩୦ ମିନିଟ ମଧ୍ୟରେ ସମାପ୍ତ କରି ପ୍ରଶାସନ ଚାଲିଯାଇଥିବାବେଳେ ଏୟାରଷ୍ଟ୍ରିପରେ ଥିବା ଜମିର ଖାତାଧାରୀଙ୍କ କୌଣସି କଥାକୁ ନଶୁଣି ପ୍ରଶାସନ ସଭା ସମାପ୍ତ କରିଥିବାର ଅଭିଯୋଗ କରିଛନ୍ତି ସେହି ଗ୍ରାମର ରାମଦାସ ସରେନ।

ତେବେ ତାଙ୍କ ସମସ୍ୟାକୁ ସେମାନେ ଗ୍ରାମସଭାରେ ଉପସ୍ଥାପନ କରିବା ପାଇଁ ପ୍ରଶାସନ ସୁଯୋଗ ନ ଦେବାରୁ ଗ୍ରାମସଭାକୁ ବିରୋଧ କରି ସରପଞ୍ଚଙ୍କ ଜରିଆରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ରାମଦାସଙ୍କ ସମେତ ୪୦ଜଣ ଖାତାଧାରୀଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ରାମଦାସଙ୍କ କହିବା ମୁତାବକ ଗ୍ରାମବାସୀଙ୍କୁ ପ୍ରଶାସନ ବାରମ୍ବାର ଅଣଦେଖା କରୁଛି। ୧୯୪୬ଠାରୁ ଅବତରଣ କେନ୍ଦ୍ର ପାଇଁ ଭାରତ ସରକାର ଜମି ଭଡା ସୂତ୍ରରେ ନେଇଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନେ କୌଣସି ଟଙ୍କା ସରକାରଙ୍କ ନିକଟରୁ ପାଇନାହାନ୍ତି। ଏ ସମ୍ପର୍କରେ ବାରମ୍ବାର ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ ତାଙ୍କର କଥାକୁ କେହି ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଫଳରେ ସେମାନେ ଉକ୍ତ ଜମି ଅଧିଗ୍ରହଣକୁ ବିରୋଧ କରୁଥିବା ରାମଦାସ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ବିଡିଓ ଅଣାକାର ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ।

## ହାଇୱା ମାଡ଼ିଯିବାରୁ ବୃଦ୍ଧଙ୍କ ମୃତ୍ୟୁ

ରାଇରଙ୍ଗପୁର, ୯।୧(ସମିସ): ହାଇୱା ଚକ ତଳେ ଚାପି ହୋଇ ବୃଦ୍ଧଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମ ନିକଟରେ ଉକ୍ତ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତକ ଜଣକ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ପୋଖରିଆ ଗ୍ରାମର ଘନଶ୍ୟାମ ନାଏକ (୪୫)। ଶୁକ୍ରବାର ପୂର୍ବାହ୍ନ ସମୟରେ ଘନ ନାଏକ ଲୁନା ଯୋଗେ ଯାଉଥିବାବେଳେ ହାଇୱା ଧକ୍କା ଦେଇଥିଲା। ପଛ ପଟୁ ଏକ ପିଚୁ ବୋଝେଇ ହାଇୱା ତାଙ୍କୁ ଧକ୍କା ଦେଇ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଇଛି। ହାଇୱାକୁ ପୁଲିସ ଜବତ କରି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ରାସ୍ତା କାମରେ ଅନିୟମିତତା
# ଜଙ୍ଗଲ ପଟୁ ମାଟିରେ ହେଉଛି କାମ

କପ୍ତିପଦା, ୯।୧(ସମିସ): ଦୀର୍ଘଦିନ ପରେ ପୁଣି ଆରମ୍ଭ ହୋଇଛି ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନା। ଏହି କାମରେ ବହୁ ଦୁର୍ନୀତି ହେବା ଯୋଗୁଁ ଏହା ବନ୍ଦ ରହିଥିଲା।



ବର୍ତ୍ତମାନ ସବୁ ପଞ୍ଚାୟତରେ ଆରମ୍ଭ ହୋଇଛି ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନା କାମ। ତେବେ ଆଗଭଳି ଏହି କାମରେ ସ୍ୱଚ୍ଛତା ନାହିଁ, ସମସ୍ତ ନିୟମକୁ ଫୁ କରି ମନଇଚ୍ଛା କାମ ହୋଇଛି। ପ୍ରାୟତଃ ସବୁ ପଞ୍ଚାୟତରେ ମାଟି ପକାଇ ମେଣ୍ଟାଲିଂ ହେଉଛି, ତା'ର ବଡ଼ କାରଣ ହେଉଛି ମୋରମ ପାଇଁ ମିଳୁନି ପରମିଟ। ଯଦିବା କାଁଭାଁ ମିଳୁଛି ତାହା ବ୍ୟୟବହୁଳ ହୋଇଯାଉଛି। ଅନ୍ୟପକ୍ଷରେ କାମ ସମୟରେ ଯେଉଁମାନଙ୍କ ଫୋଟ ଉଠୁଛି, ପ୍ରକୃତରେ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଯାଉନାହିଁ। ପ୍ରାୟତଃ ଶରତ ଅଞ୍ଚଳର ଶ୍ରମିକ କାମ କରୁଥିବାବେଳେ ନିଜ ନିଜ ପଞ୍ଚାୟତର ଥିବା ଜବକାର୍ଡରେ ଉଠୁଛି ଟଙ୍କା। କାମଗୁଡିକ ଏଷ୍ଟିମେଣ୍ଟ ଅନୁଯାୟୀ ହେଉନାହିଁ। ଏ ହେଉଛି ମଝଗଡ଼ିଆ ପଞ୍ଚାୟତ ମହିଷିଡୁଭା ଗାଁର କାମ। ଏହି ଗାଁରେ ସ୍କୁଲଠାରୁ ତଳକୁ ୫ ଲକ୍ଷ ଓ ଉପରକୁ ୫ ଲକ୍ଷ ଟଙ୍କାର ଗ୍ରେଡୱାନ ମେଟାଲିଂର ଫଳକ ଲାଗିଛି। କିନ୍ତୁ କାମ ହେଉଛି ନିମ୍ନମାନର। ନିକଟରେ ଥିବା ଜଙ୍ଗଲ ଜମିରୁ ପଟୁ ମାଟି ଜେସିବି ସହାୟତାରେ ଉଠାଇ ପକାଯାଇଛି। ତା'ଉପରେ ଅଳ୍ପ ମେଟାଲ ପକାଇ ସେହି ପଟୁ ମାଟି ପକାଯାଇଛି। ଫଳରେ ବର୍ଷା ଦିନରେ ଲୋକେ ପଚପଚ କାଦୁଅରେ ଚାଲୁଛନ୍ତି। ଆଦିବାସୀ ଅଞ୍ଚଳରେ ପ୍ରତିବର୍ଷ ରାସ୍ତା କାମ ହେଉଛି। ଠିକାଦାର ପ୍ରତିବର୍ଷ ନେଉଟିଆ କିଆରି ଭଳି ରାସ୍ତା କାମ କରିଆସୁଛି। ମାତ୍ର ଗାଁକୁ ଆମ୍ବୁଲାନ୍ସ ଆସି ପାରୁନାହିଁ କି ବର୍ଷାଦିନେ ପିଲାମାନେ ସ୍କୁଲକୁ ଯାଇପାରୁନାହାନ୍ତି। ପୂର୍ବରୁ ଯାହାଥିଲା ବର୍ତ୍ତମାନ ମଧ୍ୟ ସେମିତି ଅଛି ବୋଲି ଗ୍ରାମର ମାଳତୀ ମୁର୍ମୁ, ଦୁଲି ମୁର୍ମ, ରାମଦାସ ମୁର୍ମୁ, ରବୀନ୍ଦ୍ର ମୁର୍ମୁ, ଶଙ୍କର ମୁର୍ମୁ, ଭୋଳାନାଥ ହାଁସଦା, ଜଙ୍ଗଲ ଟୁଡୁ, ଓ ବାଇଧର ମୁର୍ମୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ରେଶମା ଟେଟେଙ୍କୁ ଜଣାଇବା ପରେ ଅଭିଯୋଗ ଆସିଲେ ତଦନ୍ତ ହେବ ବୋଲି କହିଛନ୍ତି।

## ବୈଶିଙ୍ଗା ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ବୈଶିଙ୍ଗା, ୯।୧(ସମିସ): ବୈଶିଙ୍ଗା ପୁଲିସ ପକ୍ଷରୁ ସ୍ଥାନୀୟ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ଓ ମୁନିଲାଲ ସରକାରୀ ଉଚ୍ଚବିଦ୍ୟାଳୟ ମିଳିତ ସହଯୋଗରେ ସଡ଼କ ସୁରକ୍ଷା ଓ ବିଭିନ୍ନ ଟ୍ରାଫିକ ନିୟମ ସମ୍ପର୍କିତ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବାରିଣୀ ଦାସଙ୍କ ତତ୍ତ୍ୱାବଧାନରେ ସବଇନ୍ସପେକ୍ଟର ସରୋଜ ଜେନା, ଇତିଶ୍ରୀ ସାହୁ, ଚିରଞ୍ଜିତ ବେହେରା, ରଣେନ୍ଦ୍ର ପ୍ରତାପ ସାମଲ, ଏଏସଆଇ ଶୁଭ୍ରାଂଶୁ ରାଉଳ, ସୁକାନ୍ତ ନାୟକଙ୍କ ସହ ଏକାଧିକ ପୁଲିସ କର୍ମଚାରୀ ଓ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତାକୁ ନେଇ ପ୍ରଥମେ ଥାନା ପରିସରରେ ଏକ ସାଧାରଣ ସଭା ଓ ପରେ ପଥପ୍ରାନ୍ତ ପଦଯାତ୍ରା ଆୟୋଜିତ ହୋଇଛି। ପୁଲିସ କର୍ମଚାରୀଙ୍କ ସହିତ ଶତାଧିକ ଛାତ୍ରଛାତ୍ରୀ ପଦଯାତ୍ରାରେ ବୈଶିଙ୍ଗା ଥାନାରୁ ବାହାରି ସମଗ୍ର ବଜାର ପରିକ୍ରମା କରିବା ପରେ ମହୁରୀ ଛକ ପର୍ଯ୍ୟନ୍ତ ଯାଇଥିଲେ। ଏ ଅବସରରେ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା ଓ ମୁନିଲାଲ ବିଦ୍ୟାଳୟର ଏକାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ପୁଲିସ କର୍ମଚାରୀ ଉପସ୍ଥିତ ରହି ସଡ଼କ ସୁରକ୍ଷା ଓ ବିଭିନ୍ନ ଟ୍ରାଫିକ ନିୟମ ସମ୍ପର୍କରେ ପଥଚାରୀଙ୍କୁ ସଚେତନ କରାଇଥିଲେ। ବୈଶିଙ୍ଗା ପୁଲିସ ପକ୍ଷରୁ ଥାନା ଅଧିକାରୀ ବାରିଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କୁଆମରା, ୯।୧(ସମିସ):ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ବୁଧବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଉଦଳା-ବୈଶିଙ୍ଗା ରାସ୍ତାର କଲେଜ ଛକଠାରୁ କୁଆମରା ବଜାର ପର୍ଯ୍ୟନ୍ତ ପ୍ଲାକାର୍ଡ ଧରି ଏକ ରାଲିରେ ଯାଇଥିଲେ। ହେଲ୍‌ମେଟ୍ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କୁ ଗୋଲାପ ଫୁଲ ଦେଇ ସଚେତନତା କରାଇଥିଲେ ଓ ସଡ଼କ ସୁରକ୍ଷା ଜୀବନ ରକ୍ଷା ବୋଲି ସ୍ଲୋଗାନ ଦେଇଥିଲେ। ଗାଡ଼ି ଚଳାଇବାବେଳେ ନିଶାଠାରୁ ଦୂରେଇ ରହିବାକୁ ଅନୁରୋଧ କରିଥିଲେ। କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ଓ କର୍ମଚାରୀମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟାପକ ଶିଶିର କୁମାର ପୃଷ୍ଟି, ସଞ୍ଜୟ ପ୍ରଧାନ, ଗଣେଶ ଜେନା, ସୁଧାକର ଶତପଥୀ, ମଦନ ସିଂ, ଅଧ୍ୟାପିକା ସ୍ମରଣିକା ପଟ୍ଟନାୟକ, ପ୍ରୀତି ସୋନା, ରାଜଲକ୍ଷ୍ମୀ ପଣ୍ଡା, ଜ୍ୟୋତିର୍ମୟୀ ସାହୁ, ସରୋଜିନୀ ସାହୁ, ଜ୍ୟୋତ୍ସ୍ନାରାଣୀ ବଳିଆରସିଂହ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଗଣେଶ୍ୱର ନାୟକ, ରଣଜିତ୍ ମହାନ୍ତି, ଭାବଗ୍ରାହୀ ବେହେରା, ବାସନ୍ତୀମଣି ଶଙ୍ଖୁଆ ପ୍ରଭୃତି ପରିଚାଳନାରେ ସହଯୋଗ କରିଥିଲେ।

## ନୁଦଡ଼ିହାରେ ଦେବାଭିଷେକ ଉତ୍ସବ

ପିଙ୍ଗୁ, ୯।୧(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ପିଙ୍ଗୁର ନୁଦଡ଼ିହାଠାରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରରେ ଦେବାଭିଷେକ ଉତ୍ସବ ପାଳିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ମୁଖ୍ୟ ଯାତ୍ରା ମଧ୍ୟରୁ ଏହା ଅଷ୍ଟମ ମୁଖ୍ୟ ଯାତ୍ରା। ତ୍ରେତୟା ଯୁଗର ଅବତାରୀ ପରେ ଅଯୋଧ୍ୟା ରାଜ ଉଆସରେ ତାଙ୍କ ପାଇଁ ରାଜାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସ୍ମୃତିକୁ ଜାଗ୍ରତ ରଖିବା ପାଇଁ କଳିଯୁଗର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରେ ପୌଷ ପୂର୍ଣ୍ଣିମା ଦିନ ଦେବାଭିଷେକ ଉତ୍ସବ ପାଳନ କରାଯାଏ। ପୌଷ ଶୁକ୍ଳ ଏକାଦଶୀ ତିଥିର ଅଙ୍କୁରାରୋପଣ କରାଯାଇ ଚତୁର୍ଦ୍ଦଶୀ ତିଥିରେ ରୋଷକୂଅରୁ ୮୭ ଗରା ଜଳ ଓ ୨୧ ଦିନ ଘୃତ ପ୍ରସ୍ତୁତ କରି ଧୋପଖାଳ ଭୋଗମଣ୍ଡପରେ ରଖନ୍ତି। ଏଥିପାଇଁ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନଙ୍କ ପାଇଁ ଗଡ଼ୁ ଜଳ ଓ ଘିଅ ରଖନ୍ତି। ଅଧିବାସ କର୍ମ ପରେ ଭୋଗମଣ୍ଡପକୁ ବନ୍ଦ କରାଯାଏ। ପୂର୍ଣ୍ଣମୀ ଦିନ ସକାଳ ଧୂପ ପରେ ରୋଷଘରୁ ଏକ ଲୁହା ଡଙ୍କରେ ଅଗ୍ନି ଆଣି ଘିଅକୁ ଗରମ କରି ଓ ୧୦୮ ପ୍ରକାରର ମସଲା ମିଶାଇ ରଖନ୍ତି। ଦେଉଳ ପୁରୋହିତ ମହାନୃସିଂହ ମନ୍ତ୍ରରେ ଧୂପ, ଦୀପ, ନୈବେଦ୍ୟ ଲାଗି କରିବା ପରେ ଦର୍ପଣ ସ୍ନାନ ସମାପନ କରନ୍ତି। ଉକ୍ତ ଦିନରେ ଚତୁର୍ଦ୍ଧାମୂର୍ତ୍ତି ନାନା ପ୍ରକାରର ମାଳା ଓ ଅଳଙ୍କାରରେ ସଜ୍ଜିତ ହୁଅନ୍ତି।

ଦ୍ୱିତୀୟା ତିଥିରେ ରାଜ ନଅରରେ ରାଜାଭିଷେକ ପାଳିତ ହୁଏ। ୧୬ ଶାସନରୁ ବ୍ରାହ୍ମଣମାନେ ଆସି ମହାରାଜାଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତି। ମହାପ୍ରଭୁଙ୍କର ଏହି ପବିତ୍ର ଯାତ୍ରାକୁ ଯେଉଁମାନେ ଦର୍ଶନ କରନ୍ତି, ସେମାନେ ପାପମୁକ୍ତ ହେବା ସହିତ ଯମରାଜଙ୍କ ନିୟନ୍ତ୍ରଣରୁ ମୁକ୍ତି ପାଇଥା'ନ୍ତି। ଏଥିନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ବେଶ ଦର୍ଶନ କରିବାର ଦେଖାଯାଇଥିଲା। ଆନନ୍ଦ ବଜାରରେ ପ୍ରସାଦ ସେବନ କରି ତୃପ୍ତିଲାଭ କରିଥିଲେ। ଦେବାଭିଷେକ ଉତ୍ସବର ମହାତ୍ମ୍ୟ ସମ୍ପର୍କରେ 'ଭାବବନ୍ଧନ' ପତ୍ରିକା ମୁଖ୍ୟ ପ୍ରାଧ୍ୟାପକ ଭୋଳାନାଥ ସାହୁ ସୁଚନା ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର କମିଟିର ମୁଖ୍ୟ ଉପଦେଷ୍ଟା ସୁଧାଂଶୁ ଦାଶ, ସଭାପତି ସର୍ବେଶ୍ୱର ରାଉତ, କୋଷାଧ୍ୟକ୍ଷ ବୃନ୍ଦାବନ ବେହେରା, ସହସମ୍ପାଦକ ରବିନାରାୟଣ ନାୟକ, ମାନଗୋବିନ୍ଦ ବେହେରା, ଦିବାକର ନାୟକ, ବିଦ୍ୟାଧର ସାହୁ, ପ୍ରାର୍ଥନା ନାୟକ, ବାସନ୍ତୀ ନାୟକ, ଶଶଧର ସ୍ୱାଇଁ ଓ ବହୁ ସଭ୍ୟସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ।

## କେଜିବିଭି ବାଳିକା ବିଦ୍ୟାଳୟ ବାର୍ଷିକ ଉତ୍ସବ

ଗୋରୁମହିଷାଣୀ, ୯।୧(ସମିସ) ଗୋରୁମହିଷାଣୀସ୍ଥ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବିଇଓ ଘନଶ୍ୟାମ ମୁର୍ମୁ, ମୁଖ୍ୟବକ୍ତା ବ୍ଲକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷା ସରସ୍ୱତୀ ସୋରେନ, ସମ୍ମାନିତ ଅତିଥି ଭାବେ ଏବିଓ ତଥା ବିଆରସିସି କାର୍ତ୍ତିକ ଚନ୍ଦ୍ର କାରୁଆ, ଜିଲ୍ଲା ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ ବାରିକ, ଗୋରୁମହିଷାଣୀ ଲୌହ ଖଣି ପ୍ରବନ୍ଧକ ବିକାଶ ନାୟକ, ସାମ୍ବାଦିକ ସୁବ୍ରତ ମହାନ୍ତି, ତୁଷାରକାନ୍ତ ମହାନ୍ତ ଓ ଦୟାନିଧି ମହାକୁଡ଼, ସିଆରସିସି ମଧୁସ୍ମିତା ନନ୍ଦି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପାଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ଦଶମ ମାଟ୍ରିକରେ ପ୍ରଥମ ଶ୍ରେଣୀରେ ପାସ କରିଥିବା ୩ଜଣ ଅନ୍ତେବାସୀ ଦୀପା ବେହେରା, ଫୁଲମଣୀ ମୁଣ୍ଡା ଓ ହୀରାମଣି ମୁର୍ମୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଡାକରା ପାଇ ନୂଆଦିଲ୍ଲୀ ଯାଇ ତାଙ୍କୁ ସାକ୍ଷାତ କରିବାର ସୌଭାଗ୍ୟ ଲାଭ କରିଥିବା ଜଣାଇଥିଲେ। ଉକ୍ତ ୩ ଜଣଙ୍କୁ ରାଷ୍ଟ୍ରପତି ଉଚ୍ଚଶିକ୍ଷା ନିମନ୍ତେ ୧୦, ୦୦୦ ଟଙ୍କା ଲେଖାଏଁ ସାହାଯ୍ୟ ରାଶି ପ୍ରଦାନ କରିଥିଲେ। ଚଳିତ ବର୍ଷ ଚାମ୍ପିଅନ ଭାବେ ଗୁମୁଡି ସୋରେନ ଓ ଲିପିକା ସି, ଶ୍ରେଷ୍ଠ ଛାତ୍ର ଭାବେ ଅଭିଜିତ ନାଏକ, ବିଜମଣୀ ମାଝୀ, ସମ୍ମାନଜନକ କସ୍ତୁରୀ କନ୍ୟା ମୁକୁଟ ନିହାରିକା ଧଳ ପୁରସ୍କୃତ ହୋଇଥିଲେ। କୋଷାଧ୍ୟକ୍ଷ




ସୁଶ୍ରୀ ମହାନ୍ତି ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଗଣେଶ ବାରିକ, ଗୋରାରାମ ମାର୍ଣ୍ଡି, ଦେବବ୍ରତ ନାୟକ, ବଳରାମ ମୁର୍ମୁ ଓ ଶିକ୍ଷୟିତ୍ରୀ ଅଗ୍ନି ମାର୍ଣ୍ଡି, ବିନିତା ମଣ୍ଡଳ, ଅନୁରାଧା ନନ୍ଦି, ଦୀର୍ଘଶ୍ୱରୀ ବେହେରା, କଲ୍ୟାଣୀ ମିତ୍ରା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପରିବେଶ ପାଇଁ ଜୀବନଶୈଳୀ ପ୍ରଦର୍ଶନୀ

ବାରିପଦା, ୯ ।୧(ସମିସ): ସ୍ଥାନୀୟ ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ପରିବେଶ ପାଇଁ ଜୀବନ ଶୈଳୀ ପ୍ରଦର୍ଶନୀ ମ୍ୟୁନିସିପାଲିଟି ଓ ବ୍ଲକସ୍ତରରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କଲିଆଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନଳିନୀ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ପାଲତା, ମାଧୁରୀ ଦ୍ୱିବେଦୀ, ଗାୟତ୍ରୀ ବେହେରା, ତନୁଶ୍ରୀ ପାଣି ଯୋଗଦେଇଥିଲେ। ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ବିଶ୍ୱେଶର ଦ୍ୱିବେଦୀ ଓ ସମ୍ମାନିତ ଅତିଥି ଭାବେ ପ୍ରଣତୀ ଦେ, ସତ୍ୟବ୍ରତ ବାରିକ, ଇତିଶ୍ରୀ କର, ସୁଦତ୍ତା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦର୍ଶନୀରେ ମଧୁସ୍ମିତା ମହାନ୍ତ ଓ ଆଦ୍ୟାଶା ଦାସଙ୍କ ପ୍ରକଳ୍ପ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ନବଜିତ ସାସମଲ ଓ ଆଶିଷ ବେହେରାଙ୍କ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ରାସଗୋବିନ୍ଦପୁର:** ବିନୋଦ ରାୟ ସରକାରୀ ବିଦ୍ୟାଳୟରେ ବ୍ଲକସ୍ତରୀୟ ସାଷ୍ଟେମ୍ବଲ ଲାଇଫ ଷ୍ଟାଇଲ ମଡେଲ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାକୁ ସିଆରସିସି ବିଜୟ ବାରିକ, ପ୍ରଧାନଶିକ୍ଷକ ଅଖିଳ ମିଶ୍ର, ସାମ୍ବାଦିକ




ଅଶୋକ ମହାନ୍ତି, କୋଷ୍ଟା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଅନୀଲ ଭୂୟାଁ, ଅମର୍ଦାରୋଡ୍ ସିଦ୍ଧେଶ୍ୱର ମହାବିଦ୍ୟାଳୟ ଅଧ୍ୟାପକ ମାନସ ମହାନ୍ତି, ନଳଗଜାସ୍ଥ ଉପେନ୍ଦ୍ର ନାଥ ମହାବିଦ୍ୟାଳୟ ଅଧ୍ୟାପକ ଦେବବ୍ରତ ମାର୍ଣ୍ଡି, ଶିକ୍ଷକ ନିତ୍ୟାନନ୍ଦ ଘଡେଇ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ମିଶ୍ର ମେଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଦର୍ଶନୀରେ ବ୍ଲକର ୨୮ଟି ବିଦ୍ୟାଳୟରୁ ୩୪ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିରୁ ହୃଦାନନ୍ଦ ବିଦ୍ୟାଳୟର ଦୀପିକା ଦାସ, ମାଣିକପୁରସ୍ଥ ଚକାଡୋଳା ବିଦ୍ୟପୀଠର ବିଶ୍ୱବିଜୟିନୀ ବେହେରା ଓ ବିନୋଦ ରାୟ ବିଦ୍ୟାଳୟର ଅର୍ପିତା ମହାନ୍ତିଙ୍କ ପ୍ରକଳ୍ପକୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଚୟନ କରାଯାଇଥିଲା। ଅପରାହ୍ନରେ ଆୟୋଜିତ ଉଦଯାପନୀ ସଭାରେ ବିଇଓ ବିଜୟ ପାଣିଗ୍ରାହୀ, ଏବିଇଓ ସୁକୁମାର ରାଉତ, ଏବିଇଓ ବିଜୟ ବାରିକ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଅନନ୍ତ ସେଠୀ ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବଡ଼ସାହି:** ରାଜ୍ୟ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଓ ଭାରତ ସରକାରଙ୍କ ଜଳବାୟୁ ପରିବର୍ତ୍ତନ ସହାୟତାରେ ପରିବେଶ ଶିକ୍ଷାକେନ୍ଦ୍ର ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହଯୋଗରେ ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିବେଶ ସୁରକ୍ଷା ସମ୍ପର୍କିତ ଜୀବନ ଚର୍ଚ୍ଚା ଉପରେ ୨୬ଟି ବିଦ୍ୟାଳୟର ସାତଟି ବିଭାଗର ପରିବେଶ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଅନୁସୂୟା ଖମାରୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିରାମ ନାୟକ, ମୁଖ୍ୟବକ୍ତା ଭାବେ ସିଙ୍ଗଟିଆ ବିଦ୍ୟାଳୟ ପ୍ରଧାନଶିକ୍ଷକ ହରିହର ବେହେରା, ସ୍ୱତନ୍ତ୍ର ଅତିଥି ଭାବେ ମାଧପୁର ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ପୂର୍ବତନ ବିଜ୍ଞାନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ,



ଅବସରପ୍ରାପ୍ତ ଶିକ୍ଷକ ରଣଜିତ ଦାସ, ତଳପଡ଼ା ବାଳିକା ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଦେବରାଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଲଳିତ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ପରିବେଶକୁ ସୁରକ୍ଷା କରାଯାଇପାରିଲେ ଆଗମୀ ପିଢ଼ି ଭବିଷ୍ୟତରେ ସୁରକ୍ଷିତ ରହିପାରିବେ। ବିକାଶ ନାମରେ ବିନାଶ ନ କରି ପରିବେଶ ସଂରକ୍ଷଣ ପାଇଁ ଚେଷ୍ଟା କରିବା ଉଚିତ୍। ପ୍ରତ୍ୟେକ ଛାତ୍ରଛାତ୍ରୀ ଗଛ ଲଗାଇ ବର୍ତ୍ତମାନର ଜଳବାୟୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଶପଥ ନେବା ଉଚିତ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଦର୍ଶନୀରେ ଲବ ମହାନ୍ତଙ୍କ ପ୍ରକଳ୍ପ ପ୍ରଥମ, ରାଜକିଶୋର ବେହେରାଙ୍କ ଦ୍ୱିତୀୟ, ଅନୁଜ ଦେଓବାବୁଙ୍କ ତୃତୀୟ ହେଇ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ମନୋନୀତ ହୋଇଛି। ବଡ଼ସାହି ବ୍ଲକର ସମସ୍ତ ବିଦ୍ୟାଳୟ ଇକୋ କ୍ଲବ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। କମଳାକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

**ଶୁକ୍ରୁଳି:** ରରୁଆଁ ନୂତନ ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ଦୀର୍ଘ ସ୍ଥାୟୀ ଜୀବନ ଶୈଳୀ ସମ୍ପର୍କୀୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରରୁଆଁ ବିଡିଓ ପ୍ରେମାନନ୍ଦ ବେହେରା ଯୋଗ ଦେଇଥିବାବେଳେ ସମାଜସେବୀ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ମନ୍ମଥ ଭୋଇ, ଶୁକ୍ରୁଳି ବାଳିକା ଉଚ୍ଚବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରମଣି ମହାନ୍ତ ଓ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଡମ୍ବରୁଧର ବାରିକ ଯୋଗ ଦେଇଥିଲେ। ନିଜ ଜୀବନ ଶୈଳୀକୁ ପାରମ୍ପରିକ ଢଙ୍ଗରେ ଚଳାଇବା




ପାଇଁ ଚେଷ୍ଟା କରିବା ସହିତ ରାସାୟନିକ ସାର ବ୍ୟବହାର ନ କରି ଗୋବର ଖତ, ବର୍ଜ୍ୟବସ୍ତୁକୁ ନେଇ କମ୍ପୋଷ୍ଟ ଖତ, ଜିଆ ଚାଷ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ପ୍ରଦର୍ଶନୀରେ ୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ଝିଲ୍ଲିରାଣୀ ମହାନ୍ତ, କ୍ଷୀରମଣି ମହାନ୍ତ, ଲିନା ପ୍ରଧାନ ବିଚାରକ ଥିଲେ। ବୁଢ଼ାମରା ସରକାରୀ ଉଚ୍ଚ ବିଦ୍ୟାଳୟର ମୌସୁମୀ ଗିରି ପ୍ରଥମ, ବଲାଣ ପୋଷି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ରଶ୍ମିତା ମୁଣ୍ଡା ଦ୍ୱିତୀୟ, ରରୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ଶିବମ ପଲେଇ ତୃତୀୟ ସ୍ଥାନ ଲାଭ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରରୁଆଁ ପଞ୍ଚାୟତ ସରପଞ୍ଚ ଝୁନାରାଣୀ ପିଙ୍ଗୁଆ ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ରରୁଆଁ ବିଦ୍ୟାଳୟ ଇକୋ କ୍ଲବ ସଦସ୍ୟ ପରିଚାଳନା କରିଥିଲେ।

**ବେତନଟୀ:** ପିଏମ୍‌ଶ୍ରୀ ମହାରାଜା ପ୍ରତାପଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ଜୀବନଶୈଳୀ ପ୍ରଦର୍ଶନୀ ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେତନଟୀ ବ୍ଲକର ୨୦ଟି ବିଦ୍ୟାଳୟର ୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ୩୧ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର, ସମ୍ମାନିତ ଅତିଥି ଭାବେ ବେତନଟୀ ବ୍ଲକ ବିଜ୍ଞାନ ସଂଯୋଜକ କିଶୋର ଆଚାର୍ଯ୍ୟ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅପର୍ଣ୍ଣା ସାହୁ, ବିଚାରକ ଭାବେ ଆସିଥିବା ତାଳପଦା ବିଦ୍ୟାଳୟର ଦେବରାଜ ନାୟକ, ଗୋପବନ୍ଧୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ସେଠୀ ଯୋଗ ଦେଇଥିଲେ। ସଂସ୍କୃତ ଶିକ୍ଷକ ରାଜକୋମଳ ସାଦୁଆ ବେଦ ପାଠ କରିଥିଲେ। ଜୀବନ ଶୈଳୀରେ ପରିବର୍ତ୍ତନ ଦ୍ୱାରା ପରିବେଶର ଉନ୍ନତି ସାଧନ କରିବା ଓ ୫ ଆର (ରିଡିୟୁଷ, ରିୟୁଜ, ରିସାଇକେଲ, ରି ଫିୟୁଜ, ରିପରପୋଜ) ବିଷୟରେ ମୁଖ୍ୟଅତିଥି ବୁଝାଇଥିଲେ। ଗଣିତ ଶିକ୍ଷକ ସୁବୋଧ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକଶିତ ସମାଜ ଗଠନରେ ବିଜ୍ଞାନର ଭୂମିକା ବିଷୟରେ ଅତିଥିମାନେ ଗୁରୁତ୍ୱରୋପ କରଥିଲେ। ବିଚାରକଙ୍କ ଦ୍ୱାରା ସମସ୍ତ ପ୍ରକଳ୍ପର ମୂଲ୍ୟାୟନ କରାଯାଇଥିଲା। ଉଦଯାପନୀ ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ରାଶି




ପ୍ରଦାନ କରାଯାଇଥିଲା। ରାଇକମା ରଘୁନାଥ ହାଇସ୍କୁଲର ହିମାଂଶୁ ସେନାପତିଙ୍କ ପ୍ରକଳ୍ପ ଏଲିମିନେଟ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ପ୍ରଥମ ସ୍ଥାନ, ମହାରାଜା ପ୍ରତାପ ଚନ୍ଦ୍ର ବିଦ୍ୟାଳୟର ଏମ କେ ବିନ୍ଧିୟାଙ୍କ ପ୍ରକଳ୍ପ ୱେଷ୍ଟ ପ୍ଲାଷ୍ଟିକ ରୋଡ୍ ଦ୍ୱିତୀୟ, ଓଏଭି ଗରୁଡବସାର ବ୍ରହ୍ମା ଶଙ୍କର ମହାନ୍ତଙ୍କ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲା। ଶିକ୍ଷକ ନିରୋଜ ମହାନ୍ତ, ଇକୋ କ୍ଲବ୍ ଶିକ୍ଷକ ହେମନ୍ତ ଦାସ, ପ୍ରକାଶ ଗିରି, କାପୁରା ସୋରେନ, ମନସ୍ୱିନୀ ପଟ୍ଟନାୟକ, ଯାଜ୍ଞସେନୀ ବେହେରା, ମୌସୁମୀ ମଣ୍ଡଳ, ଗାୟତ୍ରୀ ରାଉତ, ଅଜୟ ବାରିକ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଇତିଶ୍ରୀ ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଶୋଇ:** ଜଙ୍ଗଲ ପରିବେଶ ଓ ଜଳବାୟୁ ବିଭାଗ ଅଧୀନସ୍ଥ ସୁସ୍ଥ ପରିବେଶ ନିମନ୍ତେ ଜୀବନଶୈଳୀ ପ୍ରଦର୍ଶନୀ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯ଟି ଉଚ୍ଚ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ୨୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରଥମ, ବିଶୋଇ ଏସ୍ଏସ୍‌ଡି ବିଦ୍ୟାଳୟ ନବମ ଶ୍ରେଣୀର ଛାତ୍ର କୁଶଲ ଟୁଡୁ ଦ୍ୱିତୀୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ର ଆୟୁଷ୍ମାନ ଗିରି ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ଉନ୍ନୀତ ହୋଇଛନ୍ତି। ଉଦଘାଟନୀ ଉତ୍ସବରେ ବାଡୁଣିଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ପ୍ରଜ୍ଞା ପ୍ରସବିନୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସନ୍ତୁଳିତ ପରିବେଶ



ଦ୍ୱାରା ଜୀବନଶୈଳୀ ସୁସ୍ଥ ସୁନ୍ଦର ହେବ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ସଙ୍ଗୀତା ଜେନା, ସମ୍ମାନିତ ଅତିଥି ଭାବେ ବିଶୋଇ ସରକାରୀ ଉନ୍ନିତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ତୋଷିନୀ ମୋଦୀ ଯୋଗ ଦେଇଥିଲେ। ବିଚାରକ ଭାବେ ଶ୍ରୀମତୀ ମାଳତୀ ଦଳାଇ ଓ ମୋହନଲାଲ୍ କାହାଳୀ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଉଦଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ହରିଶ୍ଚନ୍ଦ୍ର ହୋତା ଯୋଗଦେଇ କୃତୀ ପ୍ରତିଯୋଗଙ୍କୁ ମାନପତ୍ର ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ମନୋରଞ୍ଜନ ଗିରି, ଶିକ୍ଷକ ରଞ୍ଜନ ଗିରି, ଶିକ୍ଷକ ରାଜେନ୍ଦ୍ର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ କିଶୋର ସାହୁ ଉପସ୍ଥିତ ଥିଲେ।

### ଚା’ ବଗିଚାର ପୁନରୁଦ୍ଧାର ପାଇଁ ଜିଲ୍ଲାସ୍ତରୀୟ ବୈଠକ

# ଟି-ବୋର୍ଡ ପ୍ରତିନିଧିଙ୍କ ପରିଦର୍ଶନ ପରେ ଆଶା ସଞ୍ଚାର



କେନ୍ଦୁଝର, ୯।୧(ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ତରମାକାନ୍ତ ଚା’ ବଗିଚା ପୁନରୁଦ୍ଧାର ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଗତକାଲି କୋଲକାତାସ୍ଥିତ ଟି ବୋର୍ଡ ଇଣ୍ଡିଆରେ ୨ ଜଣିଆ ସଦସ୍ୟ ଉକ୍ତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ଆଜି ଜିଲ୍ଲା କମିଟିରେ ମତ ଉପସ୍ଥାପନା କରିଛନ୍ତି। ଜିଲ୍ଲାପାଳ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ମିନି କନଫରେନ୍ସ ହଲରେ ଏକ ବୈଠକରେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି, ଟି ପ୍ଲାଣ୍ଟେସନ ନୋଡାଲ ଅଫିସର ତଥା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ବୈଠକରେ ଆଲୋଚନା କରିଥିଲେ। ଟି ବୋର୍ଡ ଇଣ୍ଡିଆ ଡେପୁଟି ଡାଇରେକ୍ଟର ଅନୁପମ ଦାସ, ଡେଭେଲପମେଣ୍ଟ ଅଫିସର ସୁଭାଶିଷ କୁମାର ସ୍ୱାଇଁ ଚା’ ଚାଷ ନେଇ ବୈଷୟିକ ପରାମର୍ଶ ଦେଇଥିଲେ। ଡିଏଫ୍ଓ ଧନରାଜ ଏଚ୍ଡି, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡକ୍ଟର ସୁକାନ୍ତ ସାହୁ, ଜଳ ବିଭାଜିକା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ରାଉତ, ବାଂଶପାଳ ତହସିଲଦାର ବିକାଶଚନ୍ଦ୍ର ସାହୁ, ବାଂଶପାଳ ବିଡିଓ ରାଜା ରଣଜିତ୍ ବଳ ପ୍ରମୁଖ ମତ ରଖିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜଳ ବିଭାଜିକା, ରାଜସ୍ୱ ବିଭାଗ ଓ ବନବିଭାଗ ମିଳିତ ଭାବେ ଚା’ ବାଗାନ ଅଞ୍ଚଳକୁ ଯାଇ ଜମିଜମାର ସ୍ଥିତାବସ୍ଥା ଅନୁଧ୍ୟାନ କରିବା ସହ ସୀମା ନିର୍ଦ୍ଧାରଣ କରି ଏହାର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ। ପୂର୍ବରୁ ଉକ୍ତ ଚା ବାଗାନ କୁଶକଳା, ତରମାକାନ୍ତ, କଲଣ୍ଡା, ସିଂପୁର ଏବଂ ଅଡାଳ ଗ୍ରାମର ୨୨୦୦ ଏକର ଜମିରେ ଚା ଚାଷ କରାଯାଇଥିଲା। ପ୍ରସ୍ତାବିତ ନୂତନ ଚା’ ବଗିଚା ପାଇଁ କୁଶକଳା ଏବଂ ଅଡାଳରେ ଜମି ଚିହ୍ନଟ ହୋଇଛି। ଗତକାଲି ଟିମର ୨ ସଦସ୍ୟ ତରମାକାନ୍ତ ଚା’ ବାଗାନ ଅଞ୍ଚଳ ପରିଦର୍ଶନ କରିବା ପରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଚା’ ବାଗାନ ପୁନରୁଦ୍ଧାର ହେଲେ ସ୍ଥାନୀୟ ଲୋକ କର୍ମନିଯୁକ୍ତି ପାଇବା ସହ ପର୍ଯ୍ୟଟନର ବିକାଶ ହୋଇପାରିବ।

୨୦୦୪ ମସିହାରେ ପରିଚାଳନାଗତ ତ୍ରୁଟି ପାଇଁ ଏହା ବନ୍ଦ ରହିଥିଲା ବେଳେ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ଅଡ଼ାଳ ଗାଁ ଏବେ ପୁଣି ଚର୍ଚ୍ଚାକୁ ଆସିଛି। ସଦସ୍ୟମାନେ ପୂର୍ବର ତରମାକାନ୍ତ ଚା ବଗିଚାରେ ପହଞ୍ଚିଥିଲେ। ଏଠାରେ ଏବେବି ରହିଛି ଅନେକ ଛୋଟବଡ଼ ଚା’ ଗଛ। ଏହାର ପୁନରୁଦ୍ଧାର କିଭଳି ହୋଇପାରିବ, ସେ ସମ୍ପର୍କରେ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରାଯିବ। ୧୯୮୨ରେ ରାଜ୍ୟ ସରକାରଙ୍କ ଇପିକଲ୍ ଓ କୋଲକାତାର ଏକ ଘରୋଇ ଉଦ୍ୟୋଗର ମିଳିତ ସହଯୋଗରେ ତରମାକାନ୍ତରେ ୮୯୬.୫୨ ହେକ୍ଟର୍ ଜମିରେ ଚା’ ବଗିଚା ଆରମ୍ଭ ହୋଇଥିଲା। ଏଠାରୁ ଉତ୍ପାଦିତ ଚା’, ବିଦେଶକୁ ରପ୍ତାନୀ ହେଉଥିଲା। ୨୦୦୨ ମସିହାରେ ଏହି ଚା’ ବଗିଚାର ବ୍ୟବସାୟ ଶୀର୍ଷକୁ ଛୁଇଁଥିଲା। ହେଲେ, ପରିଚାଳନାଗତ ତ୍ରୁଟି ପାଇଁ ୨୦୦୪ରେ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଏବେ ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନରେ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଚେଷ୍ଟା କରାଯାଉଥିବା କୁହାଯାଉଛି। ଏହି ପ୍ରତିନିଧି ଦଳରେ କୋଲକାତା ଟି-ବୋର୍ଡ଼ର ଉପନିର୍ଦ୍ଦେଶକ ଅନୁପମ ଦାସ, ଉନ୍ନୟନ ଅଧିକାରୀ ଶୁଭାଶିଷ କୁମାର ସ୍ୱାଇଁ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଅଶୋକ ସେନାପତି, ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା, ପ୍ରଦୀପ ରାଉତ ଅତିରିକ୍ତ ବାଂଶପାଳ ବିଡିଓ ରାଜା ରଂଜିତ ବଳ, ତହସିଲଦାର ବିକାଶଚନ୍ଦ୍ର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ ସୁକାନ୍ତ କୁମାର ସାହୁ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୋନାଲି ପତି ଉପସ୍ଥିତ ଥିଲେ। ସ୍ଥାନୀୟ ବାସିନ୍ଦା ଦୁର୍ଯ୍ୟୋଧନ ପଲେଇ, ଯାତ୍ରା ଗ୍ରାମପଞ୍ଚାୟତର ସମିତିସଭ୍ୟ ସଞ୍ଜୟ ଶେଖର ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଅଡାଳ, ତରମାକାନ୍ତ, କଲଣ୍ଡା, ସିଂହପୁର ଓ କୁଶକଳା ଗ୍ରାମର ଶତାଧିକ ଲୋକ ମଧ୍ୟ ଏଠାରେ ଉପସ୍ଥିତ ଥିଲେ।

### ■ ପୁଣି ହାତୀପଲଙ୍କ ଉପଦ୍ରବ

## ବିଳମ୍ବିତ ରାତିରେ ଭାଙ୍ଗିଲା ୪ ଘର



ତୁରୁମୁଙ୍ଗା, ୯।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ବିଳମ୍ବିତ ରାତିରେ ଏକ ଗୋଠଛଡ଼ା ଦନ୍ତାଆତଙ୍କ ଖେଳାଇ ଚିନାମାଳିପଶି ଗ୍ରାମରେ ୨ଟି ଘର ଓ କାଶିଆମୁଣ୍ଡା ସାହିରେ ୨ଟି ଘର ଭାଙ୍ଗି ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛି। ସେହିପରି ଆଉ ଏକ ୨୫ ଟିକିଆ ହାତୀପଲ ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ଆତଙ୍କ ଖେଳାଇବା ସହ ଅଞ୍ଚଳରେ ବ୍ୟାପକ ପନିପରିବା ଚାଷକୁ ପାଦରେ ଦଳିଚକଟି ନଷ୍ଟ କରିଦେଇଛନ୍ତି। ହାତୀପଲଙ୍କ ଉପଦ୍ରବରେ ଲୋକେ ଅତିଷ୍ଠ ହୋଇପଡିଥିବା ବେଳେ ଗାଁ ନିକଟରେ ହାତୀପଲଙ୍କ ଉପସ୍ଥିତିକୁ ନେଇ ଭୟଭୀତ ଅବସ୍ଥାରେ ରହିଛନ୍ତି।

## କରଣ ମହାମଞ୍ଚର ସମାବେଶ




ଯୋଡା, ୯।୧ (ସମିସ): ଯୋଡା କରଣ ମହାମଞ୍ଚର ଏକ ବିଶାଳ ସମାବେଶ ଶୁକ୍ରବାର କମାରଯୋଡାସ୍ଥିତ ଟିପି ମହାନ୍ତିଙ୍କ ଫାର୍ମହାଉସରେ ଅନୁଷ୍ଠିତ ହୋଇଯାଇଛି। କରଣ ସମାଜକୁ ସଂଗଠିତ କରି ପରସ୍ପର ସହିତ ସଂସମ୍ପର୍କ ସ୍ଥାପନ କରିବା ଏହି ବୈଠକର ମୂଳ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଯୋଡା ନଗରପାଳ ଡା. ଜଗଦୀଶ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ, ଖଣି ମାଲିକ ତାରିଣୀ ପ୍ରସାଦ ମହାନ୍ତି, ଶିଳ୍ପପତି ବିନୋଦ ପଟ୍ଟନାୟକ, ଚିନ୍ମୟ ଦାସ, ମାଇନ୍ସ ଏଣ୍ଡ ଇଣ୍ଡଷ୍ଟ୍ରି ଅବଜରଭରର ସମ୍ପାଦକ ଶିରିଶଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟିକୁ ଦୁର୍ଗାପ୍ରସାଦ ମହାନ୍ତି, ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଯୋଡା ଅଞ୍ଚଳର ଶତାଧିକ ମହିଳା, ପୁରୁଷ ଯୋଗ ଦେଇଥିଲେ।

## ମେଧା ଶିଶୁ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୯।୧ (ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିର ବୌଦ୍ଧିକ ମଣ୍ଡପଠାରେ ଏକ ସମ୍ବର୍ଦ୍ଧନା ସଭାରେ ୨୦୨୪-୨୫ ଶିକ୍ଷାବର୍ଷର ୩ୟ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ଆନନ୍ଦପୁର ମ୍ୟୁନିସପାଲିଟି ସ୍ତରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଛାତ୍ରୀ ସୃଷ୍ଟି ଶ୍ରେୟା ସାହୁ (୨ୟ ସ୍ଥାନ), ଛାତ୍ର ପି. ଆଦିତ୍ୟ ସାହୁ (୩ୟ ସ୍ଥାନ) ଓ ଛାତ୍ରୀ ସୋମ୍ୟାସ୍ମିତା ପତି (୬ଷ୍ଠ ସ୍ଥାନ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପରିଚାଳନା ସମିତିର ସଭାପତି ଉଷାରାଣୀ ଜେନା, ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ପାତ୍ର, ପ୍ରଧାନଆଚାର୍ଯ୍ୟା ତୃପ୍ତିରାଣୀ ବେହେରା, ଆଚାର୍ଯ୍ୟ ହରେକୃଷ୍ଣ ପତି ଉପସ୍ଥିତ ଥିଲେ।

## ଠିକା କମ୍ପାନୀର ମନମାନି; ବଢୁଛି ଅସନ୍ତୋଷ



ଆନନ୍ଦପୁର, ୯।୧ (ସମିସ): ଏଲଆଣ୍ଡଟି କମ୍ପାନୀ ଦୀର୍ଘଦିନ ହେବ ଆନନ୍ଦପୁର ଓ ଘସିପୁରା ଅଞ୍ଚଳରେ ମନମାନିରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଘସିପୁରା ବ୍ଲକ ଗୋହିରା ଗ୍ରାମପଞ୍ଚାୟତ ଅନ୍ତର୍ଗତ କଲରା ଗାଡ଼ିଆ ଅଞ୍ଚଳରେ ପମ୍ପ ହାଉସ ନିର୍ମାଣ କରୁଥିବା ବେଳେ ଆଖପାଖ ଅଞ୍ଚଳରୁ ମାଟି କାଟି ନେଉଥିବା ଅଞ୍ଚଳବାସୀ ଅଭିଯୋଗ ଉଠାଇଛନ୍ତି। ସରକାରଙ୍କ ନୀତିନିୟମକୁ ଫୁ କରି ସେଠାରେ ବିରାଟ ବଡ଼ ଗର୍ତ୍ତ କରାଯାଇଛି। ଫଳରେ ସେଠାରେ ବହୁ ଗୋରୁଗାଈ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ଗ୍ରାମର ଲୋକମାନେ ନିତ୍ୟକର୍ମ ପାଇଁ ଯିବାବେଳେ ଗର୍ତ୍ତରେ ପଡି ଗୋଡ଼ାହାତ ଭାଙ୍ଗିବାର ନଜରକୁ ଆସିଛି। ନିକଟ ଅତୀତରେ ସେଠାରେ ଜଣେ ସ୍କୁଲ ଛାତ୍ର ପଡି ମୃତ୍ୟୁ ମୁଖରେ ପଡିଛି। ପୁଣି ତାର ପୁନରାବୃତ୍ତି ନ ଘଟିବ ବୋଲି କିଏ କହିବ ବୋଲି ଗ୍ରାମବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେମାନେ ଗରିବ ନିରୀହ ଆଦିବାସୀ ପ୍ରଜା ହୋଇଥିବାରୁ ଆକ୍ରୋଶ ଆଶଙ୍କାରେ ପ୍ରଶାସନ ଆଗରେ ମୁହଁ ଖୋଲୁନାହାନ୍ତି। ଏ ଦିଗ ପ୍ରତି ଧ୍ୟାନ ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି।

## ଜାତୀୟ ସେବା ଶିବିରରେ ରକ୍ତଦାନ




ଆନନ୍ଦପୁର, ୯।୧ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସପ୍ତଦିବସୀୟ ସ୍ୱତନ୍ତ୍ର ସେବା ଶିବିରରେ, ଘଷିପୁରା ବ୍ଲଡବ୍ୟାଙ୍କର ସହାୟତାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଦୁଇ ଏନ୍ଏସଏସ କାର୍ଯ୍ୟକ୍ରମ ଅଧିକାରୀ ମିତା ପାତ୍ର ଏବଂ ଗଣେଶ ହେମ୍ବ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ବିଜୟ ସାହୁ, ଭବାନୀ ପ୍ରସାଦ ବଳ, ସୁଧାକର ଜେନା, ମହେଶ୍ୱର ପାତ୍ର, ରାଷ୍ଟ୍ରରଞ୍ଜନ ବାରିକ, କ୍ଷେତ୍ରବାସୀ ସୋରେନ, ଦାମୋଦର ମୁଣ୍ଡା, ଅଧ୍ୟାପିକା ଅଳକା ପାଢ଼ୀ, ଜ୍ୟୋତିର୍ମୟୀ ଓଝା, ଏବଂ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସ୍ୱେଚ୍ଛାସେବୀଙ୍କ ଦ୍ୱାରା ୨୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

### ■ ଓସ୍ତପୁରା ଆଶ୍ରମ ବିଦ୍ୟାଳୟ



ଆନନ୍ଦପୁର, ୯।୧ (ସମିସ): ଗୋହିରା ପଞ୍ଚାୟତ ଓସ୍ତପୁରାସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଆନନ୍ଦପୁର ଏଡିଡବ୍ଲୁଓ ବିଜୟ କୁମାର ପୂର୍ତ୍ତି, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ପୂର୍ବତନ ବିଇଓ ଶରତ ରାଉତ, ସ୍ୱତନ୍ତ୍ର ଅତିଥି ଭାବରେ ଘସିପୁରା ଡବ୍ଲୁଇଓ ଆକାଶ ଜେନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କେଶଦୁରାପାଳ ଡାକ୍ତର ସାନ୍ତାକୁମାର ପଣ୍ଡା ସମ୍ମାନିତ ଅତିଥି ଭାବରେ ବୀରଗୋବିନ୍ଦପୁର ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ବରାଳ, ଗଦୁଆଁ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ ନାୟକ, ବରମାଳ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ ପ୍ରଧାନ, କୋହ୍ଲବେଡା ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଏକାଦଶୀ ଖୁଣ୍ଟିଆ, ଏସଏମସି ସଭାପତି ପୂର୍ଣ୍ଣଚନ୍ଦ୍ର ମହାକୁଡ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ ନାଏକ ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ସୋନାଲି ବେହେରା ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ଦେବଦର୍ଶନ ବାରିକ, ସନ୍ତୋଷ ସାହୁ, ଶିକ୍ଷୟିତ୍ରୀ ପ୍ରମୋଦିନୀ ମିଶ୍ରଙ୍କ ସହ ମାଟ୍ରନ ଝରଣା ସାହୁ, ସିସିଏ ମନ୍ଦାକିନୀ ନାଏକ, ଦମୟନ୍ତୀ ଇଚ୍ଛା ଗୁଡ଼ ସହଯୋଗ କରିଥିଲେ।

### ■ କଲ୍ୟାଣୀ ଉଚ୍ଚବିଦ୍ୟାଳୟ



ଘସିପୁରା ବ୍ଲକ ଗଡବାନ୍ଧଗୋଡାସ୍ଥିତ କଲ୍ୟାଣୀ ସରକାରୀ ଉଚ୍ଚବିଦ୍ୟାଳୟରେ ୫୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ରାଉତଙ୍କ ସଭାପତିତ୍ୱରେରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଆନନ୍ଦପୁର ଶରତ ରାଉତ, ସ୍ୱତନ୍ତ୍ର ଅତିଥି ଘସିପୁରା ବିଇଓ ସଦ୍ୟସ୍ନାନ ପଣ୍ଡା, ପୂର୍ବତନ ଘସିପୁରା ବିଇଓ ଗୋପାଳଚନ୍ଦ୍ର ପତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସଂଜୟ ମଲ୍ଲିକ, ଗଡ଼ବାନ୍ଧଗୋଡା ସରପଞ୍ଚ ଶଶିକାନ୍ତ ଜେନା, ସମିତିସଭ୍ୟ ବିଜୟ ଜେନା, ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ଜେନା, ଦୁର୍ଯ୍ୟୋଧନ ସାହୁ, ପ୍ରମୋଦ ଦେଓ, ବେଲାନସେନ୍ ପତି, ଏସଏମଡିସି ସଭାପତି ବିମଳ ନାୟକ, କମିଟି ମେମ୍ବର ପ୍ରବୋଧ ଚକ୍ର, ସୁଧିର ନାୟକ ଯୋଗ ଦେଇଥିଲେ। ସଂସ୍କୃତ ଶିକ୍ଷକ ନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅତିଶୟ ବଳ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱାଗତ ସଙ୍ଗୀତରେ ସହଯୋଗ କରିଥିଲେ ମଧୁସ୍ମିତା ମହାପାତ୍ର ଓ ଅକ୍ଷୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କ୍ରିଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକଶିକ୍ଷୟିତ୍ରୀ ଯମୁନା ମୁର୍ମୁ, ରାଜେଶ ଘଡେଇ, ଦୁର୍ଯ୍ୟୋଧନ ବେହେରା, ସ୍ମୃତିରେଖା ଜେନା, କର୍ମଚାରୀ ସେକ ଫୁରକନ, ଜୁଳ ଜେନା ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଜଗନ୍ନାଥ ମହାବିଦ୍ୟାଳୟରେ ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା




ଆନନ୍ଦପୁର, ୯।୧ (ସମିସ): ଆନନ୍ଦପୁର ବ୍ଲକ ଜଳସୁଆଁ ପଞ୍ଚାୟତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ନୟାଗଡ଼ରେ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଶଶିଭୂଷଣ ପତିଙ୍କ ସଂଯୋଜନାକ୍ରମେ ଅଧ୍ୟକ୍ଷ ସରୋଜକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ପ୍ଲାଷ୍ଟିକମୁକ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ଡକ୍ଟର ଚିତ୍ତରଞ୍ଜନ ନାୟକ ପ୍ଲାଷ୍ଟିକ ବ୍ୟବହାରର ଯଥୋଚିତ ହ୍ରାସ ତଥା ବିକଳ୍ପ ବ୍ୟବସ୍ଥା ଆପଣେଇବାକୁ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମହାବିଦ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ସମ୍ପାଦନାରେ ଅନୁଷ୍ଠାନର ଅଧ୍ୟାପିକା ୟୁରି ଚକ୍ର ଓ ଦେବସ୍ମିତା ଜେନା, କ୍ରୀଡ଼ା ଶିକ୍ଷକ କୈଳାସଚନ୍ଦ୍ର ନାୟକ, କମ୍ପ୍ୟୁଟର ସହାୟକ ଲକ୍ଷ୍ମୀଧର ରାଉତ, ପାଠାଗାର ସହାୟକ ପ୍ରଭାକର ପାଣି, କର୍ମଚାରୀ ସୌଦାମିନୀ ପହି ସମେତ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଏନ୍ଏସ୍ ପୁଲିସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



କେନ୍ଦୁଝର, ୯।୧(ସମିସ): ଏନ୍ଏସ୍ ପୁଲିସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବେଲା ରାଉତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶିଶିର ରାୟ ଯୋଗ ଦେଇଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଏନ୍ସିସି ଶିକ୍ଷକ ବିଜୟ ବେହେରା ପୁରସ୍କାର ବିତରଣ ଉତ୍ସବକୁ ପରିଚାଳନା କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଦଶମ ଶ୍ରେଣୀର ଛାତ୍ର ଦେବାଶିଷ ମାଝୀ ଏବଂ ନବମ ଶ୍ରେଣୀର ଛାତ୍ରୀ ସୁପ୍ରିୟା ସେଠୀ ଚଳିତବର୍ଷର ବିଦ୍ୟାଳୟସ୍ତରୀୟ ଶ୍ରେଷ୍ଠ କ୍ରୀଡାବିତ୍ ବିବେଚିତ ହୋଇଥିଲେ। ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଅର୍ଜୁନ ଚରଣ ପାଗଳ ଏବଂ ମନୋଜ ମଞ୍ଜରୀ ଶିଶୁ ଭବନ ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ସଂଯୁକ୍ତା ନାଥ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଗୁରୁଦେବ ମହାନ୍ତ, କମଳ ଲୋଚନ ପ୍ରଧାନ, ବିଜୟ ବେହେରା, ବିବେକାନନ୍ଦ ରାଉତ, ପ୍ରଦୀପ୍ତ ଦେହୁରୀ, ତନ୍ମୟ ରାଉତ, ଶିକ୍ଷୟିତ୍ରୀ ମମତାରାଣୀ ମହାନ୍ତ, ସାଗରିକା ସାହୁ, କଳାବତୀ ଦେହୁରୀ, ଜୁନିଅର ଆସିଷ୍ଟାଣ୍ଟ ସତ୍ୟନାରାୟଣ ମଲ୍ଲିକ, ଶିକ୍ଷା କର୍ମଚାରୀ ଯୋଗେଶ୍ୱର କବାଟ, ଗଣେଶ୍ୱର ମୁଦୁଲି, ସୁଜାତା ନାଏକ ସହଯୋଗ କରିଥିଲେ। ଶିକ୍ଷକ କମଳ ଲୋଚନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଦାମପାହାଡ଼ କେନ୍ଦୁଝରଗଡ଼ ରେଳପଥ ପ୍ରକଳ୍ପ

# ଚେମଣାରେ ଜମି ଅଧିଗ୍ରହଣ ଗ୍ରାମସଭା



ତୁରୁମୁଙ୍ଗା, ୯।୧(ସମିସ): ବାଦାମପାହାଡ଼-କେନ୍ଦୁଝରଗଡ଼ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ନିର୍ମାଣ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ କାର୍ଯ୍ୟ ଚାଲୁ ରହିଛି। ଏନେଇ ପ୍ରସ୍ତାବିତ ଗ୍ରାମରେ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା ଚାଲୁ ରହିଛି। ଏହି ପ୍ରକଳ୍ପର ୮୨.୦୬ କିଲୋମିଟର ରାସ୍ତା ଥିବା ବେଳେ କେନ୍ଦୁଝର ଜିଲ୍ଲା ଦେଇ ୩୪.୬୦ କିଲୋମିଟର ରାସ୍ତା ରହିଛି। ଏଥିପାଇଁ କେନ୍ଦୁଝର ସଦର ତହସିଲର ୭ଟି ଗ୍ରାମ ଏବଂ ପାଟଣା ତହସିଲର ୧୪ଟି ଗ୍ରାମରୁ ରେଲୱେ ପକ୍ଷରୁ ଘରୋଇ ଜମି ଅଧିଗ୍ରହଣ ହେବ। ଶୁକ୍ରବାର ପାଟଣା ତହସିଲ ଚେମଣା ଆରଆଇ ସର୍କଲ ଚେମେଣା ପଞ୍ଚାୟତ ସଭାଗୃହଠାରେ ଏକ ଗ୍ରାମସଭା କରାଯାଇ ଜମିଜମା ସଂକ୍ରାନ୍ତ ଆଲୋଚନା କରାଯାଇଥିଲା। ଚେମଣା ସରପଞ୍ଚ ହେମଲତା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାରେ ଦୈତାରି ବାଂଶପାଣି ରେଲୱେ ପ୍ରକଳ୍ପର ଭୂ-ଅର୍ଜନ ଅଧିକାରୀ କିରଣ ନାଏକ, ଯନ୍ତ୍ରୀ ରାଜକୁମାର ମାଇତି, ରାଜସ୍ୱ ନିରୀକ୍ଷକ ରଶ୍ମିରଞ୍ଜନ ପୃଷ୍ଟି, ରାଜସ୍ୱ ସହାୟକ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ, ଅମିନ ସୁଧାଂଶୁ ଶେଖର ପଲେଇ, ଚେମଣା ଆରଆଇ ମଳୟ ନାଏକ, ଚେମଣା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶୋଭାଶ୍ରୀ ସେଠୀ, ଏଡିଇଓ ମଙ୍ଗୁଲୁ ମହାନ୍ତ, ସମିତିସଭ୍ୟ ମନୋଜ ମହାନ୍ତ, ନାଏବ ସରପଞ୍ଚ ନଳିନୀ ମହାନ୍ତ ଏବଂ ସ୍ଥାନୀୟ ୱାର୍ଡମେମ୍ବର ଭରତ ମହାନ୍ତଙ୍କ ସମେତ ଚେମଣା, ଚିଲିଦା ସରାସପଶି ଗ୍ରାମବାସୀ ଉପସ୍ଥିତ ଥିଲେ। ନୂତନ ରେଳପଥ ନିର୍ମାଣ ପାଇଁ ଚେମଣା, ଚିଲିଦା ଓ ସରାସପଶି ଗ୍ରାମର ୬୭ ଏକର ୯୩ ଡିସମିଲ ଘରୋଇ ଜମି ଅଧିଗ୍ରହଣ ହେବାକୁ ଯାଉଥିବା ବେଳେ ଚେମଣା ମୌଜାର ୧୨୪ ଜଣଙ୍କଠାରୁ ମୋଟ ୩୫ ଏକର ୫୮ ଡ଼ିସିମିଲ, ସରାସପଶି ମୌଜାର ୨୬ ଜଣଙ୍କଠାରୁ ୭ ଏକର ୯୭ ଡ଼ିସିମିଲ, ଚିଲିଦା ଗ୍ରାମର ୮୦ ଜଣଙ୍କଠାରୁ ୨୪ ଏକର ୩୮ ଡ଼ିସିମିଲ ଜମି ଅଧିଗ୍ରହଣ ହେବ। ଏହି ୩ ଗ୍ରାମରେ ୫ କିଲୋମିଟର ଦେଇ ରେଳପଥ ଯିବାକୁ ଥିବା ବେଳେ ୧୧ଟି ଅଣ୍ଡରପାସ ଓ ଅଭର ବ୍ରିଜ ନିର୍ମାଣ କରାଯିବା ସହ ଚେମଣା ଗ୍ରାମରେ ଷ୍ଟେସନ ନିର୍ମାଣ କରାଯିବ।

## କବୟିତ୍ରୀ ଯମୁନା ଦାଶଙ୍କ ପରଲୋକ



ଆନନ୍ଦପୁର, ୯।୧(ସମିସ): ଆନନ୍ଦପୁର ୭ ନମ୍ବର ୱାର୍ଡ ନିବାସୀ ତଥା କବୟିତ୍ରୀ ଯମୁନା ଦାଶ (୯୭)ଙ୍କ ଦେହାନ୍ତ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥ ଥିଲେ। ମୃତ୍ୟୁଖବର ପାଇ ପ୍ରଫେସର ଶାନ୍ତନୁ ସୁଧାକର ଝିଅ ସୁଷମା କଲ୍ୟାଣୀ ପରିବାର ବର୍ଗଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ରଚିତ ପୁସ୍ତକ ଜଗନ୍ନାଥ ଜଣାଣ ବେଶ୍ ଲୋକପ୍ରିୟ ହୋଇଥିଲା। ତାଙ୍କ ମୃତ୍ୟୁରେ ସାହିତ୍ୟ ଜଗତରେ ଦୁଃଖ ପ୍ରକାଶ ପାଉଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ



ଘଟଗାଁ, ୯।୧(ସମିସ): ହରିଚନ୍ଦନପୁର ରାସ୍ତାର ବାଣାଝରିଠାରେ ଇଟା ବୋଝେଇ ଟ୍ରକ ଚଢ଼ିଯିବା ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଘଟଗାଁ ବ୍ଲକ ବାଲିଯୋଡ଼ି ଗ୍ରାମର ଦୟାନିଧି ନାୟକ (୫୬)। ଶୁକ୍ରବାର ହରିଚନ୍ଦନପୁର ହାଟକୁ ବଜାର କିଣିବା ପାଇଁ ଯାଇଥିଲେ। ବାଇକ ଯୋଗେ ଫେରୁଥିବା ସମୟରେ ବାଣାଝରି ରାସ୍ତା ଉପରେ ଏକ ଟ୍ରକ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛି। ଖବର ପାଇ ବାଇକ ଆରୋହୀଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ପାଟଣା ପଠାଯାଇଛି।

## ସିଆରପିଏଫ୍ ଯବାନଙ୍କ ଆକସ୍ମିକ ମୃତ୍ୟୁ



ତେଲକୋଇ, ୯।୧(ସମିସ): ତେଲକୋଇ ଥାନା ପୁରୁନ୍ଦୁଡ଼ା ପଞ୍ଚାୟତ କରଙ୍ଗାପାଳ ଗ୍ରାମର ସିଆରପିଏଫ ଯବାନ ସୁଖିଲାଲ କୁଙ୍କଲ୍ (୪୨)ଙ୍କ ବୁଧବାର ରାତିରେ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି। ୨୦୦୩ରେ ସିଆରପିଏଫରେ ଯୋଗ ଦେଇଥିବା ବେଳେ ୨୦୨୩ରେ ଭୁବନେଶ୍ୱର ନୂଆପଲ୍ଲୀସ୍ଥିତ ସିଆରପିଏଫ କେନ୍ଦ୍ରରେ ନିୟୋଜିତ ହୋଇଥିଲେ। ବୁଧବାର ସନ୍ଧ୍ୟା ପ୍ରାୟ ୮ଟାରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ନିକଟସ୍ଥ କମ୍ପୋଜିଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଭରତପୁର ଥାନା ପକ୍ଷରୁ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ କରାଯାଇଛି। ଗୁରୁବାର ସନ୍ଧ୍ୟା ସମୟରେ ସୁଖିଲାଲଙ୍କ ମରଶରୀର ପୈତୃକ ଗାଁ କରଙ୍ଗାପାଳରେ ପହଞ୍ଚିଥିବା ବେଳେ ସିଆରପିଏଫ୍ କେନ୍ଦ୍ର ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇ ଅନ୍ତିମ ସଂସ୍କାର କରାଯାଇଛି। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲିଲ୍ ମୋହନ କୁମାର, ବିଭାଗୀୟ ଇନ୍ସପେକ୍ଟର ଇନ୍ଦ୍ରଜିତ ମହାନ୍ତ ଓ ତାଙ୍କ ଗ୍ରୁପ ଯୋଗ ଦେଇଥିବା ବେଳେ କାଳିଆହତା ଫାଣ୍ଡି ଅଧିକାରୀ ରୁପେଶ ମହାନ୍ତ ଉପସ୍ଥିତ ଥିଲେ।

## ମା' କାଳୀ ପୂଜା କମିଟିର ବାର୍ଷିକ ବନ୍ଧୁ ମିଳନ



ଆନନ୍ଦପୁର, ୯।୧ (ସମିସ): ଘସିପୁରା ସାର୍ବଜନୀନ କାଳୀପୂଜା କମିଟି ପକ୍ଷରୁ ଏକ ବନ୍ଧୁ ମିଳନ ଶୈଳଙ୍ଗ ମଠ ହୁଡ଼ି ନିକଟରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଆୟ ବ୍ୟୟର ହିସାବ ହୋଇଥିଲା ବେଳେ ସଭାପତି ହରେକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ ସଂପାଦକ ସୁରେଶ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତାରାରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଘରୋଇ ବସ୍ ମାଲିକ ସଂଘ ସଂପାଦକ ନିର୍ମଳ ମିଶ୍ର, ତ୍ରିଲୋଚନ ସାହୁ, ସୁରେଶ ସାହୁ, ସହସଂପାଦକ ବସନ୍ତ ପେଲେଇ ଉପସଭାପତି ବାବୁଲି ଜେନା, ଉପଦେଷ୍ଟା କେଶବଚନ୍ଦ୍ର ସାହୁ, ରବୀନ୍ଦ୍ର ସେଠୀ, ପରୀକ୍ଷିତ ସାହୁ, କ୍ଷେତ୍ରବାସୀ ସାହୁ, ଅଚ୍ୟୁତ ରଣା, କ୍ଷୀରୋଦ କର, ଅଜୟ ଦାସ ପ୍ରମୋଦ ଦାସ, ସନ୍ତୋଷ ବାରିକ, ଲକ୍ଷ୍ମୀଧର ସାହୁ, ପ୍ରଶାନ୍ତ ଚକ୍ର, ଶୁକଦେବ ମହାରଣା, ରାଜକିଶୋର ସାହୁ, ରତିକାନ୍ତ ସାହୁ, ବ୍ରଜବନ୍ଧୁ ଦାସ, ଦିଲ୍ଲୀପ ଦାସ, ବାମଦେବ ବିଶ୍ୱାଳ, ନରୋତ୍ତମ ବିଶ୍ୱାଳ, ମଙ୍ଗୁଳି ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଇକରୁ ପଡ଼ି ୨ ଆହତ

ବଡ଼ସାହି, ୯।୧(ସମିସ): ବଡ଼ସାହି ଥାନା ଅଧୀନ ଦାମୋଦରପୁର-ବଡସାହି ରାସ୍ତାରେ ୨ଜଣ ଯୁବକ ଭାରସାମ୍ୟ ହରାଇ ପଡ଼ିଯିବାରୁ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ନାଳଗିରି ଥାନା ଅଧୀନ ସଜନାଗଡ଼ ଜାମୁଡ଼ି ଗ୍ରାମର ରାଜେଶ ବିଶ୍ୱାଳ। ତାଙ୍କ ସହିତ ଥିବା ଅନ୍ୟ ଜଣଙ୍କ ପରିଚୟ ମିଳିପାରିନାହିଁ। ବଡସାହି ଅଗ୍ନିଶମ ବିଭାଗ ସେମାନଙ୍କୁ ଉଦ୍ଧାର କରି ବଡସାହି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ବଡସାହି ପଞ୍ଚାୟତକୁ ଭତ୍ତା ଆଣିବାକୁ ଆସିଥିବା କୁଞ୍ଜ କୁଅଁର ପଡିଯିବାରୁ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାର ଜଣାଯାଇଛି।

# କପ୍ତିପଦା ମହୋତ୍ସବ ଉଦ୍‌ଘାଟିତ

କପ୍ତିପଦା, ୯।୧(ସମିସ)



ଆଜି କପ୍ତିପଦା ମହୋତ୍ସବ ଆରମ୍ଭ ହୋଇଛି। ମହୋତ୍ସବକୁ ମୁଖ୍ୟବକ୍ତା ଭାବେ ବିଧାୟକ ଭାସ୍କର ମଢେଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହା ପୂର୍ବରୁ କପ୍ତିପଦା ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରା କପ୍ତିପଦା ବଜାର, ବଡ଼ସାହି, ତେନ୍ତୁଳି ସାହି ଦେଇ ଦିଲଖୁସ ମେଲୋଡି (ଜୁନାଗଡ଼)ର ଦୁଲଦୁଲି ବାଦ୍ୟ ମାଧ୍ୟମରେ କପ୍ତିପଦା ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲା। ବିଧାୟକ ଭାସ୍କର ମଢେଇ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିପିନସିଂ ବଦ୍ରା, ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସୋରେନ, ବ୍ଲକ ଉପାଧ୍ୟକ୍ଷା ଦାନଗୀ ହାଁସଦା, ତହସିଲଦାର ଆଶିଷ ମହାପାତ୍ର, ଜିଲ୍ଲା ପରିଷଦ ସିରୁ ସରେନ, ସରପଞ୍ଚ କଲ୍ୟାଣି ସାମାଡ, ଦୁଃଖିନୀ ନାୟକ, ଶରତ ଚନ୍ଦ୍ର ମିଶ୍ର, ସୁବାସ ଚନ୍ଦ୍ର ସାଏ, ପ୍ରତାପ ଚନ୍ଦ୍ର ସାହୁ, କମିଟିର ସଭାପତି ମାକୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ପରେ ଅତିଥିଙ୍କ ଦ୍ୱାରା ମହୋତ୍ସବ ବେଲୁନ ଉଡାଣ କରାଯାଇଥିଲା। ଏହାପରେ ମୁଖ୍ୟବକ୍ତା ଭାସ୍କର ମଢେଇ ଆମ କପ୍ତିପଦା ମହୋତ୍ସବ ସମ୍ପର୍କରେ ଆଲୋଚନା କରି ଆଗାମୀ ଦିନରେ ଏହାର ଉତ୍ତର ଓଡ଼ାର ଉନ ଉନ୍ନତି କାମନା କରିବା ସହିତ କପ୍ତିପଦାର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ସମସ୍ତ ଜନସାଧାରଣ ଓ ଯୁବ ବର୍ଗଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବ ନିଶ୍ଚିତ ଭାବେ କପ୍ତିପଦାର ଗର୍ବ ଗୌରବ ଫେରାଇ ଆଣିବାକୁ ସମର୍ଥ ହେବ। ଅନ୍ୟ ଅତିଥିମାନେ ମହୋତ୍ସବ ସମ୍ପର୍କରେ ଆଲୋଚନା କରି ମହୋତ୍ସବ ଭାଇଚାରାକୁ ବଜାୟ ରଖିବା ସହିତ ଅଞ୍ଚଳରେ ଲୁପ୍ତ କଳା ସଂସ୍କୃତିର ପୁନରୁଦ୍ଧାର କରିହେବ ବୋଲି କହିଥିଲେ। ପରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ପାଦକ ତପନ ବାରିକ ଓ ରାଜକିଶୋର ବେହେରା ମଞ୍ଚ ପରିଚାଳନା କରିବା ସହିତ ଅତିଥିଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆନନ୍ଦପୁର କଲେଜ ଆନ୍ତବିଭାଗୀୟ କର୍ମଶାଳା




ଆନନ୍ଦପୁର, ୯।୧ (ସମିସ): ଆନନ୍ଦପୁର ମହାବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ସାଇନ୍ସ ସୋସାଇଟି ତରଫରୁ ଆନ୍ତବିଭାଗୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଆମେରିକା ଭିରଜିନିଆ ଷ୍ଟେଟ ବିଶ୍ୱବିଦ୍ୟାଳୟର ଡକ୍ଟର ଚନ୍ଦନ ଭୂଷଣ ସାମନ୍ତରାୟ କମ୍ପ୍ୟୁଟିଂ, ଲେଜର, ଜୈବ ପ୍ରଯୁକ୍ତି ବିଦ୍ୟାରେ କିଭଳି ପ୍ରୟୋଗ କରାଯାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇଁ ଚରଣ ରାଉତ, ଯୋଗ ଦେଇଥିଲେ। ପୁଷ୍ପଲତା ରାମ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଅଧ୍ୟାପିକା ମିତାଶ୍ରୀ ବେହେରା ସଂଯୋଜନା କରିଥିବା ବେଳେ ଡକ୍ଟର ଶକ୍ତିପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଭାରତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଅନିତା ଦାସ, ମମତା ମିଶ୍ର, ତନୁଶ୍ରୀ ପଣ୍ଡା, ସୁରୁଚି ସମ୍ପନ୍ନ ସ୍ୱାଇଁ, ଆଦ୍ୟାଦେବ ମହାନ୍ତି, ଅଧ୍ୟାପକ ବିଶ୍ୱରଂଜନ ସାହୁ, ସୁବ୍ରତ ସାହାଣୀ, ନରେଶ ସାହା, ପ୍ରତାପ କଅଁର, ମନୋଜ ନାୟକ, ରିମନ ଆଚାର୍ଯ୍ୟ, ଡ ଉତ୍ତମ ପାଣିଗ୍ରାହୀ, ବିଜୟ ସାହୁ, ପୂର୍ଣ୍ଣାନନ୍ଦ ପାର୍ଥସାରଥୀ ଶଙ୍ଖୁଆ, ପ୍ରଫୁଲ୍ଲ ପଣ୍ଡା, ବିଶ୍ୱଜିତ ରାଉତ, ଦିବ୍ୟରଞ୍ଜନ ସାହୁ, ରୋଶନ୍ ଭେଂରା ସହଯୋଗ କରିଥିଲେ।

## କଂଗ୍ରେସ ରାଜ୍ୟ ସମ୍ପାଦକଙ୍କ ଧାନମଣ୍ଡି ପରିଦର୍ଶନ



କରଞ୍ଜିଆ, ୯।୧(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତଥା କରଞ୍ଜିଆ ବିଧାନସଭା ନିର୍ବାଚନମଣ୍ଡଳୀର ଯୁବ ନେତା ଲକ୍ଷ୍ମୀଧର ସିଂ ଆଜି ପାଟବିଲ ଲ୍ୟାମ୍ପର ତାଟୋ ସ୍ଥିତ ଧାନମଣ୍ଡି ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଚାଷୀ ଓ ଲ୍ୟାମ୍ପ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ବାରମ୍ବାର ବାହାସ୍ଫୋଟ ସତ୍ତ୍ୱେ ଧାନମଣ୍ଡିରେ କଟନି ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀ କରିଥିବା ଧାନ ଅମଳ ପରିମାଣଠାରୁ ଅଧିକାଂଶ ଚାଷୀଙ୍କ କମ୍ ପରିମାଣର ଧାନ କିଣାଯିବାର ଟୋକନ ଆସିଥିବାରୁ ଚାଷୀ ହତାଶ ହେଉଛନ୍ତି। ଏହି ଅଞ୍ଚଳରେ ପ୍ରବଳ ହାତୀ ଉପଦ୍ରବ ହେଉଥିବାବେଳେ ଧାନ କିଣା ମନ୍ଥର ଗତିରେ ଚାଲୁଥିବାରୁ ଚାଷୀକୁଳ ଆତଙ୍କିତ ଅଛନ୍ତି। କେତେବେଳେ କାହା ଘରେ ହାତୀ ଘରେ ପଶି ଧାନ ଖାଇବା ସହ ଲୋକଙ୍କୁ ଆକ୍ରମଣ କରୁଥିବା ବାରବାର ଖବର ଆସୁଛି। ଏଭଳି ପରିପ୍ରେକ୍ଷୀରେ ସରକାର ତୁରନ୍ତ ହସ୍ତକ୍ଷେପ କରି ସମସ୍ତ ଧାନ ସମୟସୀମା ଭିତରେ କ୍ରୟ କରିବାକୁ ରାଜ୍ୟ ସମ୍ପାଦକ ପ୍ରେସ ବିବୃତ୍ତିରେ ଦାବି କରିଛନ୍ତି। ଏ ଅବସରରେ ବରିଷ୍ଠ କଂଗ୍ରେସ ନେତା ଶେଖ୍ ଜାକିର ହୁସେନ, ସୁଭାଷ ସଂଖୀଆଳ, ହରେକୃଷ୍ଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁକ୍ତ ତିନି ଛାତ୍ରୀଙ୍କ ଆତ୍ମରକ୍ଷା ଶିବିର




ହାଟଡ଼ିହୀ, ୯।୧(ସମିସ): ଆଞ୍ଚଳିକ ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମବର୍ଷ ବାଳିକା ମାନଙ୍କର ଆତ୍ମରକ୍ଷା ଶିବିର ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତଙ୍କ ଅଧ୍ୟକ୍ଷତା ଏବଂ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ନିଲମ୍ ସ୍ୱାୟନ୍ ଏବଂ ଅଧ୍ୟାପିକା ସ୍ୱାଗତିକା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ପ୍ରଶିକ୍ଷିକା ଶ୍ରୀମନ୍ତିନୀ ସାହୁ ବାଳିକାଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦେଇଥିଲେ। ଅଧ୍ୟାପକ ଗୌରାଙ୍ଗ ଚରଣ ନାୟକ, ରବିନ୍ଦ୍ରନାଥ ଜେନା, ସନାତନ ଖୁଣ୍ଟିଆ, ଅଧ୍ୟାପିକା ପ୍ରିୟଙ୍କା ମହାନ୍ତି ଏବଂ ଅଧ୍ୟାପିକା ଚୁମୁକିରାଣୀ ନାଏକ, ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ୧୯ ତାରିଖ ଯାଏଁ ଶିବିର ଚାଲୁ ରହିବ।

## ଭତ୍ତା ପାଇଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା




ରାଇରଙ୍ଗପୁର, ୯।୧(ସମିସ): ବୃଦ୍ଧାବସ୍ଥାରେ ଭତ୍ତା ପାଇଁ ବୃଦ୍ଧ ଲୋକ ଜଣକ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ବୃଦ୍ଧ ଜଣକ ଭତ୍ତା ପାଇଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। କୁସୁମୀ ବ୍ଲକ୍ ଅନ୍ତର୍ଗତ ହାଟବାଦଡା ଅଞ୍ଚଳର ଖେରଣା ଗ୍ରାମର ନୀଲୁ ମହାନ୍ତ ବୃଦ୍ଧ ଅବସ୍ଥାରେ ବାର୍ଦ୍ଧକ୍ୟ ଭତ୍ତା ନିମନ୍ତେ ଗତ ୨୪/୦୪/୨୦୨୪ରେ ଆବେଦନ କରିଛନ୍ତି। କିନ୍ତୁ ବର୍ଷ ବର୍ଷ ବିତିଗଲେ ସୁଦ୍ଧା ତାଙ୍କୁ ଭତ୍ତା ମିଳୁନାହିଁ। ସେ ଗରିବ ଶ୍ରେଣୀର ଲୋକେ ହୋଇଥିବାବେଳେ କଷ୍ଟ ମଧ୍ୟରେ ନିଜକୁ ପ୍ରତିପୋଷଣ କରୁଛନ୍ତି। ତାଙ୍କ ଶରୀର ଅସୁସ୍ଥ ଥିବାବେଳେ ଚିକିତ୍ସା ନିମନ୍ତେ ଅର୍ଥ ମଧ୍ୟ ନାହିଁ। ଔଷଧ ସେବନ ନିମନ୍ତେ ଅର୍ଥ ବାଧକ ସାଜିଛି। ତାଙ୍କୁ ଭତ୍ତା ମିଳିଲେ ବାର୍ଦ୍ଧକ୍ୟ ଅବସ୍ଥାରେ କାହା ଉପରେ ନିର୍ଭର ନକରି ବଞ୍ଚିପାରିବେ। ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଭତ୍ତା ନ ମିଳିଲେ ଆଗକୁ ଆନ୍ଦୋଳନ ତୀବ୍ରତର କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର, ୯।୧ (ସମିସ): ବେଆଇନ ବାଲି ଚୋରା ଚାଲାଣ ବେଳେ ବାଦାମପାହାଡ଼ ଥାନା ପୁଲିସ ପକ୍ଷରୁ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ପୁଲିସ ପାଟ୍ରୋଲିଂ କରି ବୁରୁଡ଼ିହି ଗ୍ରାମ ନିକଟରେ ଚଢ଼ଉ କରି ଟ୍ରାକ୍ଟର ଜବତ କରିଛନ୍ତି। ନଦୀ ଘାଟରେ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଟ୍ରାକ୍ଟର ଚାଳକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଗୋଚାଲାଣ ବେଳେ ୮ ଗୋରୁ ଉଦ୍ଧାର

ରାଇରଙ୍ଗପୁର, ୯।୧ (ସମିସ): ଦିନକୁ ଦିନ ବେଆଇନ ଗୋଚାଲାଣ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଜାରି ଥିବାବେଳେ ବାଦାମପାହାଡ଼ ଥାନା ପୁଲିସ ଦ୍ୱାରା ଗୋଚାଲାଣ ବେଳେ ୮ଟି ଗୋରୁ ଉଦ୍ଧାର ହୋଇଛନ୍ତି। ଗାଚାଲାଣ ନେଇ ପୁଲିସକୁ ଖବର ମିଳିଥିଲା। ଏକ ଟିମ କୁସୁମୀ ଗ୍ରାମ ନିକଟ ରାସ୍ତାରେ ଚଢ଼ଉ କରିଥିଲେ। ବୋଲେରୋକୁ ଅଟକାଇଥିବା ବେଳେ ଚାଳକ ଜଣକ ଫେରାର ହୋଇଯାଇଥିଲା। ଏଥିରୁ ୮ଟି ଗୋରୁ ଉଦ୍ଧାର କରାଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

## ଉଦଳା ଏନଏସି ଅଫିସ ଆଗରେ ମହିଳାଙ୍କ ଧାରଣା

ଉଦଳା, ୯।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଏକ ନିର୍ଦ୍ଦିଷ୍ଟ ସ୍ୱୟଂସହାୟକ ଗୋଷ୍ଠୀକୁ ସମସ୍ତ କାମ ଦିଆଯାଉଥିବା ଅଭିଯୋଗ ହୋଇଛି। ଉକ୍ତ ସ୍ୱୟଂସହାୟକ ଗୋଷ୍ଠୀକୁ ମନଇଚ୍ଛା ଚଞ୍ଚକତାର ସହ ଟେଣ୍ଡର କରାଯାଉଥିବା ଅଭିଯୋଗ ନେଇ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଶତାଧିକ ମହିଳା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏନଏସି ପକ୍ଷରୁ ଆହାର, ପିଡିଏସ ଓ ଅନ୍ୟ ଉନ୍ନୟନ କାମ ନିମନ୍ତେ ହେଉଥିବା ଟେଣ୍ଡରରେ ଚଞ୍ଚକତା କରାଯାଉଥିବା ଅଭିଯୋଗ ହୋଇଛି। କେତେକ ନିର୍ଦ୍ଦିଷ୍ଟ ସ୍ୱୟଂସହାୟକ ଗୋଷ୍ଠୀକୁ ସମସ୍ତ କାମ ଦିଆଯାଉଥିବାବେଳେ ଅନ୍ୟ ସ୍ୱୟଂସହାୟକ ଗୋଷ୍ଠୀକୁ ଏହାର କୌଣସି ଖବର ପ୍ରଦାନ କରାଯାଉ ନ ଥିବା ସହିତ ସେମାନେ ଖବର ପାଇ ପାରୁନାହାନ୍ତି। ଏହାକୁ ବିରୋଧ କରି ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହିତ ବିକ୍ଷୋଭପ୍ରଦର୍ଶନ କରିଛନ୍ତି। ଏହାସହିତ ସମସ୍ତ କାର୍ଯ୍ୟରେ ଆଉଥରେ ଟେଣ୍ଡର ଆହ୍ୱାନ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

## ମେଳା କମିଟିର ସମ୍ପାଦକଙ୍କ ପରଲୋକରେ ଶୋକସଭା



ଖୁଣ୍ଟିଂ, ୯।୧(ସମିସ): ଶୁକୃଲି ବ୍ଲକ ଅନ୍ତର୍ଗତ ଐତିହ୍ୟ ସମ୍ପନ୍ନ ଗ୍ରାମ ଖୁଣ୍ଟିଂର ବିଶିଷ୍ଟ ସମାଜସେବୀ ତଥା ଜାଗର ମେଳା କମିଟି ସମ୍ପାଦକ ଯୋଗେନ୍ଦ୍ର ନାଥ ନାଏକଙ୍କ ପରଲୋକରେ ଶୋକସଭା ଅନୁଷ୍ଠିତ ହୋଇଛି। ଜାଗର ମେଳା ପଡିଆରେ ବରିଷ୍ଠ ସଂଗଠକ ଇଂ ସୁଶାନ୍ତ ନାଏକଙ୍କ ଆବାହକତ୍ୱରେ ଶୋକ ସଭା ଆୟୋଜିତ ହୋଇଥିଲା। ଏଥିରେ କୀର୍ତ୍ତନ ନାଏକ, ଦିଲ୍ଲୀପ ପାଣିଗ୍ରାହୀ, ବଳଭଦ୍ର ଘଡାଇ, ଅଭିଷେକ ପାଣିଗ୍ରାହୀ ପ୍ରମୁଖ ମେଳା କମିଟି ସଦସ୍ୟ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଯୋଗଦେଇ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରିଥିଲେ।

## ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ

ବିଶୋଇ, ୯।୧(ସମିସ): ବିଶୋଇ ବଜରଙ୍ଗ ପୀଠ କମିଟି ଆନୁକୂଲ୍ୟରେ ବଜରଙ୍ଗ ପୀଠସ୍ଥ ହନୁମାନ ମନ୍ଦିର ବାର୍ଷିକ ଉତ୍ସବ ନିମନ୍ତେ କଳସ ଯାତ୍ରା ଓ ତ୍ରିଦିନାତ୍ମକ ବିଶ୍ୱ ଶାନ୍ତି ବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁରରୁ ଆଗତ ମୁଖ୍ୟ ପଣ୍ଡିତ ଚିତ୍ତରଞ୍ଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସହଯୋଗୀ ଆଚାର୍ଯ୍ୟ ସଚ୍ଚିଦାନନ୍ଦ ମିଶ୍ର, ଜିତେନ୍ଦ୍ରିୟ ଶତପଥି, ମନୋରଞ୍ଜନ ନନ୍ଦ ଓ ଅକ୍ଷୟ ପାଢୀଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ସମାପନ ହୋଇଥିଲା। ବୁଧବାର ଦିନ ଭକ୍ତଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହେବାପରେ ଯଥା ରୀତିନୀତିରେ ଗୋପୂଜା, ଅଗ୍ନି ସ୍ଥାପନ, ମଣ୍ଡଳାଦି ପୂଜା ଅନୁଷ୍ଠିତ ହୋଇଥିଲା। ଗୁରୁବାର ଅର୍ଘ୍ୟଦାନ, ମଣ୍ଡଳାଦି ପୂଜନ ସପ୍ତସତୀ ଚଣ୍ଡୀ ଆହୂତି ସମାପନ ହେବା ପରେ ଆଜି ଶେଷ ଦିବସରେ ଶ୍ରୀମଦ ଭାଗବତ ଗୀତା ଆହୁତି ଓ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା।

# ବନ୍ଧୁ ମିଳନରେ ଏକଜୁଟ୍ ହେଲେ ପୌରାଞ୍ଚଳ ବିଜେଡି କର୍ମୀ

ଆନନ୍ଦପୁର, ୯।୧(ସମିସ




ଆନନ୍ଦପୁର ବ୍ୟାରେଜ୍ ସାଇଡରେ ଆନନ୍ଦପୁର ପୌରାଞ୍ଚଳ ବିଜେଡିର ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। କର୍ମୀମାନେ ଆନନ୍ଦପୁର ବସଷ୍ଟାଣ୍ଡଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଇଥିଲେ। ନଗର ସଭାପତି ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଦଳୀୟ କର୍ମୀମାନେ ଏବେବି ସଂଗଠିତ ରହିଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଜିଲ୍ଲା ଯୁବବିଜେଡି ସଭାପତି ରାକେଶ ରାମ୍, ପୂର୍ବତନ ନଗର ସଭାପତି ସୁଶୀଲ ହୋତା, ବରିଷ୍ଠନେତା ଦାଶରଥୀ ପଣ୍ଡା, ସତ୍ୟବ୍ରତ ରାମ ଶୁଭ୍ରଜିତ ରାମ କାଉନସିଲର ସୁରେନ୍ଦ୍ର ଦାସ, ଦଳୀୟନେତା ପ୍ରମୋଦ ସାହୁ ପ୍ରମୁଖ ସାଂଗଠନିକ ଆଲୋଚନା କରିଥିଲେ। ଯୁବନେତା ଦେବପ୍ରିୟ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଜିତେନ୍ଦ୍ର ସାମଲ, କାଉନସିଲର ସୁଜିତ ସାହୁ, ଲୀନାରାଣୀ ସାହୁ, ମଣିଲତା ରାମ୍, ସୁପ୍ରିୟା ମିଶ୍ର, ରଶ୍ମିତା ବାରି, ଅଜୟ ସାହୁ, ନିରଞ୍ଜନ ସାହୁ, ତୋଫାନ ସାହୁ, ପିଙ୍କୁଲ ରାମ୍, ସତ୍ୟନାରାୟଣ ସାହୁ, ଛାବୁଲି ଧଳ, ସୌମ୍ୟରଂଜନ ରାମ୍, ସିଦ୍ଧାର୍ଥ ସାହୁ, ନିଳାମ୍ବର ଖଟୁଆ ପ୍ରମୁଖ ସାମିଲ ଥିଲେ।

### ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ୍

## ୟୁନିଅନ ସ୍ପୋର୍ଟିଂ ଫାଇନାଲକୁ ଉନ୍ନୀତ




କରଞ୍ଜିଆ, ୯।୧(ସମିସ): ଚଢ଼େଭୋଳସ୍ଥ ଦି ଆଜାଦ ସ୍ପୋର୍ଟ୍ସ ଏଣ୍ଡ କଲଚରାଲ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ଭୁବନେଶ୍ୱରକୁ ହରାଇ କଟକ ୟୁନିଅନ ସ୍ପୋର୍ଟିଂ କ୍ଲବ୍ ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ଏମଡି ଶିଲାଉଦ୍ଦିନ ଓ ଏମଡି ଆସରଫୁଲ ଯୋଗ ଦେଇ ଉଭୟ ଦଳ ଖେଳାଳିଙ୍କ ସହିତ ପରିଚିତ ହୋଇ ଖେଳକୁ ଆରମ୍ଭ କରିଥିଲେ। କଟକ ଦଳ ନିର୍ଦ୍ଧାରିତ ୨୦ ଓଭର ଖେଳି ୫ ୱିକେଟ ହରାଇ ୨୧୫ ରନ କରିଥିବାବେଳେ ଜବାବରେ ଭୁବନେଶ୍ୱର ଦଳ ୧୪.୨ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ମାତ୍ର ୯୪ ରନ କରି ପରାସ୍ତ ହୋଇଥିଲା।

## ଆଜିର ରାଶିଫଳ

**ମେଷ:** ସକରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ। ପୂର୍ବର ଭୁଲ୍‌କୁ ଅନୁଧ୍ୟାନ କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବେ। ବ୍ୟବସାୟରେ ସଫଳତା ପାଇବେ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଉଧାର ଟଙ୍କା ଫେରି ପାଇପାରନ୍ତି।

**ମିଥୁନ:** ଆର୍ଥିକ ସ୍ଥିତି ଠିକ୍ ରହିବ। ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଅଯଥା କଥାରେ ଯୁକ୍ତି କରନ୍ତୁନି। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି।

**କର୍କଟ:** ମାନସିକ ଶାନ୍ତି ମିଳିବ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ। ଗୁରୁଜନଙ୍କଠାରୁ ପରାମର୍ଶ ନେବା ଫଳପ୍ରଦ।

**ସିଂହ:** ଅନ୍ୟମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁନି। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସମସ୍ୟାରେ ପଡ଼ିବାର ଆଶଙ୍କା ଅଧିକ। ଅଯଥା ଖର୍ଚ୍ଚରୁ ଦୂରେଇ ରହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ପରିବାର ସହିତ ସମୟ ବିତାନ୍ତୁ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି। ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ମହିଳାମାନଙ୍କ ପାଇଁ ଦିନଟି ଭଲ।

**ବିଛା:** ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ନିଜେ ନିଅନ୍ତୁ। ଯୋଜନା ଅନୁସାରେ କାମ କରିବା ଭଲ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି। ରାଜନୀତିରେ ସକ୍ରିୟ ରହିପାରନ୍ତି। ମନ ମୁତାବକ କାମ କରନ୍ତୁ।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ର ସହକର୍ମୀଙ୍କ ସହଯୋଗ ମିଳିବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ।

**ମକର:** ଯୁବପିଢ଼ିଙ୍କ ପାଇଁ ଦିନଟି ଭଲ। ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଅଟକି ଥିବା ଅର୍ଥ ଫେରିପାଇବେ। ଅତିଥି ସତ୍କାରରେ ଦିନ ବିତିବ। ବିଦ୍ୟାର୍ଥୀମାନେ ଶିକ୍ଷା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।

**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ। ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ। ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

## ଆଜିର ଇତିହାସ

- ୧୮୩୯-ଭାରତୀୟ ଚା' ଇଂଲଣ୍ଡରେ ପହଞ୍ଚିଥିଲା।
- ୧୮୬୩-ଲଣ୍ଡନରେ ପ୍ରଥମ ମେଟ୍ରୋ ରେଳସେବାର ଆରମ୍ଭ ହେଲା।
- ୧୯୪୬-ମିଳିତ ଜାତିସଂଘର ପ୍ରଥମ ବୈଠକରେ ୫୧ଟି ରାଷ୍ଟ୍ର ଅଂଶଗ୍ରହଣ କଲେ।
- ୧୯୬୩- ଭାରତ ସରକାର ସ୍ୱର୍ଣ୍ଣ ନିୟନ୍ତ୍ରଣ ଯୋଜନାର ଆରମ୍ଭ କଲେ ।
- ୨୦୦୮ - ଟାଟା ମୋଟର୍ସ ଲକ୍ଷେ ଟଙ୍କିଆ ନାନୋ କାର୍‌କୁ ବଜାରକୁ ଆଣିଲା।



## ନଦୀ ସଫା କରିବ ରୋବଟ୍

ଜଳବାୟୁ ପରିବର୍ତ୍ତନ, ଅନିୟନ୍ତ୍ରିତ ସହରୀକରଣ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଏବେ ନଦୀ, ଜଳାଶୟଗୁଡ଼ିକ ପ୍ରଦୂଷିତ ହେଉଛି। ଏହି ସମସ୍ୟାର ସମାଧାନ ଲାଗି ଦକ୍ଷିଣ କୋରିଆର ଅଟୋନମସ୍ ରୋବଟ୍ କମ୍ପାନି 'ଇକୋପିସ୍' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହାତକୁ ନେଇଛି। ଏହି କମ୍ପାନି ଏବେ ତାର ଜଳ ଗୁଣାବତ୍ତା ପରିଚାଳନା ପଦ୍ଧତିକୁ ବିଶ୍ୱସ୍ତରରେ ବିସ୍ତାର କରିବା ପାଇଁ ଯୋଜନା କରିଛି। ଏବେ ଜଳ ଉତ୍ସଗୁଡ଼ିକ ପ୍ରଦୂଷଣ, ସହରାଞ୍ଚଳର ବିକାଶ ଏବଂ ଶୈବାଳ ଯୋଗୁଁ ପ୍ରଦୂଷିତ ହେଉଛନ୍ତି। ଏଭଳି ସ୍ଥିତିରେ ପାରମ୍ପରିକ ଉପାୟରେ ନଦୀଗୁଡ଼ିକୁ ପରିଷ୍କାର କରିବା ସହଜ ନୁହେଁ। ତେଣୁ ଇକୋପିସ୍ ପ୍ରଦୂଷିତ ଜଳକୁ ସଫା ଲାଗି ଆଡଭାନ୍ସ ରୋବଟ୍ ଏବଂ ଏଆଇକୁ ବ୍ୟବହାର କରୁଛି। ଇକୋପିସ୍‌ର ରୋବଟ୍‌କୁ ଇକୋବଟ୍ କୁହାଯାଉଛି। ଏହା ଅଧା ପାଣିରେ ବୁଡ଼ି ରହେ ଏବଂ ଏହା ପୂରାପୂରି ସ୍ୱୟଂଚାଳିତ। ଏହା ପାଣିରେ ଥିବା ଶୈବାଳକୁ ଚିହ୍ନଟ କରି ପରିଷ୍କାର କରେ। ସଫେଇ ଲାଗି ଏଥିରେ ଷ୍ଟେନଲେସ୍ ଷ୍ଟିଲ୍ ମାଇକ୍ରୋ ଫିଲଟର୍ ଲଗାଯାଇଛି। ଏହାର ଅନ୍ୟତମ ବିଶେଷତ୍ୱ ହେଉଛି, ଏହା ନିଜେ ନିଜକୁ ସଫା କରିବାକୁ ସକ୍ଷମ। ଏପରିକି ଆବଶ୍ୟକତା ପଡ଼ିଲେ ଇଲେକଟ୍ରୋକେମିକାଲ ଟ୍ରିଟ୍‌ମେଣ୍ଟ ମାଧ୍ୟମରେ ଏହା ଜଳରେ ଥିବା ପ୍ରଦୂଷକ ତତ୍ତ୍ୱକୁ ନଷ୍ଟ କରିପାରେ। ଉଲ୍ଲେଖନୀୟ କଥାଟି ହେଲା, ଏହି ରୋବଟ୍‌କୁ ଲଗାତାର କାମ କରିବା ପାଇଁ ଡିଜାଇନ୍ କରାଯାଇଛି। ଅନେକ ପ୍ରକାର ସେନସର୍ ସହିତ ଏହା କାମ କରିଥାଏ, ଯାହାକି ବାସ୍ତବିକ ସମୟ ମଧ୍ୟରେ ପାଣି ସହିତ ଜଡ଼ିତ ତଥ୍ୟକୁ ଏକତ୍ର କରେ। ଏହି ତଥ୍ୟ ଏଆଇ ସିଷ୍ଟମ୍ ପର୍ଯ୍ୟନ୍ତ ପହଞ୍ଚେ। ଏହା ପରିସ୍ଥିତି ଅନୁସାରେ, ଜଳ ପ୍ରବାହ ଏବଂ ଫିଲ୍ଟେରେସନକୁ ସ୍ୱୟଂଚାଳିତ ଭାବରେ ନିୟନ୍ତ୍ରଣ କରେ। ଏହାଦ୍ୱାରା ନଦୀରେ ଶୈବାଳ ବିସ୍ତାର ହେବାରୁ ରକ୍ଷା କରାଯାଇ ପାରିବ।



## ବିଶ୍ୱ ହିନ୍ଦୀ ଦିବସ

ଦେଶ ତାର ସୀମା ଓ ଭୌଗଳିକ ପରିସ୍ଥିତି ଯୋଗୁଁ ଚିହ୍ନିତ ହୋଇଥାଏ । ଏହା ପରେ ଏହାର ସବୁଠାରୁ ବଡ଼ ପରିଚୟ ହେଉଛି ତାର ଭାଷା । ଶହ ଶହ ବର୍ଷ ଧରି ସମଗ୍ର ଦେଶକୁ ଏକୀକରଣ କରିବା ପାଇଁ 'ହିନ୍ଦୀ' ଭାଷା କାର୍ଯ୍ୟ କରିଆସୁଛି। ଏହା ଭାରତର କୋଟି କୋଟି ଲୋକଙ୍କର ମାତୃଭାଷା ଅଟେ। ହିନ୍ଦୀର ମହତ୍ତ୍ୱ ବଜାୟ ରଖିବା ସହ ଏହାର ପ୍ରଚାର ପ୍ରସାର ପାଇଁ ପ୍ରତି ବର୍ଷ ୧୦ ଜାନୁଆରୀକୁ ସାରା ବିଶ୍ୱରେ 'ବିଶ୍ୱ ହିନ୍ଦୀ ଦିବସ' ଭାବରେ ପାଳନ କରାଯାଏ। କେବଳ ଭାରତ ନୁହେଁ ବରଂ ଅନେକ ଦେଶ ଏହି ଉତ୍ସବରେ ଅଂଶଗ୍ରହଣ କରନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ରେ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ଆୟୋଜନ କରିଥିଲେ। ଯେଉଁଥିରେ ୩୦ଟି ଦେଶର ୧୨୨ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀ ମହାରାଷ୍ଟ୍ରର ନାଗପୁରରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ହିନ୍ଦୀକୁ ବିଶ୍ୱ ସ୍ତରରେ ସର୍ବାଧିକ କଥିତ ଭାଷା ମଧ୍ୟରୁ ଗୋଟିଏ ଭାବରେ ମାନ୍ୟତା ଦେବା ଏବଂ ଅନ୍ତର୍ଜାତୀୟ ଆଲୋଚନାରେ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀର ସ୍ମୃତିରେ ଭାରତ ସରକାର ୨୦୦୬ ମସିହାରୁ ପ୍ରତ୍ୟେକ ବର୍ଷ ଜାନୁୟାରୀ ୧୦ ତାରିଖକୁ ବିଶ୍ୱ ହିନ୍ଦୀ ଦିବସ ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଆନ୍ତର୍ଜାତିକ ସ୍ତରରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୀ ଦିବସ ପାଳନ ପାଇଁ ଘୋଷଣା କରିଥିଲେ। ବିଶ୍ୱର ସବୁଠୁ ଅଧିକ ବ୍ୟବହୃତ ହେଉଥିବା ଭାଷାଗୁଡ଼ିକ ମଧ୍ୟରେ ହିନ୍ଦୀ ଅନ୍ୟତମ। ସେପ୍ଟେମ୍ବର ୧୪କୁ ଜାତୀୟ ହିନ୍ଦୀ ଦିବସ ଭାବେ ପାଳନ କରାଯାଉଥିବାବେଳେ ଜାନୁଆରୀ ୧୦ ତାରିଖକୁ ବିଶ୍ୱ ହିନ୍ଦୀ ଦିବସ ଭାବେ ପାଳନ କରାଯାଏ। ବାସ୍ତବରେ ହିନ୍ଦୀ ଏକ ଭାଷା ନୁହେଁ ବରଂ ଭାରତୀୟ ସମ୍ପର୍କକୁ ଏକତ୍ର କରି ରଖିପାରିଥିବା ଭାଷା। ଏହି ଭାଷା ମାଧ୍ୟମରେ ବ୍ୟକ୍ତି ନିଜର ହଜାର ବର୍ଷ ପୁରୁଣା ସଂସ୍କୃତି ଏବଂ ସଭ୍ୟତା ସହ ଯୋଡ଼ି ରହିଛି। ବୈଶ୍ୱିକ ସ୍ତରରେ ମଧ୍ୟ ହିନ୍ଦୀ ଭାଷା ଲୋକମାନଙ୍କୁ ନିଜ ପ୍ରତି ଆକର୍ଷିତ କରିପାରିଛି। ଏହି କାରଣରୁ ହିନ୍ଦୀ ଭାଷାର ଅନେକ ଶବ୍ଦ ଇଂରାଜୀ ଶବ୍ଦକୋଷରେ ଦେଖିବାକୁ ମିଳିଥାଏ । ସାରା ବିଶ୍ୱରେ ୩୦ରୁ ଅଧିକ ଦେଶରେ ହିନ୍ଦୀ ଶିକ୍ଷା ଦିଆଯାଉଛି ଏବଂ ପାଖାପାଖି ୧୦୦ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଅଧ୍ୟୟନ କେନ୍ଦ୍ର ଖୋଲାଯାଇଛି। ହିନ୍ଦୀ ଭାଷାକୁ ସାରା ବିଶ୍ୱ ଦରବାରରେ ପ୍ରଚାର ପ୍ରସାର କରି ଏହି ଭାଷାର ମହତ୍ତ୍ୱ ବଢ଼ାଇବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ।

## 'ହମ୍‌ରାଜ୍ ୨'ରେ ଏକାଠି ହେବେ କି ଅକ୍ଷୟ-ବବି

'ଧୁରନ୍ଧର' ଫିଲ୍ମ ହିଟ୍ ହେବା ପରେ ଅଭିନେତା ଅକ୍ଷୟ ଖାନ୍ନାଙ୍କ ଲୋକପ୍ରିୟତା ବେଶ୍ ବଢ଼ିଯାଇଛି। ରେହମାନ ଡକାୟତ ଭୂମିକାରେ ଅକ୍ଷୟ ଦର୍ଶକଙ୍କ ମନ ଜିଣିଛନ୍ତି। 'ଆନିମଲ' ଫିଲ୍ମ ରିଲିଜ୍ ହେବା ସମୟରେ ଠିକ୍ ଏହିପରି ବବି ଦେଓ୍ୱଲଙ୍କ ସହ ହୋଇଥିଲା। ରଣବୀର କପୁରଙ୍କ ଅପେକ୍ଷା ବବିଙ୍କ ଅଭିନୟକୁ ବେଶ୍ ପସନ୍ଦ କରାଯାଇଥିଲା। ଏବେ ଦର୍ଶକେ ବବି ଓ ଅକ୍ଷୟଙ୍କୁ 'ହମ୍‌ରାଜ୍'ର ସିକ୍ୱେଲରେ ପୁଣି ଥରେ ଏକାଠି ଦେଖିବାକୁ ଇଚ୍ଛା କରିଛନ୍ତି। ଏକଥା 'ହମ୍‌ରାଜ୍'ର ପ୍ରଯୋଜକ ରତନ ଜୈନଙ୍କ କାନରେ ପଡ଼ିବାରୁ ଭଲ କାହାଣୀ ମିଳିବା ସହ ଉଭୟଙ୍କ ବୟସ ଅନୁସାରେ ଭୂମିକା ମିଳିଲେ ନିଶ୍ଚୟ ସେ ଏହାର ସିକ୍ୱେଲ ଆଣିବେ ବୋଲି କହିଛନ୍ତି। ରତନ, ଅକ୍ଷୟଙ୍କ ବାବଦରେ କହିଛନ୍ତି ଯେ, 'ସେ ଏମିତି ଜଣେ ଅଭିନେତା ଯିଏ ବାଛି ବାଛି ଫିଲ୍ମ କରନ୍ତି। ଯଦି ଫିଲ୍ମର କାହାଣୀ ପସନ୍ଦ ନ ଆସିଲା ତେବେ ସେ ତୁରନ୍ତ ପ୍ରତ୍ୟାଖ୍ୟାନ କରିଦିଅନ୍ତି।' ଏଠାରେ ପ୍ରକାଶ ଥାଉ କି, ଅକ୍ଷୟ ଖାନ୍ନା, ଅମିଷା ପଟେଲ ଓ ବବି ଦେଓ୍ୱଲଙ୍କ ଅଭିନୀତ 'ହମ୍‌ରାଜ୍' ୨୦୦୨ରେ ଆସିଥିଲା। ଏହାର କାହାଣୀ ପ୍ରେମ, ଧୋକା ଓ ସସ୍‌ପେନ୍ସ ଉପରେ ଆଧାରିତ ଥିଲା।




## ମକର ମେଳା



ଜଗଦୀଶ ସାହୁ

କୁନା ମୁନା ଟୁନା ମକର ମେଳା
ବୁଲି ବାହାରିଲେ ଉପର ବେଳା
ଗାଆଁ ପଡ଼ିଆରେ ହେଉଛି ଯାତ
ଦୂରକୁ ଶୁଭୁଛି ମାଇକି ଗୀତ
ଦୋକାନ ବସିଛି ଧାଡ଼ିକି ଧାଡ଼ି
ଜେଜେ କିଣୁଛନ୍ତି ସୁନ୍ଦୁ ପାମ୍ପୁଡ଼ି
ଜେଜେମା କହୁଛି ମିଠେଇ ଖଜା
ଖାଇଲେ ପାଟିକୁ ଲାଗିବ ମଜା
ଜେଜେମା କଥା ଶୁଣିକି ଜେଜେ
ପକେଟ ଅଣ୍ଡାଳି କହିଲେ ନିଜେ
ଅଣ୍ଟାରେ ଅଛି ମୋ ଅଳପ ଧନ
ବେଶି ଖାଇବାକୁ ନ କର ମନ
କହୁଥିଲ ପରା ଦୋଳି ଖେଳିବ
ଖେଳିସାର ଯେବେ ଟଙ୍କା ବଳିବ
କିଣିଦେବି ଗୋଟେ ସୁନ୍ଦର ପାଟ
ପାଟ ପିନ୍ଧି ତମେ କରିବ ନାଟ
ଅନତି ଦୂରରେ ପିଲାଏ ଥାଇ
ଥଟ୍ଟାମଜା ଦେଖି ଆନନ୍ଦ ପାଇ
ହସି କହେ କୁନା ସାଙ୍ଗମାନଙ୍କୁ
କହିବି କଥାଏ ନିଅ ମନଙ୍କୁ
ଜେଜେ ଜେଜେମା ଶିଖାଇ ଦେଲେ
ପରସ୍ପର ସ୍ନେହ ମମତା ଥିଲେ
ଆପେଆପେ ହସି ଉଠିବ ଘର
ଘର ପାଲଟିବ ସରଗପୁର ।

ସଞ୍ଜପଡ଼ା, ଢେଙ୍କାନାଳ
ମୋ-୯୦୭୮୧୮୫୬୧୬



## ବିଶ୍ୱବିଜୟୀ



ସୁଜିତ କୁମାର ମିଶ୍ର

ବାଲ୍ୟ କାଳୁ ଥିଲା ତାଙ୍କର
ଈଶ୍ୱର ଭକ୍ତି ମନ,
ପିତାମାତାଙ୍କୁ କରୁଥିଲେ ସେ
ଶ୍ରଦ୍ଧା ଓ ସନମାନ ।
ଭୁବନେଶ୍ୱରୀ ବିଶ୍ୱନାଥଙ୍କ
କୋଳ ମଣ୍ଡନ କଲେ,
ଦୁଃଖୀରଙ୍କୀଙ୍କ ଆଖିରୁ ସିଏ
ଲୁହକୁ ପୋଛୁଥିଲେ ।
ପିଲାଦିନର ନାମଟି ତାଙ୍କ
ଥିଲା ଯେ 'ବିଲେ' ଜାଣ,
ହୋଇଲେ ସିଏ ନରେନ୍ଦ୍ର ନାଥ
ତା'ପରେ ପ୍ରତିକ୍ଷଣ ।
ଧରମ ଭାବ ପଥରେ ଯାଇ
କରମ କଲେ ନିତି,
ସଂସାର ହିତେ ହେଲେ ସନ୍ୟାସୀ
ତେଜି ସଂସାର ପ୍ରୀତି ।
ଚିକାଗୋ ଯାଇ ରଖିଲେ ଯଶ
ଧରମ ଗୁରୁ ହୋଇ,
ବିଶ୍ୱ ବିଜୟୀ ବୋଲାଇଲେ ସେ
ମିଠା ଭାଷଣ ଦେଇ ।
ପରମ ହଂସ ରାମକୃଷ୍ଣଙ୍କୁ
ବରିଥିଲେ ସେ ଗୁରୁ,
ତାଙ୍କ ଆଦର୍ଶ ଜୀବନେ ଥିଲା
ପ୍ରେରଣା ଭରା ତରୁ ।
ବିବେକାନନ୍ଦ ନାମରେ ସିଏ
ସାରା ଜଗତେ ଖ୍ୟାତ,
ତାଙ୍କୁ ପୂଜିଲେ ହୋଇବ ପିଲେ
ସୁଗମ ଚଲାପଥ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨



## ସୁମନ

## ଜଳବାୟୁକୁ ନେଇ ଜୀବନ



ଦେବେନ୍ଦ୍ର କର

ଗୋଟେ ଜଙ୍ଗଲରେ ଗୋଟେ ବାଘ ରହୁଥିଲା। ସେ ଖୁବ୍ ବଳବାନ ଆଉ ସାହସୀ ଥିଲା। ଜଙ୍ଗଲରେ ତାକୁ ସଭିଏଁ ଖୁବ୍ ଡରୁଥିଲେ। ଦିନେ ସେ ଦୂର ଯାଗାକୁ ଯିବ ବୋଲି ସ୍ଥିର କଲା ଆଉ ତା ଯାତ୍ରା ଆରମ୍ଭ କଲା। ଅନେକ ବାଟ ଅତିକ୍ରମ ପରେ ସେ ଗୋଟେ ମରୁଭୂମିରେ ପହଞ୍ଚିଲା। ଏମିତି ଜାଗା ସେ ପୂର୍ବରୁ କେବେ ଦେଖିନଥିଲା। ମନେ ମନେ ଭାବିଲା, ଏଠି ମତେ କେହି ଚିହ୍ନନ୍ତି ନାହିଁ, ଭଲ ହେଲା ଏଠି ନୂଆନୂଆ ଶୀକାର କରି ମନ ଆନନ୍ଦରେ ଖାଇବି। ହେଲେ ଏ କ'ଣ ଚାରିଆଡ଼େ ଖାଲି ବାଲି ଆଉ ବାଲି। ଛୋଟ ବଡ଼ ଖାଲି କଣ୍ଟାଳିଆ ଗଛ। କେଉଁଠି ଗୋଟେ ଜଳାଶୟ ବି ଦିଶୁ ନ ଥାଏ। ତତଲା ପବନ ଦେହ ପୋଡ଼ି ଦେଉଥାଏ। ଏଇ ସମୟରେ ସେ ଦେଖିଲା ଗୋଟେ ଓଟ ଦଳ ତା ଆଡ଼କୁ ଆସୁଛନ୍ତି। ବାଘ ତାଙ୍କ ପାଖକୁ ଯାଇଁ କହିଲା ମୁଁ ଜଙ୍ଗଲର ରାଜା। ତମ ଆଡ଼େ ମୁଁ ବୁଲି ଆସିଛି। ଦେଖୁଛି ଏ ଜାଗା ତ ବଡ଼ ଅଦ୍ଭୁତ। ଏ ଜାଗାରେ ତମେ ସବୁ କେମିତି ରହୁଛ? ସେହି ଓଟମାନଙ୍କ ମଧ୍ୟରୁ ଓଟଟିଏ କହିଲ- ତୁମ ଜଙ୍ଗଲ ପରି ଇଏ ନୁହେଁ। ଇଏ ହେଲା ମରୁଭୂମି। ଆଉ ଜଣେ ଓଟ କହିଲା, ମରୁଭୂମି ଆମ ବାସଗୃହ। ଏ ଯୋଉ ତତଲା ଖରା ଆଉ ଗରମ ପବନ ଦେଖୁଛ ଇଏ ଆମ ପାଇଁ ସାମାନ୍ୟ ମାତ୍ର। ତୁମେ ଏଠି କଦାପି ଚଳି ପାରିବ ନାହିଁ। ଦିନରେ ଖରା ରାତିରେ ବହୁତ ଥଣ୍ଡା। ଆମେ ମରୁଭୂମିର ବାଦଶାହା। ବାଘ କୋଉ ଛାଡ଼ିଲାବାଲା, ସଙ୍ଗେ ସଙ୍ଗେ ବାହାଦୂରୀ ଦେଖାଇ କହିଲା, ସେମିତି କହିବ ନାହିଁ ମୁଁ ବି ମରୁଭୂମିରେ ରହିପାରିବି। ଏ ଖରାତାତି ମୋ ପାଇଁ ବି ସାମାନ୍ୟ। ଓଟମାନେ ଏକ ସଙ୍ଗରେ କହିଲେ, ସବୁ ଜଳବାୟୁ ସମାନ ନୁହେଁ। କାହିଁ ବାହାଦୂରୀ ଦେଖାଉଛ। ସେମିତି ସାହସ କରନି ନିଜେ ବିପଦରେ ପଡ଼ିବ। ଜଙ୍ଗଲ ଅଲଗା ଆଉ ମରୁଭୂମି ର ନିୟମ ବି ଅଲଗା। ତୁମ ଏଠୁ ଚାଲିଯାଅ ନହେଲେ ଟୋପେ ପାଣି ପାଇଁ ତହଲ ବିକଳ ହୋଇ ଜୀବନ ଚାଲିଯିବ। ବାଘ କିନ୍ତୁ ନିଜ ଜିଦ୍‌ରେ ଅଡ଼ି ବସିଲା। କହିଲା ଦେଖ, ଆଜିଠାରୁ ମୁଁ କେମିତି ମରୁଭୂମିରେ ଆରାମରେ ରହୁଛି। ସେଦିନ ଦିନ ତମାମ ଖରା ଗରମ ସହି ବାଘ କଷ୍ଟେ ମଷ୍ଟେ ମରୁଭୂମିରେ ପଡ଼ି ରହିଲା। ରାତିର ଭୀଷଣ ଥଣ୍ଡା ପଡ଼ିଲା, ଜାକିଜୁକି ହୋଇ କଣ୍ଟାବୁଦା କଡ଼ରେ ଶୋଇଗଲା। ବିଚରା କରିବ କ'ଣ ସାହସ ଦେଖାଇ କହିଦେଇଚି। ବଡ଼ ଅସହ୍ୟ ଥିଲା ଦିନ ଓଳି ତାତି ସାଙ୍ଗକୁ ବାଲିଧୂଳି ଝଡ଼। ହେଲେ ବାଘ ଟିକେ ବି ତା କଷ୍ଟ ଜଣେଇବାକୁ ଦେଲା ନାହିଁ। ଚାହୁଁ ଚାହୁଁ ଦୁଇ ଦିନ ବିତିଗଲା। ତୃତୀୟ ଦିନକୁ ବାଘର ଅବସ୍ଥା ଅସମ୍ଭାଳ ହେଇଗଲା। ଖାଇବା ଦୂର କଥା ପାଣି ଟୋପେ ବି ନାହିଁ କେଉଁଠି। ସବୁ ଆଡ଼େ ବୁଲି ଆସି ନିରାଶ ହେଇ ଫେରିଲା। ଓଟମାନେ କହିଲେ ଆରେ ତୁମକୁ ଏଠି ଖାଦ୍ୟ କି ପାଣି କିଛି ମିଳିବ ନାହିଁ। ଆମେ ସାତ ଆଠ ଦିନରେ ଥରେ ଦୂରକୁ ଯାଇଁ ପାଣି ପିଇ ଦେଇ ଆସୁ, ଏଥିରେ ଆମେ ଅଭ୍ୟସ୍ତ। ବାଘ କହିଲା, ତୁମେ ସତରେ ମରୁଭୂମିର ବାଦଶାହା। ଏଠି ମୋ ତଣ୍ଟି ଶୁଖି ଗଲାଣି, ଦେହହାତ ପୋଡ଼ି ଗଲାଣି। ମୁଁ ଏଠି ଆଉ ଘଡ଼ିଏ ବି ରହିପାରିବି ନାହିଁ। ତୁମେ ତୁମ ମରୁଭୂମିରେ ଭଲରେ ରୁହ ମୁଁ ଚାଲିଲି ମୋ ଜଙ୍ଗଲ। ଜଣେ ବୟସ୍କ ଓଟ ବାଘକୁ ବୁଝେଇଲା, ଜଳବାୟୁକୁ ନେଇ ଜୀବନ। ମରୁଭୂମିରେ ପାଣି ମିଳିବା ସ୍ୱପ୍ନ।ପାଣି ପାଇଁ ଆମକୁ ମାଇଲ ମାଇଲ ଦୂର ଯାତ୍ରା କରିବାକୁ ପଡେ। ଗୋଟେ ଥର ପାଣି ପିଇଲେ ଆମେ ଅନେକ ଦିନ ରହିପାରୁ। ଯିଏ ଯେମିତି ବଞ୍ଚି ପାରିବ ସୃଷ୍ଟିକର୍ତ୍ତା ସେଇ ଅନୁରୂପ ତାକୁ ଗଢ଼ିଛନ୍ତି। ବାଘ ଏଥର ନିଜ ଭୁଲ୍ ବୁଝିଲା ଆଉ ଜଙ୍ଗଲକୁ ଲେଉଟି ଆସିଲା।



ମଙ୍ଗଳାବାଗ, କଟକ
ମୋ-୯୯୩୭୯୬୩୯୧୦

- ଜାନୁଆରୀ ମାସେ ଏ ପର୍ବ ଆସେ
  ମାଳ ମାଳ ଗୁଡ଼ି ଆକାଶେ ଦିଶେ
  ଦକ୍ଷିଣକୁ ଛାଡ଼ି ପ୍ରଭୁ ତପନ
  ଉତ୍ତରକୁ କରନ୍ତି ଆଗମନ
  ଦିନ ବଡ଼ ହୁଏ ସେହି ଦିନରୁ
  ଆରାମ ମିଳଇ ଶୀତ ଦାଉରୁ
  ମହାନ ପରବଟିଏ
  ଚାଉଳ ପ୍ରସାଦ ଲାଗିହୋଇ ଥାଏ
  କୁହ ତା'ର ନାମ କିଏ।
  ଉତ୍ତର-ମକର ସଂକ୍ରାନ୍ତି



- ଚଢ଼େଇ ନୁହେଁ ସେ ଉଡ଼େ ଆକାଶେ
  ପବନ କମିଲେ ତଳକୁ ଖସେ
  ନଟେଇ ସୂତାରେ ତାହାକୁ ଯୋଡ଼ି
  ସରାଗେ ପିଲାଏଁ ତାକୁ ଉଡ଼ାନ୍ତି
  ନାନା ରଙ୍ଗେ ମିଳେ ସିଏ
  କାଗଜରେ ଗଢ଼ା ତାହାର ଶରୀର
  କୁହ ତା'ର ନାମ କିଏ।
  ଉତ୍ତର-ଗୁଡ଼ି

- ତୈଳବୀଜ ସହ ଗୁଡ଼ ମିଶେଇ
  ଅତି ମନଲୋଭା ଲଡ୍ଡୁ ବନଇ
  ମକର ସଂକ୍ରାନ୍ତି ଯେବେ ଆସଇ
  ଭୋଗ ପାଇଁ ସିଏ ଖୋଜା ହୁଅଇ
  ସୁଆଦରେ ଅନୁପମ
  ଧଳା ଅବା କଳା ରଙ୍ଗଟି ତାହାର
  କୁହ ଦେଖି ତା'ର ନାମ।
  ଉତ୍ତର-ରାଶି ଲଡ୍ଡୁ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬







ସଞ୍ଜନା ହେମ୍ବ୍ରମ୍
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ


ହର୍ଷବର୍ଦ୍ଧନ ମଣ୍ଡଳ
ତୃତୀୟ ଶ୍ରେଣୀ
ସେଣ୍ଟ ଜୋସେଫ୍ ସ୍କୁଲ
ୟୁନିଟ୍ ୯, ଭୁବନେଶ୍ୱର


ବେଦବ୍ରହ୍ମା ପାଢ଼ୀ
ଏଲ୍‌କେଜି
କିଡ୍‌ଜି
ପୋଖରୀପୁଟ, ଭୁବନେଶ୍ୱର


ଶାନ୍ତନୁ ଶାନ୍ତିସ୍ୱରୂପ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ମହିଳା ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ମୁମ୍ବଇ, ୯।୧(ଏଜେନ୍ସି): ନୃତ୍ୟ, ସଙ୍ଗୀତ ଓ ଆକର୍ଷଣୀୟ ଆତସବାଜି କାର୍ଯ୍ୟକ୍ରମ ସହ ମହିଳା ପ୍ରିମିୟର ଲିଗ-୨୦୨୬ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଶୁକ୍ରବାର ୫ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ୍ ହିନ୍ଦୀ ସଙ୍ଗୀତର ତାଳେ ତାଳେ ତାଙ୍କ ଟ୍ରୁପ୍ ସହ ନୃତ୍ୟ ପରିବେଷଣ କରିଥିଲେ। ପରେ ତାଙ୍କ ସହ ମିସ୍ ୟୁନିଭର୍ସ ହରନାଜ ସାନ୍ଧୁ ଯୋଗ ଦେଇଥିଲେ। ଶେଷରେ ଖ୍ୟାତନାମା ଗାୟକ ହନି ସିଂ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ସହ ଯୋଗଦେଇଥିଲେ ଜ୍ୟାକ୍‌ଲିନ୍ ଓ ହରନାଜ୍। ଦୀର୍ଘ ଏକ ଘଣ୍ଟା ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା ଓ ଏହାକୁ ଦେଖିବା ଲାଗି ଷ୍ଟାଡିୟମ୍‌ରେ ଖଚାଖଚ ଦର୍ଶକ ଉପସ୍ଥିତ ଥିଲେ। ମହିଳା ପ୍ରିମିୟର ଲିଗ୍‌ର ଲୋକପ୍ରିୟତା ଦର୍ଶକଙ୍କ ଉପସ୍ଥିତି ଦର୍ଶାଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣରେ ଗତବର୍ଷ ଭଳି ୫ଟି ଦଳ ଅଂଶଗ୍ରହଣ କରୁଛନ୍ତି। ମାର୍ଚ୍ଚ ୫ରେ ଟୁର୍ଣ୍ଣାମେଣ୍ଟ ଶେଷ ହେବ। ଅଂଶଗ୍ରହଣକାରୀ ଦଳଗୁଡିକ ହେଲେ ଦୁଇଥର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ, ଥରେ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଜାଏଣ୍ଟସ, ୟୁପି ୱାରିୟର୍ଜ ଓ ଦିଲ୍ଲୀ କ୍ୟାପିଟାଲ୍ସ।

# ନାଦିନ ଡି କ୍ଲେର୍କଙ୍କ ଘାତକ ବୋଲିଂ



ମୁମ୍ବଇ, ୯।୧(ଏଜେନ୍ସି): ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆରମ୍ଭ ହୋଇଛି ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଦୁଇ ଚାମ୍ପିଅନ ଟିମ୍ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ଉଦ୍‌ଘାଟନୀ ମୁକାବିଲା ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୫୪ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ସଞ୍ଜୀବନ ସଜନା ସର୍ବାଧିକ ୪୫ ଓ ନିକୋଲା କ୍ୟାରୀ ୪୦ ରନ୍ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର ଜି କମଳିନୀ ୩୨ ଓ ଅଧିନାୟିକା ହରମନପ୍ରୀତ୍ କୌର ୨୦ ରନ୍ କରିଥିଲେ। ବେଙ୍ଗାଲୁରୁ ପକ୍ଷରୁ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ନାଦିନ ଡି କ୍ଲେର୍କ ଘାତକ ବୋଲିଂ ପ୍ରଦର୍ଶନ କରି ସର୍ବାଧିକ ୪ଟି, ଶ୍ରେୟଙ୍କା ପାଟିଲ ଓ ଲୌରେନ ବେଲ୍ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ଅଧିନାୟିକା ସ୍ମୃତି ମନ୍ଧାନା ଟସ୍ ଜିତିବା ପରେ ମୁମ୍ବାଇ ଇଣ୍ଡିଆନ୍ସକୁ ପ୍ରଥମେ ବ୍ୟାଟିଂ କରିବାର ସୁଯୋଗ ଦେଇଥିଲେ। ଦଳ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ୧୧ ଓଭର ଖେଳ ଶେଷ ବେଳକୁ ମୁମ୍ବାଇ ୬୭ ରନ୍ ମଧ୍ୟରେ ଟପ୍ ଅର୍ଡରର ୪ଜଣ ଖେଳାଳିଙ୍କୁ ହରାଇଥିଲା। ଏହି ସମୟରେ ନିକୋଲା କ୍ୟାରୀଙ୍କ ସହ ସଞ୍ଜୀବନ ସଜନା ଯୋଗଦେବା ପରେ ଖେଳର ସ୍ଥିତି ବଦଳିଯାଇଥିଲା। ଏମାନେ ପ୍ରଥମେ ଧୈର୍ଯ୍ୟର ସହ ଖେଳି ୱିକେଟ ରକ୍ଷା କରିଥିଲେ। ଏହା ପରେ ସୁଯୋଗର ସଦ୍‌ବ୍ୟବହାର କରି ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ଫଳରେ ଏମାନେ ୫ମ ୱିକେଟ ପାର୍ଟନରସିପ୍‌ରୁ ୪୯ ବଲ୍‌ରେ ୮୨ରନ୍ ଉଠାଇ ମୁମ୍ବାଇକୁ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ। ସଜନା ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରି ୨୫ଟି ବଲ୍‌ରୁ ୭ ଚୌକା ଓ ୧ଛକା ସହ ୪୫ ରନ୍ କରି ଶେଷ ଓଭରରେ ଆଉଟ ହୋଇଥିଲେ। ଅନ୍ୟ ପକ୍ଷରେ କ୍ୟାରୀ ୨୯ ବଲ୍‌ରୁ ୪ ଚୌକା ସହ ୪୦ ରନ୍ କରିଥିଲେ। ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୫୪ ରନ୍ କରିଥିଲା। ବେଙ୍ଗାଲୁରୁ ପକ୍ଷରୁ ନାଦିନ ଡି କ୍ଲେର୍କ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଶେଷ ଓଭରରେ ସେ ମୁମ୍ବାଇର ଦୁଇ ସଫଳ ବ୍ୟାଟର ସଜନା ଓ କ୍ୟାରୀଙ୍କୁ ଆଉଟ କରିଥିଲେ।

**ଆଜିର ମ୍ୟାଚ୍**

| | |
|---|---|
| ଗୁଜରାଟ-ୟୁପି | ଅପରାହ୍ଣ ୩ଟା ୩୦ |
| ମୁମ୍ବାଇ-ଦିଲ୍ଲୀ | ରାତି ୭ଟା ୩୦ |

ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର

● ମାଲେସିଆ ଓପନ

# ୮ ବର୍ଷ ପରେ ସେମିଫାଇନାଲ ଖେଳିବେ ସିନ୍ଧୁ



କ୍ୱାଲାଲମ୍ପୁର, ୯।୧(ଏଜେନ୍ସି): ଭାରତର ନଂ-୧ ମହିଳା ଖେଳାଳି ପିଭି ସିନ୍ଧୁ ଦୀର୍ଘ ୯ ବର୍ଷ ପରେ ମାଲେସିଆ ଓପନର ସୁପର-୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଜି ଅନୁଷ୍ଠିତ ମହିଳା ବିଭାଗରେ ପ୍ରଥମ କ୍ୱାର୍ଟର ଫାଇନାଲର ଗୋଟିଏ ସେଟ୍ ପରେ ଡିଫେଣ୍ଡିଂ ଚାମ୍ପିଅନ ତଥା ବିଶ୍ୱର ନଂ-୩ ଖେଳାଳି ଆକାନେ ୟାମାଗୁଚି ମୁକାବିଲାରୁ ଓହରିଯାଇଥିଲେ। ପ୍ରଥମ ସେଟ୍‌ରେ ସେ ୧୧-୨୨ରେ ହାରିଥିଲେ, କିନ୍ତୁ ଏହା ପରେ ତାଙ୍କ ଆଣ୍ଠୁରେ ଯନ୍ତ୍ରଣା ଅଧିକ ହେବାରୁ ସେ ଆଉ ଖେଳି ନ ଥିଲେ। ଏହା ପରେ ସିନ୍ଧୁ ୨୦୧୮ ପରେ ପ୍ରଥମଥର ଏହି ସୁପର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ସହ ସେ ୟାମାଗୁଚିଙ୍କ ସହ ୧୫-୧୨ ମୁକାବିଲାରେ ଆଗୁଆ ରହିଛନ୍ତି।

ଏହି ସଫଳତା କିନ୍ତୁ ଭାରତର ତାରକା ପୁରୁଷ ଡବଲ୍ସ ଯୋଡି ସାତ୍ତ୍ୱିକ ସାଇରାଜ ରଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କୁ ମିଳିନାହିଁ। ଏମାନେ କ୍ୱାର୍ଟର ଫାଇନାଲରେ ଷଷ୍ଠ ସିଡ୍ ଇଣ୍ଡୋନେସିଆର ଫଜର ଆଲଫିଆନ ଓ ମହମ୍ମଦ୍ ସୋହିବୁଲ ଫିକ୍ରିଙ୍କଠାରୁ ୨୩-୧୦, ୨୩-୨୧ରେ ହାରିଯାଇଥିଲେ। ଫଳରେ ସାତ୍ତ୍ୱିକ-ଚିରାଗ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିଲେ।

ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍

# ପ୍ରଥମ ୩ଟି ମ୍ୟାଚ୍‌ରୁ ତିଳକ ବାଦ୍




ବେଙ୍ଗାଲୁରୁ, ୯।୧(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍ ଏବଂ ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଦଳକୁ ଲାଗିଛି ଶକ୍ତ ଧକ୍କା। ନିକଟରେ ପେଟରେ ଅସ୍ତ୍ରୋପଚାର କରିଥିବା ତିଳକ ବର୍ମାଙ୍କୁ ଏହି ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିବା ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି। ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍ ଯଥା ନାଗପୁରରେ ଜାନୁଆରୀ ୨୧, ରାୟପୁରରେ ଜାନୁଆରୀ ୨୩ ଓ ଗୁଆହାଟୀରେ ଜାନୁଆରୀ ୨୫ରେ ଖେଳାଯିବ। ଏହା ପରେ ଜାନୁଆରୀ ୨୮ ଓ ୩୧ରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ତାଙ୍କୁ ସାମିଲ କରାଯିବ କି ନାହିଁ ବିସିସିଆଇ ମେଡିକାଲ ଟିମ୍ ପରୀକ୍ଷା କରିବା ପରେ ନିଷ୍ପତ୍ତି ନେବ। ସୂଚନାଯୋଗ୍ୟ ନିକଟରେ ହାଇଦ୍ରାବାଦ୍ ଦଳର ନେତୃତ୍ୱ ନେଇ ବିଜୟ ହଜାରେ ଟ୍ରଫି ଖେଳୁଥିବା ବେଳେ ତିଳକଙ୍କ ତଳିପେଟରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ମେଡିକାଲରେ ଭର୍ତ୍ତି କରାଯାଇଥିଲା ଓ ପରେ ଅସ୍ତ୍ରୋପଚାର କରାଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ରହିଛି ଓ ମେଡିକାଲରୁ ଛାଡ଼ ପାଇଲେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ ଏକ୍ସିଲେନ୍ସ ଯିବେ। ସେଠାରେ ତାଙ୍କର ପରବର୍ତ୍ତୀ ଫିଟ୍‌ନେସ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏହା ପରେ ସେ ଶେଷ ଦୁଇଟି ମ୍ୟାଚ୍‌ରେ ଖେଳିବେ କି ନାହିଁ ସ୍ପଷ୍ଟ ହେବ। କିନ୍ତୁ ଜଣେ ଅସୁସ୍ଥ ହେବା ପରେ ମ୍ୟାଚ୍ ଫିଟ୍ ହେବା ଲାଗି ବିସିସିଆଇ ପକ୍ଷରୁ ଯେଉଁ ନିର୍ଦ୍ଦେଶାବଳୀ ରହିଛି ସେଥିରେ ତିଳକ ଶେଷ ଦୁଇଟି ମ୍ୟାଚ୍ ଖେଳିବା ସମ୍ଭବ ନୁହେଁ। ଏଣୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍‌ରେ ତାଙ୍କର ଖେଳିବା ଆଶା ବହୁତ କମ୍। ଏହା ପରେ ବିଶ୍ୱକପ୍ ଲାଗି କ'ଣ କରାଯିବ ତାହା ସ୍ଥିର ହେବ। ତିଳକ ବର୍ମାଙ୍କ ଅନୁପସ୍ଥିତି ଭାରତୀୟ ମିଡିଲ ଅର୍ଡରରେ ଶୂନ୍ୟସ୍ଥାନ ସୃଷ୍ଟି କରିବ। ଏଯାଏ କୌଣସି ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯାଇନାହିଁ। ଜଣେ ବାମହାତୀ ଖେଳାଳି ଭାବେ ରିଙ୍କୁ ସିଂଙ୍କୁ ବ୍ୟାଟିଂ ଅର୍ଡରରେ ଉନ୍ନତି କରାଯିବ ବୋଲି ଆଶା କରାଯାଉଛି। ଯେ ଯାହା ହେଉ ତିଳକ ବର୍ମା ଖେଳି ନ ପାରିଲେ ବର୍ତ୍ତମାନ ସ୍ଥିତିରେ ଭାରତୀୟ ଟି-୨୦ ଦଳକୁ ଶକ୍ତ ଧକ୍କା ଲାଗିବା ନିଶ୍ଚିତ ହୋଇଛି।



ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ର ରବିବାର ପ୍ରଥମ ମ୍ୟାଚ୍ ପୂର୍ବରୁ ବରୋଦାରେ ଅଭ୍ୟାସ କରୁଛନ୍ତି ଭାରତୀୟ କ୍ରିକେଟ ଦଳର ସୁପରଷ୍ଟାର ବିରାଟ କୋହଲି।

# ନ୍ୟୁଜିଲାଣ୍ଡ ଦଳରେ ଭାରତୀୟ ବଂଶୋଦ୍ଭବ ଆଦିତ୍ୟ ଅଶୋକ



ବରୋଦା, ୯।୧(ଏଜେନ୍ସି): କ୍ରିକେଟ ଖେଳକୁ ଭାରତର ଧର୍ମ ଓ ସଚିନ ତେନ୍ଦୁଲକରଙ୍କୁ ଈଶ୍ୱର ବୋଲି କୁହାଯାଏ। ଭାରତୀୟମାନେ କେବଳ ଭାରତରେ କ୍ରିକେଟ ଖେଳୁନାହାନ୍ତି, ବିଶ୍ୱର ୯୯ ଭାଗ ଦେଶର ଜାତୀୟ ଦଳରେ ଉପସ୍ଥିତି ଜାହିର କରିଛନ୍ତି। ଏହି ତାଲିକାରେ ଏବେ ଯୋଡି ହୋଇଛନ୍ତି ଆଉ ଜଣେ ଖେଳାଳି ଆଦିତ୍ୟ ଅଶୋକ। ୨୩ ବର୍ଷୀୟ ଏହି ଲେଗ୍ ସ୍ପିନର ନ୍ୟୁଜିଲାଣ୍ଡ ସିନିଅର ଦଳରେ ସାମିଲ ହୋଇ ଭାରତରେ ଭାରତ ସହ ଦିନିକିଆ ସିରିଜ୍ ଖେଳିବାକୁ ଆସିଛନ୍ତି। ତାମିଲନାଡୁର ଭେଲୋରରେ ଜନ୍ମ ଗ୍ରହଣ କରିଥିବା ଓ ଅକ୍‌ଲାଣ୍ଡରେ ବଢ଼ିଥିବା ଏହି ଖେଳାଳି ଦୀର୍ଘଦିନ ନ୍ୟୁଜିଲାଣ୍ଡ ପକ୍ଷରୁ ଖେଳିବାକୁ ଯୋଜନା କରିଛନ୍ତି। ବିଶେଷ କରି ନ୍ୟୁଜିଲାଣ୍ଡ ସୀମିତ ଓଭର କ୍ରିକେଟ ଦଳର ଅବିଚ୍ଛେଦ୍ୟ ଅଙ୍ଗ ଇସ୍ ସୋଧୀଙ୍କ ଉତ୍ତରାଧିକାରୀ ଭାବେ ସେ ଏହି ଦଳକୁ ପ୍ରତିନିଧିତ୍ୱ କରିବେ ବୋଲି କହିଛନ୍ତି। ଆସନ୍ତା ରବିବାରଠାରୁ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବରୋଦାରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଏହା ପୂର୍ବରୁ ଆଜି ସେ ବରୋଦାରେ ଜୋରଦାର ଅଭ୍ୟାସ କରିଛନ୍ତି। ଅଭ୍ୟାସ ବେଳେ ତାମିଲନାଡୁର ସୁପରଷ୍ଟାର ରଜନୀକାନ୍ତଙ୍କ ଏକ ଚଳଚ୍ଚିତ୍ର ସଂଳାପ ତାଙ୍କ ହାତରେ ଟାଟୁ ହୋଇଥିବାର ଦେଖାଯାଇଥିଲା। ତାହା ହେଉଛି 'ଏନ୍ ଭାଜି ଥାନି ଭାଜି'। ଏହାର ଅର୍ଥ ହେଉଛି 'ମୋ ରାସ୍ତା ହେଉଛି ଅଦ୍ୱିତୀୟ ରାସ୍ତା'। ଏହି ସଂଳାପଟି ରଜନୀକାନ୍ତ ତାମିଲ ଚଳଚ୍ଚିତ୍ର ପାଦାୟାପ୍ପାରେ କହିଛନ୍ତି। ଏହା ଯେପରି ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିଲା, ଠିକ୍ ସେହିପରି ଅଶୋକଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପକାଇଛି। ପୂର୍ବରୁ ସେ ନ୍ୟୁଜିଲାଣ୍ଡ ପକ୍ଷରୁ ୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି।



ଅସ୍ମିତା ଭାରୋତ୍ତୋଳନ

# ପ୍ରଥମ ଦିନରେ ବନିତାଙ୍କୁ ୩ ରୌପ୍ୟ

ଭୁବନେଶ୍ୱର, ୯।୧(ସମିସ): ଉତ୍ତରପ୍ରଦେଶର ମୋଦିନଗରଠାରେ ଆଜିଠାରୁ ଆରମ୍ଭ ହୋଇଛି ଅସ୍ମିତା ଭାରୋତ୍ତୋଳନ ଲିଗ୍‌ର ଜାତୀୟ ପ୍ରତିଯୋଗିତା। ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶାର ବନିତା ନାଏକ ୪୮ କିଲୋଗ୍ରାମ ଶ୍ରେଣୀରେ ୩ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ସ୍ନାଚ୍‌ରେ ୬୦ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୭୮ କେଜି ଏବଂ ମୋଟରେ ୧୩୮ କେଜି ଓଜନ ଉଠାଇ ୩ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରତ୍ୟେକ ପଦକ ଲାଗି ୧୨,୦୦୦ ଲେଖାଏଁ ଟଙ୍କାର ପୁରସ୍କାର ମିଳିଛି। ଫଳରେ ପ୍ରଥମ ଦିନରେ ବନିତା ୩୬,୦୦୦ ଟଙ୍କାର ପୁରସ୍କାର ପାଇଛନ୍ତି। ସେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହାଇ ପରଫର୍ମାନ୍ସ ୱେଟ୍‌ଲିଫ୍ଟିଂ ସେଣ୍ଟରରେ ଅଭ୍ୟାସ କରୁଛନ୍ତି। ଓଡ଼ିଶା ଭାରୋତ୍ତୋଳନ ସଂଘର କର୍ମକର୍ତ୍ତାମାନେ ବନିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମହିଳା ହକି ଇଣ୍ଡିଆ ଲିଗ୍ ଫାଇନାଲ ଆଜି

ରାଞ୍ଚି, ୯।୧(ଏଜେନ୍ସି): ଦୀର୍ଘ ଦୁଇ ସପ୍ତାହର ଜୋରଦାର ଲଢ଼େଇ ପରେ ଆସନ୍ତାକାଲି ଏସ୍‌ଜି ପାଇପର୍ସ ଓ ଶ୍ରାଚି ବେଙ୍ଗଲ ଟାଇଗର୍ସ ମଧ୍ୟରେ ମହିଳା ହକି ଇଣ୍ଡିଆ ଲିଗ୍-୨୦୨୬ର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ସ୍ଥାନୀୟ ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ। ଏଥିରେ ଯେଉଁ ଦଳ ଚାମ୍ପିଅନ ହେବ ସେହି ଦଳ ୧.୫ କୋଟି ଟଙ୍କା ଓ ରନର୍ସ ଅପ୍ ଦଳକୁ ୧ କୋଟି ଟଙ୍କା ପୁରସ୍କାର ମିଳିବ। ଗତକାଲି ତୃତୀୟ ସ୍ଥାନ ଅଧିକାର କରିଥିବା ରାଞ୍ଚି ରୟାଲ୍ସକୁ ୫୦ ଲକ୍ଷ ଟଙ୍କା ପୁରସ୍କାର ମିଳିବ। ଏହା ବ୍ୟତୀତ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ଖେଳାଳିଙ୍କୁ ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ଏହା ବ୍ୟତୀତ ଶ୍ରେଷ୍ଠ ଗୋଲରକ୍ଷକ, ଉଦୀୟମାନ ଖେଳାଳି, ଟପ୍ ସ୍କୋରରଙ୍କୁ ୫ ଲକ୍ଷ ଲେଖାଏଁ ଟଙ୍କା ମଧ୍ୟ ପ୍ରଦାନ କରାଯିବ।

ମୁସ୍ତାଫିଜୁର ରହମନ ବିବାଦ

# ବାଂଲା ଖେଳାଳିଙ୍କ ଭାରତୀୟ ପ୍ରାୟୋଜକ ଓହରିଲେ



ନୂଆଦିଲ୍ଲୀ, ୯।୧(ଏଜେନ୍ସି)

ବାଂଲାଦେଶର ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲରୁ କୋଲ୍‌କାତା ନାଇଟ ରାଇଡର୍ସ ବିଦା କରିବା ପରେ ଯେଉଁ ସବୁ ବିବାଦ ସୃଷ୍ଟି ହେଉଛି ତାହାକୁ ନେଇ ତାଙ୍କ ଦେଶର ଖେଳାଳିମାନେ ପ୍ରବଳ ଚାପରେ ରହିଛନ୍ତି। ବାଂଲାଦେଶର ଅଧାରୁ ଅଧିକ ଅନ୍ତର୍ଜାତୀୟ ଖେଳାଳିଙ୍କ ପ୍ରାୟୋଜକ ରହିଛନ୍ତି ଭାରତୀୟ କିମ୍ବା ଭାରତରେ ଅବସ୍ଥିତ କମ୍ପାନୀ। ଭାରତରେ ଟି-୨୦ ବିଶ୍ୱକପ୍ ନ ଖେଳିବା ଲାଗି ବାଂଲାଦେଶ ସରକାର ଓ କ୍ରିକେଟ ବୋର୍ଡ ନିଷ୍ପତ୍ତି ନେବା ଓ ଭେନ୍ୟୁ ପରିବର୍ତ୍ତନ କରିବା ଲାଗି ଆଇସିସିକୁ ଅନୁରୋଧ କରିବା ପରେ ବାଂଲା ଖେଳାଳିଙ୍କ ଭାରତୀୟ ପ୍ରାୟୋଜକ ଓହରିଯାଉଛନ୍ତି। ଏହା ମଧ୍ୟରେ ପ୍ରଥମ ବଡ଼ ପ୍ରାୟୋଜକ ହେଉଛି ଏସ୍‌ଜି ବା ସାନ୍ସପାରେଲସ ଗ୍ରୀନ୍‌ଲାଣ୍ଡସ। ପ୍ରାୟୋଜକ ଭାବେ ଓହରିଯିବାକୁ ଏସ୍‌ଜି ପକ୍ଷରୁ ଏଯାଏ କୌଣସି ବିଧିବଦ୍ଧ ଘୋଷଣା କରାଯାଇ ନାହିଁ। କିନ୍ତୁ ଖେଳାଳିଙ୍କ ଏଜେଣ୍ଟଙ୍କୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ବାଂଲାଦେଶର ଟି-୨୦ ଅଧିନାୟକ ଲିଟନ ଦାସଙ୍କ ସହ ଏସ୍‌ଜି ବିପୁଳ ପରିମାଣ ଅର୍ଥରେ ପ୍ରାୟୋଜକ ରହିଛି। ଅନ୍ୟ କମ୍ପାନୀମାନେ ମଧ୍ୟ ଖେଳାଳିଙ୍କ ସହ ହୋଇଥିବା ରାଜିନାମାକୁ ନବୀକରଣ କରିବେ ନାହିଁ ବୋଲି ଅଣଆନୁଷ୍ଠାନିକ ସୂଚନା ଦେଇଛନ୍ତି।

ଅନ୍ୟ ପକ୍ଷରେ ମୁସ୍ତାଫିଜୁର ରହମନଙ୍କ ବିଦା ହେବା ଘଟଣାକୁ ନେଇ କେବଳ ଦୁଇ ଦେଶର କ୍ରିକେଟ ବୋର୍ଡ ନୁହେଁ ବରଂ ଦୁଇ ଦେଶର ରାଜନୈତିକ ଓ କୂଟନୈତିକ ସ୍ତରରେ ବିବାଦ ସୃଷ୍ଟି ହୋଇଛି। ଦିନକୁ ଦିନ ଏହି ବିବାଦ ବଢ଼ିବାରେ ଲାଗିଛି। ଭାରତ ସରକାର କିମ୍ବା ବିସିସିଆଇ ଏହି ଘଟଣାରେ ଚୁପ୍ ରହିବାକୁ ଉଚିତ ମନେ କରିଛନ୍ତି। ଦେଶ ଚଳାଇବା କିମ୍ବା ପ୍ରଶାସନିକ କ୍ଷେତ୍ରରେ ଅଭିଜ୍ଞତା ନ ଥିବା ବାଂଲାଦେଶର ବ୍ୟକ୍ତିବିଶେଷ ଉଗ୍ର ଜାତୀୟତାବାଦକୁ ନେଇ ଯେପରି ମନ୍ତବ୍ୟମାନ ଦେଉଛନ୍ତି ସେଥିରୁ ଏହି ଘଟଣା ଅଧିକ ବିବାଦୀୟ ହୋଇ ପଡୁଛି। ଭାରତରେ ନ ଖେଳିବା ଓ ଭେନ୍ୟୁ ପରିବର୍ତ୍ତନ କରିବାକୁ ବାଂଲାଦେଶ ଯେଉଁ ଆବେଦନ କରିଛି ତାହା ଉପରେ ଆଇସିସି ଏଯାଏ କୌଣସି ନିଷ୍ପତ୍ତି ନେଇ ନାହିଁ। ବରଂ ଭାରତରେ ଖେଳିବା ଲାଗି କ୍ରିକେଟ ବୋର୍ଡ ଯେଉଁ ସୁରକ୍ଷା ପ୍ରସଙ୍ଗ ଉଠାଇଛି, ସେଥିରେ କୌଣସି ବିପଦ ନ ଥିବା କଥା ଆଇସିସିର ହୃଦ୍‌ବୋଧ ହୋଇଛି। ଫଳରେ ବାଂଲାଦେଶର ଟି-୨୦ ବିଶ୍ୱକପ୍ କାର୍ଯ୍ୟକ୍ରମ ଏବେ ମଧ୍ୟ ଭାରତରେ ରହିଛି। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ।

ଏହି ଘଟଣାର ସମାଧାନର ସୂତ୍ର ବାହାରୁ ନ ଥିବାରୁ ବାଂଲାର ଖେଳାଳି ଓ ସପୋର୍ଟ୍‌ଷ୍ଟାଫ୍ ଅସ୍ଥିର ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏମାନେ କେଉଁଠି ମ୍ୟାଚ୍ ଖେଳିବେ, କି ପ୍ରକାର ପ୍ରସ୍ତୁତି କରିବେ ସେ ସମ୍ପର୍କରେ ସନ୍ଦିହାନ ରହିଛନ୍ତି। ଏଭଳି ସ୍ଥିତିରେ ବାଂଲାଦେଶର ଖେଳାଳି ଯେ କ୍ଷତିଗ୍ରସ୍ତ ହେଉଛନ୍ତି ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ।

ପୁରୁଷ ହକି ଇଣ୍ଡିଆ ଲିଗ୍

# ସୁଟ୍‌ଆଉଟ୍‌ରେ ଜିତିଲା ସୁରମା



ଚେନ୍ନଇ, ୯।୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍‌ର ଆଜି ଖେଳାଯାଇଥିବା ପ୍ରଥମ ମୁକାବିଲାରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍ ୩-୧ ସୁଟଆଉଟ ଗୋଷରେ ହାଇଦ୍ରାବାଦ୍ ତୁଫାନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ଖେଳରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ସମାନ ସ୍ତରରେ ରହିଥିଲେ। ଏହି ସମୟରେ ସୁରମା ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂହ ଓ ହାଇଦ୍ରାବାଦ୍ ପକ୍ଷରୁ ଓଡ଼ିଆ ଖେଳାଳି ଅମନଦୀପ ଲାକ୍ରା ଗୋଲ ସ୍କୋର କରିଥିଲେ। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିବାରୁ ଖେଳର ମୀମାଂସା ଲାଗି ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ସୁରମା ହକି କ୍ଲବ୍ ୩ଟି ଓ ହାଇଦ୍ରାବାଦ୍ ତୁଫାନ୍ସ ଗୋଟିଏ ଗୋଲ ସ୍କୋର କରିବାକୁ ସମର୍ଥ ହୋଇଥିଲା। ଏଥିରେ ସୁରମା ପକ୍ଷରୁ ହରମନପ୍ରୀତ୍ ସିଂହ ଓ ନିକୋଲାନ କିନନ ଗୋଲ ସ୍କୋର କରିଥିଲେ। ନିକୋଲସ ଡେଲା ଟୋରେଙ୍କ ସଟ୍‌କୁ ହାଇଦ୍ରାବାଦ୍ ଗୋଲକିପର ବିକ୍ରମଜିତ ସିଂହ ଷ୍ଟିକ୍ ଚେକ୍ ହେବାରୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ହରମନପ୍ରୀତ ଏହାକୁ ଗୋଲରେ ପରିଣତ କରି ସୁରମାକୁ ଏହି ଦମ୍‌ଦାର ବିଜୟ ସହ ବୋନସ ପଏଣ୍ଟ ଦେଇଥିଲେ। ଆଜିର ଦ୍ୱିତୀୟ ମ୍ୟାଚ୍ ଅମିତ ରୋହିଦାସଙ୍କ ତାମିଲନାଡୁ ଡ୍ରାଗନ୍ସ ସହ ଏସ୍‌ଜି ପାଇପର୍ସର ମୁକାବିଲା ଚାଲିଛି। ଏହି ମ୍ୟାଚ୍‌ରେ ଉଭୟ ଦଳ ସମାନ ସ୍ଥିତିରେ ରହିଛି। ତାମିଲନାଡୁ ଦଳ ଅଧିକ ଆକ୍ରମଣ କରିଛି। କିନ୍ତୁ ପାଇପର୍ସର ରକ୍ଷଣଭାଗ ମଧ୍ୟ ଦମ୍‌ଦାର ଖେଳ ପ୍ରଦର୍ଶନ କରି ଖେଳକୁ ସମାନ ସ୍ତରରେ ରଖିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS